THE SAKALA

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI

◆VOLUME- 43 ◆ISSUE-268 ◆FRIDAY ◆27 MARCH 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୨୬୮ ◆ଶୁକ୍ରବାର ◆୨୭ ମାର୍ଚ୍ଚ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ଖାର୍ଗରେ ଇରାନର ସମରସଜ୍ଜା

## ଆମେରିକାର ସମ୍ଭାବ୍ୟ ଆକ୍ରମଣ ପୂର୍ବରୁ ଖଞ୍ଜିଲା ମାଇନ୍ସ




■ ତେହେରାନ, ୨୬ ।୩ (ଏଜେନ୍ସି): ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ଆହୁରି ଭୟଙ୍କର ରୂପ ନେବାକୁ ଯାଉଛି । ଆମେରିକା ପକ୍ଷରୁ ସ୍ଥଳସେନା ଅଭିଯାନର ଆଶଙ୍କା କରି ଇରାନ ମଧ୍ୟ ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି । ରଣନୀତି ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଖାର୍ଗ ଦ୍ୱୀପ ଚାରିପଟେ ଇରାନ ମାଇନ୍ସ ବିଛାଇବା ସହ ଅତିରିକ୍ତ ସୈନ୍ୟ ମୁତୟନ କରିଛି । ଆମେରିକା ଗଣମାଧ୍ୟମର ସୂଚନା ଅନୁଯାୟୀ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଖାର୍ଗ ଦ୍ୱୀପକୁ ନିଜ ଦଖଲକୁ ନେବା ପାଇଁ ଯୋଜନା କରୁଛି । ଏହି ଦ୍ୱୀପକୁ କବ୍‌ଜା କରି ଇରାନ ଉପରେ ଚାପ ପକାଇବା ଏବଂ ହର୍ମୁଜ ପ୍ରଣାଳୀକୁ ସମ୍ପୂର୍ଣ୍ଣ ଖୋଲିବା ପାଇଁ ▸ପୃଷ୍ଠା-୭

## ଭାରତ ସମେତ ୫ ମିତ୍ର ରାଷ୍ଟ୍ରଙ୍କୁ ହର୍ମୁଜ ଖୋଲା

■ ନୂଆଦିଲ୍ଲୀ, ୨୬ ।୩ (ଏଜେନ୍ସି): ଜାରି ରହିଥିବା ମଧ୍ୟପ୍ରାଚ୍ୟ ଯୁଦ୍ଧ ମଧ୍ୟରେ ଇରାନ ଘୋଷଣା କରିଛି ଯେ 'ହର୍ମୁଜ ପ୍ରଣାଳୀ' ଦେଇ ଭାରତ ସମେତ ୫ଟି ମିତ୍ର ଦେଶର ଜାହାଜ ଚଳାଚଳ ଉପରେ କୌଣସି କଟକଣା ରହିବ ନାହିଁ । ଇରାନର ବୈଦେଶିକ ମନ୍ତ୍ରୀ ଆବ୍ବାସ ଅରାଘାଚି କହିଛନ୍ତି ଯେ ଭାରତ, ରୁଷ, ଚୀନ୍, ପାକିସ୍ତାନ ଓ ଇରାକ ପରି ଦେଶଗୁଡ଼ିକର ତୈଳ ଜାହାଜକୁ ନିରାପଦରେ ଯିବାକୁ ଅନୁମତି ଦିଆଯାଇଛି । ବାଂଲାଦେଶର ଜାହାଜକୁ ମଧ୍ୟ ଅନୁମତି ମିଳିପାରେ ବୋଲି ସେ ସୂଚନା ଦେଇଛନ୍ତି । ତେବେ ଆମେରିକା, ଇସ୍ରାଏଲ ଏବଂ ଯୁଦ୍ଧରେ ସମ୍ପୃକ୍ତ ଥିବା କିଛି ଉପସାଗରୀୟ ଦେଶ ପାଇଁ ଏହି ପଥ ବନ୍ଦ ରହିବ ବୋଲି ▸ପୃଷ୍ଠା-୭

## ମୁଖ୍ୟମନ୍ତ୍ରୀମାନଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ବୈଠକ ଆଜି

■ ନୂଆଦିଲ୍ଲୀ, ୨୬।୩: ପଶ୍ଚିମ ଏସିଆ ସଙ୍କଟ ପରିପ୍ରେକ୍ଷୀରେ ରାଜ୍ୟମାନେ କେତେ ପ୍ରସ୍ତୁତ ଅଛନ୍ତି, ସେ ସଂପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହିତ ଭିଡିଓ କନଫେରେନସିଂ ଜରିଆରେ ଆଲୋଚନା କରିବେ । ତେବେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଏଥିରେ ସାମିଲ ହେବେନାହିଁ । ପରବର୍ତ୍ତୀ ସମୟରେ କ୍ୟାବିନେଟ ସଚିବ ଏହି ରାଜ୍ୟର ମୁଖ୍ୟ ସଚିବମାନଙ୍କ ସହିତ ପୃଥକ ଆଲୋଚନା କରିବେ ବୋଲି ଜଣାପଡ଼ିଛି ।

# ମହଙ୍ଗା ହେବ ମଦ

- ଏପ୍ରିଲରୁ ନୂଆ ଅବକାରୀ ନୀତି
- ମଦ ଦୋକାନୀଙ୍କୁ ୩ ବର୍ଷିଆ ଲିଜ୍
- ପ୍ରତିବର୍ଷ ବଢ଼ିବ ୧୦% ଟିକସ
- ବଡ଼ଦାଣ୍ଡରେ ରହିବନି ମଦ ଦୋକାନ
- ସର୍ବନିମ୍ନ ବଦଳରେ ନିଶ୍ଚିତ କୋଟା
- ମଦ୍ୟପ ଦେବେ ଅଧ ପ୍ରତିଶତ 'ଡି-ଆଡିକ୍‌ସନ୍ ସେସ୍'

■ ଭୁବନେଶ୍ୱର, ୨୬।୩ (ସମିସ): ଏପ୍ରିଲ ୧ରୁ ରାଜ୍ୟରେ କାର୍ଯ୍ୟକାରୀ ହେବ ନୂଆ ଅବକାରୀ ନୀତି । ନୂଆ ଅବକାରୀ ନୀତି ଅନୁସାରେ ରାଜ୍ୟରେ ଆଉ ଠିପି ବନ୍ଦ ମଦ ଦୋକାନ ଖୋଲିବ ନାହିଁ । ତେବେ ଶିଳ୍ପାଞ୍ଚଳରେ ତିନି ତାରକାରୁ ଊର୍ଦ୍ଧ୍ୱ ହୋଟେଲ, କ୍ଲବ୍ ଆଦିରେ ଠିପି ଖୋଲା ମଦ ବିକ୍ରି ଅନୁମତି ମିଳିବ । ଅନୁରୂପ ଭାବରେ ମଦ ଦୋକାନ ପଟ୍ଟାଦାରଙ୍କୁ ଆସନ୍ତା ବର୍ଷଠାରୁ ବର୍ଷିକିଆ ଲିଜ୍ ବଦଳରେ ୩ ବର୍ଷ ପାଇଁ ଲିଜ୍ ମିଳିବ । ଦୋକାନ ପିଛା ଟିକସ ବର୍ଷକୁ ୧୦% ବୃଦ୍ଧି ପାଇବ । ସେହିପରି ମଦ୍ୟପାନର ଅପକାରିତା ପ୍ରଚାର ବାବଦ ▸ପୃଷ୍ଠା-୭



## ବାରବାଟୀରେ ଭାରତ-ଶ୍ରୀଲଙ୍କା ଟି-୨୦

କଟକର ବାରବାଟୀ ଷ୍ଟାଡିୟମ୍‌ରେ ଡିସେମ୍ବର ୨୪ ତାରିଖରେ ଭାରତ-ଶ୍ରୀଲଙ୍କା ଟି-୨୦ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଖେଳାଯିବ । ତିନିଟିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍ ୨୨ ତାରିଖରେ ରାଜକୋଟ୍ ଓ ତୃତୀୟ ମ୍ୟାଚ୍ ୨୭ ତାରିଖରେ ପୁଣେରେ ହେବ ।


SIKSHA 'O' ANUSANDHAN

SAAT-2026

Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.B. (H) - 3 Years
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 10th Best in Law Category
- 15th Best in University Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


## ଏସିଏଫ୍‌ଙ୍କ ମାଡ଼ରେ ଫରେଷ୍ଟଗାର୍ଡ ଲହୁଲୁହାଣ



ଗାଡ଼ି ଓଭରଟେକ୍ କରିବାରୁ ମାଡ଼

■ ବାଲେଶ୍ୱର, ୨୬।୩ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି କୁଲଡ଼ିହା ଫରେଷ୍ଟ ରେଞ୍ଜରେ ବନବିଭାଗର ଏସିଏଫ ଜଣେ ଫରେଷ୍ଟ ଗାର୍ଡଙ୍କୁ ନିର୍ମମ ଭାବେ ପିଟି ଲହୁଲୁହାଣ କରିବା ଘଟଣା ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି । ଗାଡ଼ି ଓଭରଟେକ୍ ଭଳି ସାଧାରଣ ଘଟଣାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା କୁହାଯାଉଛି । ସଂପୃକ୍ତ ଫରେଷ୍ଟଗାର୍ଡଙ୍କୁ ରେମୁଣାସ୍ଥିତ ଫକୀର ମୋହନ ମେଡ଼ିକାଲ କଲେଜ ଓ ହସପିଟାଲରେ ଭର୍ତ୍ତି କରାଯାଇଛି । ସେ ଏବେ ହସ୍ପିଟାଲ ଶଯ୍ୟାରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି । ▸ପୃଷ୍ଠା-୭

# ବିଧାୟକଙ୍କ ଦରମା ଓ ଭତ୍ତା ବିଲ୍ ପ୍ରତ୍ୟାହାର ପ୍ରକ୍ରିୟା ଆରମ୍ଭ



### ଚଳିତ ଅଧିବେଶନରେ ପୁଣି ଆସିବ ନୂଆ ଦରମା-ଭତ୍ତା ବିଲ୍


### ନୂଆ ବିଲ୍‌ରେ ଦରମା ଓ ପେନସନ ୨୫୦% ବୃଦ୍ଧି ସମ୍ଭାବନା

■ ଭୁବନେଶ୍ୱର, ୨୬।୩ (ସମିସ): ବିଧାୟକଙ୍କ ଦରମା, ଭତ୍ତା ଏବଂ ପେନସନ ସହ ବାଚସ୍ପତି, ଉପ ବାଚସ୍ପତି ଏବଂ ମନ୍ତ୍ରୀଙ୍କ ଦରମା ବୃଦ୍ଧି ସମ୍ପର୍କିତ ୪ଟି ବିଲକୁ ପ୍ରତ୍ୟାହାର କରିବାକୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି ରାଜ୍ୟ ସରକାର ।ଏନେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ବିଧାନସଭାର ଅନୁମତି ଲୋଡିଛନ୍ତି । ଗୁରବାର ବିଧାନସଭା ସଚିବ ସତ୍ୟବ୍ରତ ରାଉତ ସମସ୍ତ ବିଧାୟକଙ୍କୁ ଚିଠି ଲେଖି ଏନେଇ ଅବଗତ କରାଇଛନ୍ତି ।

ସୂଚନା ଅନୁସାରେ ସରକାର ଦରମା ଓ ଭତ୍ତା ବୃଦ୍ଧି ସଂକ୍ରାନ୍ତ ୪ଟି ବିଲ ପ୍ରତ୍ୟାହାର ପାଇଁ ଇଚ୍ଛା ପ୍ରକାଶ କରିଥିବା ସଂକ୍ରାନ୍ତରେ ବିଧାନସଭା ସଚିବ ବିଧାୟକମାନଙ୍କୁ ନୋଟିସ ଦେଇଛନ୍ତି । ଏଥିରେ ଓଡ଼ିଶା ବିଧାନସଭା ସଦସ୍ୟମାନଙ୍କ ଦରମା, ଭତ୍ତା ଓ ପେନସନ (ସଂଶୋଧନ) ବିଲ୍, ବାଚସ୍ପତିଙ୍କ ଦରମା ଓ ଭତ୍ତା (ସଂଶୋଧନ) ବିଲ୍, ଉପବାଚସ୍ପତିଙ୍କ ଦରମା ଓ ଭତ୍ତା (ସଂଶୋଧନ) ବିଲ୍ ଓ ମନ୍ତ୍ରୀମାନଙ୍କ ଦରମା ଓ ଭତ୍ତା (ସଂଶୋଧନ) ବିଲ୍ ରହିଛି । ଆସନ୍ତା ୩୦ ତାରିଖରେ ଏହି ୪ ବିଲ ପ୍ରତ୍ୟାହାର ପାଇଁ ଗୃହରେ ବିଧିବଦ୍ଧ ପ୍ରସ୍ତାବ ଆଗତ ହେବ ବୋଲି ବିଧାନସଭା ସୂତ୍ରରୁ ଜଣାପଡ଼ିଛି । ତେବେ ଏହି ଦରମା ଓ ଭତ୍ତା ବିଲ୍ ପ୍ରତ୍ୟାହାର ପରେ ସରକାର ନୂଆ ଦରମା ଓ ଭତ୍ତା ବୃଦ୍ଧି ସଂକ୍ରାନ୍ତ ଅନ୍ୟଲକ ସଂଶୋଧିତ ବିଲ୍ ଚଳିତ ଅଧିବେଶନରେ ଆଣିବାର ସମ୍ଭାବନା ଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି । ଦରମା ଓ ଭତ୍ତାରେ ୩୫୦% ବୃଦ୍ଧିକୁ ନେଇ ସାରା ରାଜ୍ୟରେ ପ୍ରତିକ୍ରିୟା ସୃଷ୍ଟି ହୋଇଥିବାରୁ ଏହାକୁ ହ୍ରାସ କରି ୨୫୦% ଅର୍ଥାତ୍ ଅଢ଼େଇଗୁଣ କରିବା ପାଇଁ ଏହି ▸ପୃଷ୍ଠା-୭








90 YEARS
TRUST IS TIMELESS

BHUBANESWAR: Janpath | Chandrasekharpur | Samantarapur | Soubhagya Nagar | ANGUL: Shankar Cinema Hall Road BERHAMPUR: Venkatraju Arcade, Sano Bazar CUTTACK: 558/834, Cantonment Road JAJPUR ROAD: Bank Street Road JHARSUGUDA: Sarbahal Road, Marwari Para PURI: Opp. Police Line, VIP Road ROURKELA: Kesar Bhawan, Main Road SAMBALPUR (Opening Shortly)

100% BIS Hallmarked HUID Pure Gold Jewellery | Fair Price Policy | Tested And Certified Diamonds | Lifetime Buyback Guarantee | 100% Exchange Of Old Gold | Free Insurance On Diamonds | Safe Gold Purchase Scheme

Khimjijewellers.com 1800 3131 777 FOLLOW US ON:

SCAN TO KNOW MORE





# ବସ୍-ଟ୍ରକ୍ ମୁହାଁମୁହିଁ ଧକ୍କା; ନିଆଁ ଲାଗିବାରୁ ୧୩ ମୃତ



ପ୍ରକାଶମ୍, ୨୬ ।୩(ଏଜେନ୍ସି): ଆନ୍ଧ୍ରପ୍ରଦେଶର ପ୍ରକାଶମ ଜିଲ୍ଲାରେ ଗୁରବାର ସକାଳେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଘରୋଇ ଯାତ୍ରୀବାହୀ ବସ୍ ଏବଂ ଗାଡ଼ି ବୋଝେଇ ଟ୍ରକ୍ (ଡମ୍ପର) ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଅତିକମ୍‌ରେ ୧୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୨ ଜଣ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ବସ୍‌ରେ ନିଆଁ ଲାଗିବା ଫଳରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଥିଲା। ପ୍ରକାଶମ ଜିଲ୍ଲାର ରାୟଭରମ ଗ୍ରାମ ନିକଟରେ ଗୁରୁବାର ସକାଳ ୬ରୁ ୬ଟା ୩୦ ମଧ୍ୟରେ ଏହି ଦୁର୍ଘଟଣା ଘଟିଥିଲା। ବସରେ ପ୍ରାୟ ୩୫ ଜଣ ଯାତ୍ରୀ ଥିଲେ। ମୁହାଁମୁହିଁ ଧକ୍କା ଫଳରେ ଉଭୟ ବସ୍ ଓ ଡମ୍ପରରେ ନିଆଁ ଲାଗିଯାଇଥିଲା। ପ୍ରାୟ ୩ ଘଣ୍ଟାର ପରିଶ୍ରମ ପରେ ଅଗ୍ନିଶମ ବାହିନୀ ନିଆଁକୁ ଆୟତ କରିଥିଲେ, କିନ୍ତୁ ସେତେବେଳେକୁ ବସ୍‌ଟି ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାରେ ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କା ଓ ଆହତଙ୍କ ପାଇଁ ୫୦, ୦୦୦ ଟଙ୍କାର ଅନୁକମ୍ପାମୂଳକ ରାଶିର ସହାୟତା ଘୋଷଣା କରିଛନ୍ତି। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍ ଚନ୍ଦ୍ରବାବୁ ନାଇଡୁ ମୃତକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଆହତମାନଙ୍କୁ ସମସ୍ତ ପ୍ରକାର ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅତ୍ୟଧିକ ବେଗ କିମ୍ବା ଡ୍ରାଇଭରଙ୍କ ତ୍ରୁଟି ଯୋଗୁଁ ଏହି ଦୁର୍ଘଟଣା ଘଟିଥାଏ ପାରେ ବୋଲି ସନ୍ଦେହ କରାଯାଉଛି। ଘଟଣାର ସବିଶେଷ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ବାଂଲାଦେଶରେ ନଦୀକୁ ଖସିଲା ବସ୍; ୨୬ ମୃତ

ରାଜବାରୀ, ୨୬ ।୩(ଏଜେନ୍ସି): ବାଂଲାଦେଶର ରାଜବାରୀ ଜିଲ୍ଲାରେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି। ଦୌଲତଦିଆ ଘାଟରେ ଫେରି ଅର୍ଥାତ ଡଙ୍ଗା ଉପରକୁ ଚଢୁଥିବା ସମୟରେ ଏକ ଯାତ୍ରୀବାହୀ ବସ୍ ନିୟନ୍ତ୍ରଣ ହରାଇ ପଦ୍ମା ନଦୀକୁ ଖସିପଡ଼ିଛି। ଏହି ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୨୬କୁ ବୃଦ୍ଧି ପାଇଛି। ବସ୍‌ରେ ପ୍ରାୟ ୪୦ ଜଣ ଯାତ୍ରୀ ଥିଲେ। ବୁଧବାର ସନ୍ଧ୍ୟାରେ ଏହି ଦୁର୍ଘଟଣା ଘଟିଥିଲା। ନିୟନ୍ତ୍ରଣ ହରାଇବା ପରେ ବସ୍‌ଟି ମାତ୍ର କେତେ ସେକେଣ୍ଡ ମଧ୍ୟରେ ନଦୀ ଗର୍ଭକୁ ଖସି ପଡ଼ିଥିଲା। ଯାତ୍ରୀମାନେ ଇଦ୍ ଛୁଟି ସାରି ରାଜବାରୀରୁ ଢ଼ାକା ଫେରୁଥିଲେ। ଅଗ୍ନିଶମ ବାହିନୀ ଅନୁଯାୟୀ, ବସ୍ ଭିତରୁ ୨୩ଟି ମୃତ ଦେହ ଉଦ୍ଧାର କରାଯାଇଛି। ସେଥି ମଧ୍ୟରେ ୧୧ଜଣ ମହିଳା, ୭ ଜଣ ପୁରୁଷ ଓ ୫ ଜଣ ଶିଶୁ ରହିଛନ୍ତି। ୮ ଜଣଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଥିବା ବେଳେ ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ୩ ଜଣଙ୍କର ମୃତ୍ୟୁ ଘଟିଛି। ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମ ବାହିନୀର ୪ଟି ଟିମ୍ ଓ ୧୦ ଜଣ ବୁଡ଼ାଳି ନିୟୋଜିତ ଥିଲେ। ସେହିପରି ସେନା, ପୁଲିସ, କୋଷ୍ଟ ଗାର୍ଡ ଓ ବିଆଇଡବ୍ଲ୍ୟୁଟିସିର ସଦସ୍ୟମାନେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିଲେ। ପ୍ରାୟ ୬ ଘଣ୍ଟା ପରିଶ୍ରମ ପରେ 'ହମଜା' ନାମକ ଜାହଜ ସାହାଯ୍ୟରେ ବସକୁ ନଦୀରୁ ଉଦ୍ଧାର କରାଯାଇଛି। ପ୍ରଧାନମନ୍ତ୍ରୀ ତାରିକ ରହେମାନ ଏହି ଘଟଣା ଗଭୀର ଶୋକ ପ୍ରକାଶ କରିବା ସହ ଉଦ୍ଧାର କାର୍ଯ୍ୟର ସୀମୀକ୍ଷା କରିଛନ୍ତି। ଦୁର୍ଘଟଣାର କାରଣ ଖୋଜିବା ପାଇଁ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ଉଚେନ ମୋ'ଙ୍କ ନେତୃତ୍ୱରେ ଏକ ୫ ଜଣିଆ ତଦନ୍ତ କମିଟି ଗଠନ କରାଯାଇଛି। ଏହି କମିଟିକୁ ୩ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# କୃଷ୍ଣ ସାଗରରେ ରୁଷୀୟ ତୈଳବାହୀ ଜାହାଜ ଉପରେ ଡ୍ରୋନ୍ ଆକ୍ରମଣ

ଅଙ୍କାରା, ୨୬ ।୩(ଏଜେନ୍ସି): ତୁର୍କୀ ଉପକୂଳରୁ କିଛି ଦୂରରେ କୃଷ୍ଣ ସାଗର ମଧ୍ୟରେ ଏକ ରୁଷୀୟ ଆଶୋଧିତ ତୈଳବାହୀ ଜାହାଜ ଉପରେ ଏକ ଡ୍ରୋନ୍ ବୋଟ୍ ସାହାଯ୍ୟରେ ଆକ୍ରମଣ କରାଯାଇଛି। ଏହି ଘଟଣାରେ ଜାହାଜର କ୍ଷତି ହୋଇଥିଲେ ମଧ୍ୟ ସମସ୍ତ କର୍ମଚାରୀ ସୁରକ୍ଷିତ ଅଛନ୍ତି। ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଥିବା ଏହି ଜାହାଜର ନାମ ଆଲଟୁରା। ଏହା ସିଏରା ଲିଓନ୍‌ର ପତାକା ଲଗାଇ ରୁଷର ନୋଭୋରୋସିସ୍କ ବନ୍ଦରରୁ ୧୦ ବ୍ୟାରେଲ ତୈଳ ନେଇ ଯାଉଥିଲା। ଇସ୍ତାନବୁଲ୍‌ର ବୋସ୍‌ଫୋରସ ପ୍ରଣାଳୀଠାରୁ ପ୍ରାୟ ୨୮ କିଲୋମିଟର ଦୂରରେ ଏହି ବିସ୍ଫୋରଣ ଘଟିଛି। ବିସ୍ଫୋରଣ ଯୋଗୁଁ ଜାହାଜର ଇଞ୍ଜିନ ରୁମ୍‌ରେ ପାଣି ପଶିଯାଇଥିଲା। ତେବେ ଜାହାଜରେ ଥିବା ସମସ୍ତ ୨୭ ଜଣ କର୍ମଚାରୀ ସୁରକ୍ଷିତ ଅଛନ୍ତି। ତୁର୍କୀ କୋଷ୍ଟ ଗାର୍ଡ ଓ ଜରୁରୀକାଳୀନ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ସହାୟତା ପ୍ରଦାନ କରିଛନ୍ତି। ଏହି ଜାହାଜଟି ତୁର୍କୀର ବେସିକ୍ଲାସ କମ୍ପାନୀ ମାଲିକାନାରେ ଅଛି ଏବଂ ଏହା ଉପରେ ୟୁରୋପୀୟ ସଂଘ ଓ ବ୍ରିଟେନ ପକ୍ଷରୁ କଟକଣା ଲଗାଯାଇଛି। ଚଳିତବର୍ଷ କୃଷ୍ଣ ସାଗରରେ ତୈଳବାହୀ ଜାହାଜ ଉପରେ ଏହା ଦ୍ୱିତୀୟ ଡ୍ରୋନ ଆକ୍ରମଣ। ଏହା ପୂର୍ବରୁ ଜାନୁଆରୀ ୨୦୨୬ରେ ମଧ୍ୟ ଏକ ରୁଷୀୟ ଜାହାଜ ଉପରେ ଆକ୍ରମଣ ହୋଇଥିଲା। ଏହି ଆକ୍ରମଣର ଜବାବରେ ରୁଷିଆ ପକ୍ଷରୁ କଡ଼ା ଜବାବ ଦିଆଯିବାର ଆଶଙ୍କା କରାଯାଉଛି। ଏହି ଅଞ୍ଚଳରେ ବାରମ୍ବାର ଆକ୍ରମଣ ଯୋଗୁଁ ସାମୁଦ୍ରିକ ବୀମା ଦର ବୃଦ୍ଧି ପାଇଛି, ଯାହା ବିଶ୍ୱ ତୈଳ ବାଣିଜ୍ୟ ଉପରେ ପ୍ରଭାବ ପକାଉଛି।

# ଅସ୍ତ୍ରବିରତି ପରେ ଯୁଦ୍ଧ: ପାକିସ୍ତାନର ସାମରିକ ପୋଷ୍ଟକୁ ଧ୍ୱଂସ କଲା ତାଲିବାନ

କାବୁଲ/ଇସଲାମାବାଦ୍, ୨୬ ।୩(ଏଜେନ୍ସି): ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଇଦ୍ ଉପଲକ୍ଷେ ହୋଇଥିବା ୫ ଦିନିଆ ଅସ୍ତ୍ରବିରତି ଶେଷ ହେବା ମାତ୍ରେ ପୁଣି ଥରେ ଭୟଙ୍କର ସଂଘର୍ଷ ଆରମ୍ଭ ହୋଇଛି। ବୁଧବାରଠାରୁ ସୀମାରେ ଦୁଇ ଦେଶର ସେନା ମଧ୍ୟରେ ଗୁଳି ବିନିମୟ ଜାରି ରହିଛି। ଏଥିରେ ଉଭୟ ପକ୍ଷରୁ ୩ ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଆଫଗାନ ଅଧିକାରୀଙ୍କ ଅନୁଯାୟୀ, ଅସ୍ତ୍ରବିରତି ଶେଷ ହେବା ମାତ୍ରେ ପାକିସ୍ତାନୀ ସେନା ନାରାଇ ଓ ସରକାନୋ ଅଞ୍ଚଳରେ ଗୋଳାବାରୁଦ ମାଡ଼ ଆରମ୍ଭ କରିଥିଲା। ଏହାର ଜବାବରେ ଆଫଗାନ ସୀମା ସୁରକ୍ଷା ବାହିନୀ ଆକ୍ରମଣ କରି ପାକିସ୍ତାନର ୩ଟି ସାମରିକ ପୋଷ୍ଟକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିଦେଇଛନ୍ତି। ଏହି ସଂଘର୍ଷରେ ଆଫଗାନିସ୍ତାନର ୨ ଜଣ ସାଧାରଣ ନାଗରିକଙ୍କର ମୃତ୍ୟୁ ଘଟିଥିବା ବେଳେ ପାକିସ୍ତାନ ପକ୍ଷରୁ ଜଣେ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ଉଲ୍ଲେଖଥାଉ କି, ଗତ ମାର୍ଚ୍ଚ ୧୭ ରାତିରେ ପାକିସ୍ତାନୀ ବାୟୁସେନାର କାବୁଲରେ ମିସାଇଲ ମାଡ଼ କରିଥିଲା। ଏହି ଆକ୍ରମଣରେ ଏକ ଡ୍ରଗ୍ସ ପୁନର୍ବାସ କେନ୍ଦ୍ର ଧ୍ୱଂସ ହୋଇଥିବା ଓ ପ୍ରାୟ ୪୦୦ ଜଣଙ୍କର ମୃତ୍ୟୁ ହୋଇଥିବା ତାଲିବାନ ଦାବି କରିଥିଲା। ଗତ ଫେବୃଆରୀ ୨୨ରୁ ଦୁଇ ଦେଶ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଛି। ସାଉଦି ଆରବ, ତୁର୍କୀ ଓ କତାର ମଧ୍ୟସ୍ଥତା କରି ଅସ୍ତ୍ରବିରତି କରାଇଥିଲେ ମଧ୍ୟ ସୀମାରେ ସ୍ଥିତି ସୁଧୁରିବା ପରିବର୍ତ୍ତେ ଜଟିଳ ହେବାରେ ଲାଗିଛି।

**ମଧ୍ୟପ୍ରାଚ୍ୟ ମହାଯୁଦ୍ଧ**

# ଇରାନକୁ ପୁଣି ଧମକାଇଲେ ଟ୍ରମ୍ପ

## ଆଲୋଚନା ଆରମ୍ଭ କର; ନଚେତ ଭୀଷଣ ଆକ୍ରମଣ

ୱାସିଂଟନ, ୨୬ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟ ।।ରେ ଯୁଦ୍ଧବିରତି ଲାଗି ବିଭିନ୍ନ ଆଡୁ ଚାପ ପଡୁଥିବା ବେଳେ ଆମେରିକା ଏବଂ ଇରାନ ନିଜ ନିଜ ଜିଦରେ ଅଟଳ ରହିଥିବାରୁ ଯୁଦ୍ଧ ଥମିବାର ସମ୍ଭାବନା ଦେଖାଯାଉନାହିଁ। ଏଭଳି ପରିସ୍ଥିତି ମଧ୍ୟରେ ପୁଣି ଇରାନକୁ ଧମକ ଦେଇଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ସେ କହିଛନ୍ତି ଯେ ଯୁଦ୍ଧବିରତି ଲାଗି ଆମେରିକା ଯେଉଁ ପ୍ରସ୍ତାବ ଦେଇଛି, ତାହା ଉପରେ ଇରାନ ତୁରନ୍ତ ଆଲୋଚନା ଆରମ୍ଭ କରୁ। ଏଥିରେ ବିଳମ୍ବ କଲେ ଇରାନ ଉପରେ ପ୍ରଚଣ୍ଡ ଆକ୍ରମଣ କରାଯିବ ବୋଲି ସେ ତାଙ୍କର ସାମାଜିକ ଗଣମାଧ୍ୟମ 'ଟ୍ରୁଥ୍ ସୋସିଆଲ'ରେ ଚେତାବନୀ ଦେଇଛନ୍ତି। ସେ ଉ।।ଲ୍ଲେଖ କରିଛନ୍ତି ଯେ ଯୁଦ୍ଧବିରତି ଲାଗି ଇରାନ ଭିକ ମାଗୁଛି, ଆମେ ପ୍ରସ୍ତାବ ଦେଲାପରେ ଏହାର ନେତାମାନେ ଅଲଗା କଥା କହୁଛନ୍ତି। ଏହା ଗ୍ରହଣୀୟ ନୁହେଁ।


ଏସଂପର୍କରେ ପ୍ରତିକ୍ରିୟା ପ୍ରକାଶ କରି ଇରାନର ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ ମଧ୍ୟସ୍ଥି ଜରିଆରେ ଆମେରିକା ଯେଉଁ ୧୫ ସୂତ୍ରୀ ପ୍ରସ୍ତାବ ଦେଇଛି, ତାହା ଇରାନ ପାଇଁ ଗ୍ରହଣୀୟ ନୁହେଁ। ଇରାନ ଏହାର ସାର୍ବଭୌମତ୍ୱର ସୁରକ୍ଷା ଲାଗି ଯୁଦ୍ଧ କରୁଛି ଏବଂ ଏଥିରେ ସାଲିସ କରାଯିବ ନାହିଁ। ଆମରିକାର ସର୍ତ୍ତରେ ଯୁଦ୍ଧବିରତି ସମ୍ଭବ ନୁହେଁ। ଅନ୍ୟପକ୍ଷରେ ଇରାନ ଯେଉଁ ୫ ସୂତ୍ରୀ ପ୍ରସ୍ତାବ ଦେଇଛି, ତାହା ଉପରେ ଆଲୋଚନା ହେଲେ ଯାଇ ଯୁଦ୍ଧବିରତି ସମ୍ଭବ ବୋଲି ସେ କହିଛନ୍ତି। ଇରାନର ସର୍ତ୍ତ ମଧ୍ୟରେ ରହିଛି ଭବିଷ୍ୟତରେ ଇରାନ ଉପରେ ଆକ୍ରମଣ ନକରିବାକୁ ଗ୍ୟାରେଣ୍ଟି, ଯୁଦ୍ଧ ପାଇଁ କ୍ଷତିପୂରଣ ଏବଂ ପୂର୍ବଭଳି ହର୍ମୁଜ ଉପରେ ଇରାନର କବ୍‌ଜା ରହିବ।

## ଆମେରିକାର ୧୬ ବିମାନ ନଷ୍ଟ, ରାଡାର ବ୍ୟବସ୍ଥା ଧ୍ୱସ୍ତ



ନୂଆଦିଲ୍ଲୀ, ୨୬ ।୩(ଏଜେନ୍ସି): ଫେବୃଆରୁ ୨୮ରୁ ଆମେରିକା-ଇସ୍ରାଏଲ ଓ ଇରାନ ମଧ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧ ପ୍ରାୟ ଏକ ମାସରେ ପହଞ୍ଚିଛି। ଏହି ସଂଘର୍ଷରେ ଆମେରିକାର ବାୟୁସେନା ଓ ନୌସେନାକୁ ଅପ୍ରତ୍ୟାଶିତ କ୍ଷତି ସହିବାକୁ ପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ଆମେରିକା ଏପର୍ଯ୍ୟନ୍ତ ଅତିକମ୍‌ରେ ୧୬ଟି ସାମରିକ ବିମାନ ହରାଇଥିବାବେଳେ ଏହାର ଅନେକ ଗୁରୁତ୍ୱପୂର୍ଣ୍ଣ ରାଡ଼ାର କେନ୍ଦ୍ର ଉପରେ ମଧ୍ୟ ଆକ୍ରମଣ ହୋଇଛି। ଯଦିଓ ଆମେରିକା- ଇସ୍ରାଏଲ ମିଳିତ ଭାବେ ଇରାନର ବାୟୁସେନାକୁ ପ୍ରାୟ ନିଶ୍ଚିହ୍ନ କରିଦେଇଛନ୍ତି, କିନ୍ତୁ ଇରାନ ଗ୍ରାଉଣ୍ଡ-ଟୁ- ଏୟାର ମିସାଇଲ ଏବଂ ଡ୍ରୋନ ବ୍ୟବସ୍ଥା ଆମେରିକା ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ବିଶ୍ୱର ସବୁଠାରୁ ଶକ୍ତିଶାଳୀ ତଥା ଦାମୀ ଯୁଦ୍ଧବିମାନ ଏଫ୍-୩୫ ଲାଇଟନିଂ ୨ ପ୍ରଥମଥର ପାଇଁ ଶତ୍ରୁ ପକ୍ଷରୁ ଆକ୍ରମଣ ଶିକାର ହୋଇଛି। ମାର୍ଚ୍ଚ ୧୯ରେ ଇରାନର ଏକ କ୍ଷେପଣାସ୍ତ୍ର ମାଡ଼ରେ ଏହି ବିମାନଟି କ୍ଷତିଗ୍ରସ୍ତ ହୋଇଥିଲା ଏବଂ ଏହାକୁ ଜରୁରୀକାଳୀନ ଅବତରଣ କରିବାକୁ ପଡ଼ିଥିଲା। ସେହିପରି ଆକାଶରେ ଅନ୍ୟଏକ ଯୁଦ୍ଧ ବିମାନକୁ ତେଲ ଯୋଗାଉଥିବା କେସି-୧୩୫ ଷ୍ଟ୍ରାଟୋଟାଙ୍କର ମଧ୍ୟ ଦୁର୍ଘଟଣାର ଶିକାର ହୋଇଛି। ମାର୍ଚ୍ଚ ୧୨ରେ ଇରାକରେ ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ୬ ଜଣ କର୍ମଚାରୀ ପ୍ରାଣ ହରାଇଥିଲେ। ଏହାଛଡ଼ା ସାଉଦି ଆରବର ଏୟାରବେସ୍ ଉପରେ ଇରାନର କ୍ଷେପଣାସ୍ତ୍ର ମାଡ଼ରେ ଅନ୍ୟ ଏହିପରି ୫ଟି ବିମାନ କ୍ଷତିଗ୍ରସ୍ତ ହୋଇଛି। ସେହିପରି ଏକ ଦୁଃଖଦ ଘଟଣାକ୍ରମରେ, କୁଏତ ଆକାଶରେ ଇରାନର ଡ୍ରୋନ ସହ ଲଢୁଥିବା ସମୟରେ କୁଏତର ବାୟୁରକ୍ଷା ପ୍ରଣାଳୀ ଭୁଲବଶତଃ ଆମେରିକାର ୩ଟି ଏଫ୍-୧୫ ବିମାନକୁ ଗୁଳି କରି ଖସାଇ ଦେଇଥିଲା। ସେହିପରି ଆମେରିକାର ପ୍ରାୟ ୧୨ଟି ଅତ୍ୟାଧୁନିକ ଏମ୍‌କ୍ୟୁ-୯ ରିପର ଡ୍ରୋନ ଇରାନର କ୍ଷେପଣାସ୍ତ୍ର ମାଡ଼ରେ କିମ୍ବା ଯାନ୍ତ୍ରିକ ତ୍ରୁଟି ଯୋଗୁଁ ନଷ୍ଟ ହୋଇଯାଇଛି। ବିମାନ ବ୍ୟତୀତ ଆମେରିକାର ଗୁରୁତ୍ୱପୂର୍ଣ୍ଣ ରାଡାର କେନ୍ଦ୍ରଗୁଡ଼ିକୁ ମଧ୍ୟ ଇରାନ ଟାର୍ଗେଟ କରିବାରେ ସଫଳ ହୋଇଛି। କାତାରରେ ୧.୧ ବିଲିୟନ ଡଲାର ମୂଲ୍ୟର ଦୂରଗାମୀ ଏଏନ୍/ଏଫ୍‌ପିଏସ୍-୧୩୨ ରାଡାର କ୍ଷତିଗ୍ରସ୍ତ ହୋଇଛି। ସେହିପରି ଜୋର୍ଡାନରେ ଥାଡ୍ କ୍ଷେପଣାସ୍ତ୍ର ପ୍ରତିରକ୍ଷା ବ୍ୟବସ୍ଥାର ମୁଖ୍ୟ ସେନସର ଏଏନ୍/ଟିପିୱାଇ-୨ ରାଡାର ସମ୍ପୂର୍ଣ୍ଣ ରୂପେ ଧ୍ୱଂସ ହୋଇଯାଇଛି। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଓ ସାଉଦି ଆରବରେ ମଧ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ରାଡାର ସାଇଟ୍ ଉପରେ ଆକ୍ରମଣ ହୋଇଛି।

## ଇରାନର ନୌସେନା ମୁଖ୍ୟ ଅଲିରେଜା ନିହତ: ଇସ୍ରାଏଲ



ତେହରାନ/ନୂଆଦିଲ୍ଲୀ, ୨୬ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ଚତୁର୍ଥ ସପ୍ତାହରେ ପହଞ୍ଚିଥିବା ବେଳେ ଇରାନ ପାଇଁ ଏକ ବଡ଼ ଦୁଃସମ୍ବାଦ ଆସିଛି। ଇରାନର ଶକ୍ତିଶାଳୀ ରିଭୋଲ୍ୟୁସନାରୀ ଗାର୍ଡ କୋର୍ପସ (ଆଇଆରଜିସି)ର ନୌସେନା ମୁଖ୍ୟ କମୋଡର ଅଲିରେଜା ତାଙ୍ଗସିରି ଇସ୍ରାଏଲ ଦ୍ୱାରା ହୋଇଥିବା ଏକ ଆକ୍ରମଣରେ ନିହତ ହୋଇଛନ୍ତି ବୋଲି ଇସ୍ରାଏଲର ଅଧିକାରୀ ଦାବି କରିଛନ୍ତି। ଇରାନର ଦକ୍ଷିଣ ଭାଗରେ ଥିବା ପ୍ରମୁଖ ବନ୍ଦର ସହର ଆବ୍ବାସରେ ଏହି ଆକ୍ରମଣ ହୋଇଥିଲା। ତାଙ୍ଗସିରି ହର୍ମୁଜ ପ୍ରଣାଳୀକୁ ବନ୍ଦ କରିବା ଏବ ପାରସ୍ୟ ଉପସାଗରରେ ଇରାନ ନୌସେନା କାର୍ଯ୍ୟକଳାପର ସମ୍ପୂର୍ଣ୍ଣ ଦାୟିତ୍ୱରେ ଥିଲେ। ତାଙ୍କ ମୃତ୍ୟୁ ଇରାନର ସାମରିକ ନେତୃତ୍ୱ ପାଇଁ ଏକ ଶକ୍ତ ଧକ୍କା ବୋଲି କୁହାଯାଇଛି। ତେବେ ଏପର୍ଯ୍ୟନ୍ତ ଇରାନ ପକ୍ଷରୁ ଏହି ଖବରକୁ ନେଇ ଆନୁଷ୍ଠାନିକ ଭାବେ କୌଣସି ସ୍ୱଷ୍ଟୀକରଣ ଦିଆଯାଇନାହିଁ। ତାଙ୍ଗସିରି ଇରାନର ବୁଶେହର ସହରରେ ଜନ୍ମଗ୍ରହଣ କରିଥିଲେ। ୧୯୮୦ ଇରାନ- ଇରାକ ଯୁଦ୍ଧରେ ଟ୍ୟାଙ୍କର ଯୁଦ୍ଧରୁ ହିଁ ସେ ସାମରିକ କ୍ଷେତ୍ରରେ ସକ୍ରିୟ ରହିଆସିଥିଲେ।୨୦୧୦ରୁ ୨୦୧୮ ମଧ୍ୟରେ ପର୍ଯ୍ୟନ୍ତ ଉପ-ମୁଖ୍ୟ ଭାବେ କାର୍ଯ୍ୟ କରିବା ପରେ ସେ ଆଇଆରଜିସି ନୌସେନାର ମୁଖ୍ୟ ଦାୟିତ୍ୱ ଗ୍ରହଣ କରିଥିଲେ। ଫେବୃଆରୀ ୨୮ରୁ ଆରମ୍ଭ ହୋଇଥିବା ଯୁଦ୍ଧରେ ଇରାନ ଏକାଧିକ ଶୀର୍ଷସ୍ତରର ନେତା ଆମେରିକା ଓ ଇସ୍ରାଏଲ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ସେମାନଙ୍କ ମଧ୍ୟରେ ସର୍ବୋଚ୍ଚ ନେତା ଆୟାତୁଲ୍ଲା ଖାମନେଇ, ଇରାନର ସୁରକ୍ଷା ମୁଖ୍ୟ ଅଲି ଲାରିଜାନି, ରିଭୋଲ୍ୟୁସନାରୀ ଗାର୍ଡର ମୁଖପାତ୍ର ଅଲି ମହମ୍ମଦ ନାଇନି ସାମିଲ ଅଛନ୍ତି।

## ଟ୍ରମ୍ପଙ୍କ ବାଚାଳାମି
## ଇରାନର 'ସୁପ୍ରିମ ଲିଡର' ହେବାକୁ ପ୍ରସ୍ତାବ ମିଳିଥିଲା

ୱାସିଂଟନ, ୨୬ ।୩(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଏକ ଅଜବ କଥା କହି ସମସ୍ତଙ୍କୁ ଚକିତ କରିଛନ୍ତି। ସେ କହିଛନ୍ତି ଯେ, ଇରାନ ନେତୃତ୍ୱ ତାଙ୍କୁ ସେହି ଦେଶର ପରବର୍ତ୍ତୀ 'ସୁପ୍ରିମ ଲିଡର' ଅର୍ଥାତ ସର୍ବୋଚ୍ଚ ନେତା ହେବା ପାଇଁ ପ୍ରସ୍ତାବ ଦେଇଥିଲେ, କିନ୍ତୁ ସେ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଏକ ପାଣ୍ଠି ସଂଗ୍ରହ କାର୍ଯ୍ୟକ୍ରମରେ ଯୋଗ ଦେଇ ଟ୍ରମ୍ପ କହିଛନ୍ତି ଯେ 'ସେମାନେ ମୋତେ ପରବର୍ତ୍ତୀ ସୁପ୍ରିମ ଲିଡର କରିବାକୁ ଚାହୁଁଥିଲେ। କିନ୍ତୁ ମୁଁ କହିଲି- ନା ଧନ୍ୟବାଦ। ମୋତେ ସେ ଚାକିରି ଦରକାର ନାହିଁ।' ଟ୍ରମ୍ପ ଦାବି କରିଛନ୍ତି ଯେ, ମଧ୍ୟପ୍ରାଚ୍ୟରେ ଆମେରିକା ଏକ ବଡ଼ ବିଜୟ ହାସଲ କରୁଛି ଏବଂ ଇରାନ ସାମରିକ ଶକ୍ତି ପ୍ରାୟ ଶେଷ ହୋଇସାରିଛି। ତାଙ୍କ ଅନୁଯାୟୀ, ଇରାନ ଯୁଦ୍ଧ ବନ୍ଦ କରିବା ପାଇଁ ବ୍ୟାକୁଳ ହୋଇପଡ଼ିଛି ଏବଂ ପଛ ଦ୍ୱାର ଦେଇ ଆଲୋଚନା ଜାରି ରଖିଛି।

## ଇରାନକୁ କଶ୍ମୀରରୁ ୧୮ କୋଟି ସହାୟତା; ବଢ଼ିଲା ଚିନ୍ତା

ଶ୍ରୀନଗର, ୨୬ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ଯୋଗୁଁ ପ୍ରଭାବିତ ଇରାନର ନାଗରିକଙ୍କୁ ସାହାଯ୍ୟ କରିବା ପାଇଁ କଶ୍ମୀର ଉପତ୍ୟାକାରେ ଏକ ବଡ଼ ଧରଣର ପାଣ୍ଠି ସଂଗ୍ରହ ଅଭିଯାନ ଚାଲିଛି। ମାତ୍ର ୨୦ ଦିନ ମଧ୍ୟରେ ପ୍ରାୟ ୧୮ କୋଟି ଟଙ୍କା ସଂଗ୍ରହ କରାଯାଇଛି। ଏବେ ଏହାକୁ ନେଇ ସୁରକ୍ଷା ଏଜେନ୍ସିଗୁଡ଼ିକର ଚିନ୍ତା ବଢ଼ିଛି। ପାଣ୍ଠି ସଂଗ୍ରହରେ ବୁଡ଼ଗାମ ଜିଲ୍ଲା ସବୁଠାରୁ ଆଗରେ ରହିଛି। ଏହି ଜିଲ୍ଲାରେ ସମୁଦାୟ ଅର୍ଥର ୮୫ ପ୍ରତିଶତ ସିଆ ସମ୍ପ୍ରଦାୟର ଲୋକେ ପ୍ରଦାନ କରିଛନ୍ତି। କଶ୍ମୀରର ସିଆ ବହୁଳ ଅଞ୍ଚଳ ବୁଡ଼ଗାମରୁ ସର୍ବାଧିକ ୯.୫ କୋଟି ଟଙ୍କା ସଂଗ୍ରହ କରାଯାଇଛି। ଲୋକମାନେ କେବଳ ନଗଦ ଟଙ୍କା ନୁହେଁ, ବରଂ ସୁନା, ରୂପା, ମୂଲ୍ୟବାନ ବାସନକୁସନ ଏବଂ ନିଜର ସଞ୍ଚିତ ଅର୍ଥ ପ୍ରଦାନ କରୁଛନ୍ତି। ଭାରତରେ ଥିବା ଇରାନ ଦୂତାବାସ ଏହି ସହାୟତା ପାଇଁ ଏକ ସ୍ୱତନ୍ତ୍ର ବ୍ୟାଙ୍କ ଆକାଉଣ୍ଟ ଏବଂ କ୍ୟୁଆର କୋଡ୍ ଜାରି କରିଛି, ଯାହା ଦ୍ୱାରା ଲୋକେ ସିଧାସଳଖ ୟୁପିଆଇ ମାଧ୍ୟମରେ ଟଙ୍କା ପଠାଇପାରିବେ। ତେବେ ସୁରକ୍ଷା ଏଜେନ୍ସିଗୁଡ଼ିକ ସନ୍ଦେହ କରୁଛନ୍ତି ଯେ ସଂଗୃହୀତ ଏହି ବିପୁଳ ପରିମାଣର ଅର୍ଥ ଆତଙ୍କବାଦ କାର୍ଯ୍ୟକଳାପରେ ବ୍ୟବହାର କରାଯାଇପାରେ।

## ହର୍ମୁଜ୍ ପରେ 'ବାବ୍ ଅଲ୍-ମାଣ୍ଡେବ' ବନ୍ଦ ପାଇଁ ଇରାନର ଧମକ

ନୂଆଦିଲ୍ଲୀ, ୨୬ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ଏବେ ଭୟଙ୍କର ରୂପ ନେଉଛି। ଇରାନ ଏବେ ହର୍ମୁଜ ପ୍ରଣାଳୀ ପରେ ବିଶ୍ୱର ଚତୁର୍ଥ ବୃହତ୍ତମ ଜଳପଥ 'ବାବ ଅଲ-ମାଣ୍ଡେବ'କୁ ବନ୍ଦ କରିବାକୁ ଧମକ ଦେଇଛି। ଇରାନ ଚେତାବନୀ ଦେଇଛି ଯେ ଯଦି ଆମେରିକା ଓ ଇସ୍ରାଏଲ ତା'ର ଦ୍ୱୀପଗୁଡ଼ିକ ବିଶେଷ କରି ଖାର୍ଗ ଦ୍ୱୀପ ଉପରେ ଆକ୍ରମଣ କରନ୍ତି, ତେବେ ସେ 'ବାବ ଅଲ-ମାଣ୍ଡେବ' ପ୍ରଣାଳୀକୁ ସମ୍ପୂର୍ଣ୍ଣ ଅବରୋଧ କରିଦେବ। ଏହି ସଂକୀର୍ଣ୍ଣ ଜଳପଥ ଲୋହିତ ସାଗରକୁ ଆଡେନ ଉପସାଗର ସହ ଯୋଡ଼ିଥାଏ। ଏହା ଏସିଆ, ଆଫ୍ରିକା ଓ ୟୁରୋପ ମଧ୍ୟରେ ବାଣିଜ୍ୟର ମୁଖ୍ୟ ମାଧ୍ୟମ। ବିଶ୍ୱର ପ୍ରାୟ ୧୨ ପ୍ରତିଶତ ସାମୁଦ୍ରିକ ତୈଳ ଓ ବିପୁଳ ପରିମାଣର ପ୍ରାକୃତିକ ଗ୍ୟାସ (ଏଲ୍‌ଏନ୍‌ଜି) ଏହି ପଥ ଦେଇ ଯାଇଥାଏ। ପ୍ରତିଦିନ ୮.୮ ମିଲିୟନ ବ୍ୟାରେଲ ତୈଳ ଏହି ପ୍ରଣାଳୀ ଦେଇ ପରିବହନ ହୋଇଥାଏ। ପ୍ରତିବର୍ଷ ଏହି ପଥ ଦେଇ ପ୍ରାୟ ୧ ଟ୍ରିଲିୟନ ଡଲାର ଅର୍ଥାତ ୯୪ ଲକ୍ଷ କୋଟି ଟଙ୍କାର ସାମଗ୍ରୀ ପରିବହନ ହୋଇଥାଏ। ଏହି ପ୍ରଣାଳୀ ନିକଟରେ ହୁତି ବିଦ୍ରୋହୀମାନେ ସକ୍ରିୟ ଅଛନ୍ତି, ଯାହାଙ୍କୁ ଇରାନ ସମର୍ଥନ କରୁଛି। ଯଦି ଏହି ପଥ ବନ୍ଦ ହୁଏ, ତେବେ ଜାହାଜଗୁଡ଼ିକୁ 'କେପ୍ ଅଫ୍ ଗୁଡ଼ ହୋପ୍' ଦେଇ ବୁଲିକି ଯିବାକୁ ପଡ଼ିବ। ଏହା ଦ୍ୱାରା ଯାତ୍ରା ସମୟ ୨୦ରୁ ୪୦ ଦିନ ବଢ଼ିଯିବ ଏବଂ ଜିନିଷପତ୍ରର ଦାମ ଆକାଶଛୁଆଁ ହେବ। କେବଳ ସେତିକି ନୁହେଁ, ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ଆହୁରି ବୃଦ୍ଧି ପାଇବ ବୋଲି ଆଶଙ୍କା ପ୍ରକାଶ ପାଇଛି।




## ମଧ୍ୟପ୍ରାଚ୍ୟ ଯୁଦ୍ଧରେ ସରି ଆସୁଛି ଆମେରିକୀୟ ଅସ୍ତ୍ରଶସ୍ତ୍ର

**ଇରାନ ଯୁଦ୍ଧରେ ଦୈନିକ ଖର୍ଚ୍ଚ ୨ ବିଲିୟନ ଡଲାର**

ୱାସିଂଟନ/ନୂଆଦିଲ୍ଲୀ, ୨୬ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ଯୋଗୁଁ ଆମେରିକା ନିଜର ସାମରିକ ପ୍ରାଥମିକତାରେ ପରିବର୍ତ୍ତନ କରିବାକୁ ବାଧ ହୋଇଛି। ଆମେରିକାର ପ୍ରତିରକ୍ଷା ବିଭାଗ ପେଣ୍ଟାଗନ ଏବେ ୟୁକ୍ରେନ ପାଇଁ ଉଦ୍ଦିଷ୍ଟ ଏୟାର ଡିଫେନ୍ସ ମିସାଇଲଗୁଡ଼ିକୁ ମଧ୍ୟପ୍ରାଚ୍ୟକୁ (ଇରାନ ସହିତ ଯୁଦ୍ଧ) ପଠାଇବା ପାଇଁ ବିଚାର କରୁଛି। ପୂର୍ବରୁ ୟୁକ୍ରେନ ପାଇଁ ନିର୍ଦ୍ଧାରିତ ହୋଇଥିବା ପାଟ୍ରିଅଟ୍ ଓ ଥାଡ୍ ଭଳି ଅତ୍ୟାଧୁନିକ କ୍ଷେପଣାସ୍ତ୍ରଗୁଡ଼ିକୁ ଏବେ ମଧ୍ୟପ୍ରାଚ୍ୟକୁ ପଠାଯିବାର ସମ୍ଭାବନା ସୃଷ୍ଟି ହୋଇଛି। ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି ଯେ, ଆମେରିକା ସମର୍ଥିତ ସେନା ମଧ୍ୟପ୍ରାଚ୍ୟରେ ମାତ୍ର ୩ ଦିନର ଯୁଦ୍ଧରେ ୮୦୦ରୁ ଅଧିକ ପାଟ୍ରିଅଟ ମିସାଇଲ ବ୍ୟବହାର କରିଛନ୍ତି, ଯାହାକି ୟୁକ୍ରେନକୁ ଗତ ୪ ବର୍ଷର ଯୁଦ୍ଧରେ ମିଳିଥିବା ମିସାଇଲ ସଂଖ୍ୟାଠାରୁ ଅଧିକ। ମିସାଇଲ ନିର୍ମାତା କମ୍ପାନୀ 'ଲକ୍‌ହିଡ୍ ମାର୍ଟିନ' ବର୍ଷକୁ ମାତ୍ର ୬୦୦ଟି ପିଏସି-୩ ମିସାଇଲ୍ ତିଆରି କରୁଛି, ଯାହାକି ବର୍ତ୍ତମାନର ଚାହିଦା ତୁଳନାରେ ନଗଣ୍ୟ। ଇରାନ ସହ ଚଳିତ ଯୁଦ୍ଧରେ ଆମେରିକା ଦୈନିକ ପ୍ରାୟ ୨ ବିଲିୟନ ଅର୍ଥାତ ୧୬, ୭୦୦ କୋଟି ଟଙ୍କା ଖର୍ଚ୍ଚ ହେଉଛି। ତେଣୁ ଏହି ଯୁଦ୍ଧ ଆମେରିକା ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ନିଜର ଅସ୍ତ୍ରଶସ୍ତ୍ର ପୂରଣ କରିବା ପାଇଁ ପେଣ୍ଟାଗନ ଆମେରିକୀୟ କଂଗ୍ରେସରେ ଅତିରିକ୍ତ ୨୦୦ ବିଲିୟନ ଡଲାର ଅର୍ଥ ଦାବି କରିଛି।

## ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆ ବିମାନ ଅଧାବାଟରୁ ଦିଲ୍ଲୀ ଫେରିଲା

ନୂଆଦିଲ୍ଲୀ, ୨୬ ।୩(ଏଜେନ୍ସି): ଲଣ୍ଡନ ଯାତ୍ରା କରୁଥିବା ଏକ ଏୟାର ଇଣ୍ଡିଆ ବିମାନ ଏଆଇ ୧୧୧ ଗୁରୁବାର ବୈଷୟିକ ତ୍ରୁଟି ଯୋଗୁଁ ସାଉଦି ଆରବ ଆକାଶରୁ ପଛକୁ ପଛକୁ ଫେରି ପୁଣି ଦିଲ୍ଲୀରେ ଅବତରଣ କରିଛି। ପ୍ରାୟ ୭ ଘଣ୍ଟା କାଳ ଆକାଶରେ ରହିବା ପରେ ବିମାନଟି ସୁରକ୍ଷିତ ଭାବେ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରକୁ ଫେରିଆସିଛି। ଏହି ଏ୩୫୦ ବିମାନଟି ଗୁରୁବାର ସକାଳ ୬.୧୩ରେ ଦିଲ୍ଲୀରୁ ଉଡ଼ାଣ ଭରିଥିଲା। ପ୍ରାୟ ୩, ୩୦୦ କିଲୋମିଟର ଯାତ୍ରା କରି ସାଉଦି ଆରବ ଉପରେ ଥିବା ବେଳେ ଏହା ପଛକୁ ଫେରିଥିଲା ଏବଂ ଅପରାହ୍ଣ ୧.୨୦ରେ ଦିଲ୍ଲୀରେ ପହଞ୍ଚିଥିଲା। ସୂତ୍ର ଅନୁସାରେ ବିମାନ ଭିତରେ କିଛି ଅସ୍ୱାଭାବିକ୍ ଶବ୍ଦ ଶୁଣାଯିବା ପରେ ଏହାକୁ ଫେରାଇ ଆଣିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏୟାର ଇଣ୍ଡିଆ ତରଫରୁ ଏହାକୁ ଏକ ସନ୍ଦେହଜନକ ବୈଷୟିକ ସମସ୍ୟା ବୋଲି କୁହାଯାଇଛି। ଏହି ସମାନ ବିମାନଟି ଗତ ମାର୍ଚ୍ଚ ୧୫ରେ ନ୍ୟୁୟର୍କ ଯାଉଥିବା ବେଳେ ବୈଷୟିକ ତ୍ରୁଟି ଯୋଗୁଁ ଆୟରଲ୍ୟାଣ୍ଡର ଶାନନକୁ ଡାଇଭର୍ଟ କରାଯାଇଥିଲା। ଗତ ଏକ ସପ୍ତାହ ମଧ୍ୟରେ ଏହା ଦ୍ୱିତୀୟଥର ପାଇଁ ଘଟିଛି ଯେଉଁଠି ଏୟାର ଇଣ୍ଡିଆ ବିମାନ ଅଧାବାଟରୁ ଫେରିଛି। ଏହାପୂର୍ବରୁ ଭାଙ୍କୁଭର ଅଭିମୁଖେ ଯାଉଥିବା ଏକ ବିମାନ ଚୀନ୍ ଆକାଶରୁ ଦିଲ୍ଲୀ ଫେରିଆସିଥିଲା।

## ଆମେରିକାରେ କାର୍ବନ ନିର୍ଗମନ; ବିଶ୍ୱରେ ୧୦ ଟ୍ରିଲିୟନ ଡଲାର କ୍ଷତି

**ପ୍ରଭାବିତ ଦେଶ ତାଲିକାରେ ଭାରତ ଆଗରେ**

ୱାସିଂଟନ/ନୂଆଦିଲ୍ଲୀ, ୨୬ ।୩(ଏଜେନ୍ସି): ଆମେରିକାରେ ହେଉଥିବା ଅତ୍ୟଧିକ କାର୍ବନ ନିର୍ଗମନ ଯୋଗୁଁ ୧୯୯୦ ପରଠାରୁ ବିଶ୍ୱ ଅର୍ଥନୀତିକୁ ପ୍ରାୟ ୧୦ ଟ୍ରିଲିୟନ ଡଲାରର କ୍ଷତି ସହିବାକୁ ପଡ଼ିଛି। ପ୍ରତିଷ୍ଠିତ ଜର୍ଣ୍ଣାଲ 'ନେଚର'ରେ ପ୍ରକାଶିତ ଏକ ଗବେଷଣାରେ ଏ ନେଇ ତଥ୍ୟ ପ୍ରକାଶିତ ହୋଇଛି। ଏହି କ୍ଷତିର ସବୁଠାରୁ ବଡ଼ ପ୍ରଭାବ ଗରିବ ଓ ବିକାଶଶୀଳ ଦେଶଗୁଡ଼ିକ ଉପରେ ପଡ଼ିଛି। ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ମାର୍ଶଲ ବର୍କଙ୍କ ନେତୃତ୍ୱରେ ହୋଇଥିବା ଅଧ୍ୟୟନ ଅନୁଯାୟୀ, ଗ୍ଲୋବାଲ ୱାର୍ମିଂ ପାଇଁ ଆମେରିକା ହେଉଛି ବିଶ୍ୱର ସବୁଠାରୁ ବଡ଼ ଆର୍ଥିକ କ୍ଷତିକାରକ ଦେଶ। ଆମେରିକାର ପ୍ରଦୂଷଣ ଯୋଗୁଁ ଭାରତକୁ ପ୍ରାୟ ୫୦୦ ବିଲିୟନ ଡଲାରର କ୍ଷତି ସହିବାକୁ ପଡ଼ିଛି। ଅର୍ଥାତ ଭାରତ ହିଁ ସବୁଠାରୁ କ୍ଷତି ସହିଛି। ସେହିପରି ବ୍ରାଜିଲ ପ୍ରାୟ ୩୩୦ ବିଲିୟନ ଡଲାର କ୍ଷତି ସହିଛି। ଆମେରିକା ପରେ ଚୀନ୍ ଦ୍ୱିତୀୟ ସ୍ଥାନରେ ରହିଛି, ଯାହାର କାର୍ବନ ନିର୍ଗମନ ଯୋଗୁଁ ବିଶ୍ୱରେ ପ୍ରାୟ ୨ ଟ୍ରିଲିୟନ ଡଲାର କ୍ଷତି ହୋଇଛି। ଅତ୍ୟଧିକ ତାପମାତ୍ରା ଯୋଗୁଁ ଶ୍ରମିକମାନଙ୍କ କାର୍ଯ୍ୟଦକ୍ଷତା ଓ କୃଷି ଉତ୍ପାଦନ ହ୍ରାସ ପାଉଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ନୂଆ ନୂଆ ରୋଗ ବ୍ୟାପୀବା ଏବଂ ଜନସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଚାପ ବଢ଼ିବା ଦ୍ୱାରା ଅର୍ଥନୀତି ପ୍ରଭାବିତ ହେଉଛି।

## ପଶ୍ଚିମବଙ୍ଗ ଏସ୍‌ଆଇଆର୍: କାଟିଦେଲେ ଆଉ ୧୩ ଲକ୍ଷ ନାମ

କୋଲକାତା, ୨୬ ।୩(ଏଜେନ୍ସି): ପଶ୍ଚିମବଙ୍ଗରେ ଜାରି ରହିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାର ପ୍ରଥମ ସପ୍ଲିମେଣ୍ଟାରୀ ତାଲିକା ପ୍ରକାଶିତ ହୋଇଛି। ଏହି ତାଲିକାରେ ପ୍ରାୟ ୧୩ ଲକ୍ଷ ଭୋଟରଙ୍କ ନାମ ବାଦ୍ ଦିଆଯାଇଛି। ଏହାକୁ ମିଶାଇ ରାଜ୍ୟରେ ଏପର୍ଯ୍ୟନ୍ତ ସମୁଦାୟ ୭୬ ଲକ୍ଷ ନାମ ଭୋଟର ତାଲିକାରୁ କଟାଯାଇ ସାରିଲାଣି। ଭୋଟରଙ୍କ କାଗଜପତ୍ର କିମ୍ବା ଯୋଗ୍ୟତା ଉପରେ ସନ୍ଦେହ ଥିବା 'ଅଣ୍ଡର ଆଡଜୁଡିକେଶନ' ବର୍ଗରେ ଥିବା ୬୦ ଲକ୍ଷ ନାମ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ନାମକୁ ବାଦ୍ ଦିଆଯାଇଛି। ପ୍ରାୟ ୨୮ ଲକ୍ଷ ନାମ ଏବେ ମଧ୍ୟ ବିଚାରାଧିନ ରହିଛି। ଏହି ମାମଲାଗୁଡ଼ିକର ଶୁଣାଣି ପାଇଁ ରାଜ୍ୟରେ ୭୦୫ ଜଣ ବିଚାର ବିଭାଗୀୟ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ଏଣିକି ପ୍ରତି ଶୁକ୍ରବାର ଦିନ ଏକ ନୂତନ ସପ୍ଲିମେଣ୍ଟାରୀ ତାଲିକା ପ୍ରକାଶ ପାଇବ। ଏଥିସହ ଭୋଟର ସଂଖ୍ୟାରେ ବଡ଼ ପରିବର୍ତ୍ତନ ହୋଇଛି। ପ୍ରଥମେ ୫୮ ଲକ୍ଷ ନାମ କଟାଯିବା ପରେ ଭୋଟର ସଂଖ୍ୟା ୭.୬୬ କୋଟିରୁ ହ୍ରାସ ପାଇଁ ୭.୦୮ କୋଟିରେ ପହଞ୍ଚିଥିଲା। ଫେବୃଆରୀ ୨୮ରେ ପ୍ରକାଶିତ ତାଲିକାରେ ଏହି ସଂଖ୍ୟା ଆହୁରି ହ୍ରାସ ପାଇ ପ୍ରାୟ ୭.୦୪ କୋଟିରେ ପହଞ୍ଚିଥିଲା।

## ବଡ଼ଦାଣ୍ଡରେ ଗଢୁଛି ଗରିବୀପଣିଆ

# କୋଳରେ ପିଲାକୁ ଧରି ହାତ ପାତୁଛି 'ସୁଭଦ୍ରା'

ପୁରୀ, ୨୬।୩ (ସମିସ): ଗରିବ, ନିଃସହାୟଙ୍କ ପାଇଁ ସରକାର ଅନେକ ଯୋଜନା କରିଛନ୍ତି। ସମସ୍ତଙ୍କ ମୁଣ୍ଡକୁ ଛାତ, ପେଟକୁ ଭାତ ଯୋଗାଇ ଦେଉଛନ୍ତି। ଦେଢ଼ବର୍ଷ ଭିତରେ 'ସୁଭଦ୍ରା' ଯୋଜନାରେ ଓଡ଼ିଶାର ଅନେକ ମହିଳା ଲକ୍ଷପତି ଆଉ ମହାଲକ୍ଷପତି ହେଲେଣି। ବିଭିନ୍ନ ସଭା ସମିତିରେ ଏମିତି ଗଳା ଫଟାଇ ଚିତ୍କାର କରୁଛନ୍ତି ନେତା, ମନ୍ତ୍ରୀ। ଅଧିକାରୀମାନେ ମଧ୍ୟ ଏଥିରେ ମୁଣ୍ଡ ଟୁଙ୍ଗାରୁଛନ୍ତି। ହେଲେ ବାସ୍ତବତା କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ। ଏବେ ବି ବହୁ ଲୋକ ଅଛନ୍ତି ଯିଏ ଦିହକୁ କନା, ପେଟକୁ ଦାନା ମୁଠାଏ ପାଇଁ ଅହରହ ସଂଘର୍ଷ କରୁଛନ୍ତି। ଆଉ ଏହି ସଂଘର୍ଷ ଏତେ ଲମ୍ବା ଯେ ଅନେକେ ନିଜ ଭିଟାମାଟିଠାରୁ ଦୂରେଇ ଯିବାକୁ ବାଧ୍ୟ ହେଉଛନ୍ତି, ଯାହାର ଏକ ନିଛକ ଚିତ୍ର ଦେଖିବାକୁ ମିଳିଛି ଶ୍ରୀମନ୍ଦିର ନିକଟରେ।

ଗୁରୁବାର ବଡ଼ଦାଣ୍ଡରେ ମୁଣ୍ଡ ଗଡ଼ାଉଥିବା ଜଣେ ମହିଳାର ଗରିବୀପଣିଆ ହିଁ ଏହା ସ୍ପଷ୍ଟ କରୁଥିଲା। ଚଇତି ଖରାରେ ନିଜର ନିଷ୍ପାପ ଶିଶୁକୁ କୋଳରେ ଧରି ହାତ ପାତୁଥିଲା ଜଣେ 'ସୁଭଦ୍ରା' ମା'। ସୁଦୂର ମୟୂରଭଞ୍ଜରୁ ଆସି ପୁରୀରେ ଭିକ୍ଷାବୃତ୍ତି କରୁଥିବା ଏହି ମହିଳା ହେଉଛନ୍ତି ବିଳାସିନୀ। ଯଦିଓ ପିଲା ପାଇଁ ଅନ୍ୟକୁ ହାତ ପତାଉଥିଲେ କିନ୍ତୁ ସେ ଥିଲେ ବେଶ୍ ସ୍ୱାଭିମାନୀ। କାରଣ ତାଙ୍କ ସମ୍ପୂର୍ଣ୍ଣ ପରିଚୟ ଦେବାକୁ ସେ ରାଜି ହୋଇ ନ ଥିଲେ। ଇଚ୍ଛା ହେଲେ କେହି ଟଙ୍କିଏ, ଦୁଇଟଙ୍କା ତାଙ୍କ ଗାମୁଛା ଉପରେ ପକାଇ ଆଗକୁ ଚାଲିଯାଉଥିଲେ। ହେଲେ ଦୁଃଖିନୀ ମା'ର ମୁହଁକୁ ଚାହିଁ ରହିଥିଲା ପିଲାଟି। ଏହି ଦୃଶ୍ୟ ଅନେକଙ୍କୁ ବ୍ୟଥିତ କରିଥିଲା।

ଏଠାରେ ପ୍ରଶ୍ନ ଉଠୁଛି, କୁଆଡ଼େ ଗଲା ନୀଳାଦ୍ରି ନିଳୟ ଯୋଜନା? ଏକଦା ପୁରୀ ସହରକୁ ଭିକାରୀମୁକ୍ତ କରିବା ଲାଗି ଏହି ଯୋଜନା ପରିକଳ୍ପନା କରାଯାଇଥିଲା। ସହରରେ ଥିବା ସମସ୍ତ ଭିକାରୀଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ନେଇ ପୂର୍ବ ସରକାର ସମୟରେ ଜିଲ୍ଲା ପ୍ରଶାସନ ଏହି ଯୋଜନା ଆରମ୍ଭ କରିଥିଲା। ରାଜ୍ୟର ପ୍ରଥମ ସହର ଭାବେ ୨୦୨୦ ମାର୍ଚ୍ଚରେ ପୁରୀରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଇଥିଲା। ବଡ଼ଦାଣ୍ଡ ହେଉ କିମ୍ବା ପାଖଆଖ ଅଞ୍ଚଳରେ ଭିକ୍ଷୁକମାନଙ୍କୁ ନୀଳାଦ୍ରି ନିଳୟ ଯୋଜନାରେ ଥଇଥାନ କରିବା ଥିଲା ଏହାର ମୂଳ ଉଦ୍ଦେଶ୍ୟ। ଏକାଧିକ ସ୍ଥାନରେ ଏଥିପାଇଁ ଆଶ୍ରୟସ୍ଥଳ ନିର୍ମାଣ କରାଯାଇ ଭିକ୍ଷୁକମାନଙ୍କୁ ନିଆଯାଇ ସେଠାରେ ରଖାଯାଉଥିଲା। ଏଥିପାଇଁ ସ୍ୱତନ୍ତ୍ର ଟିମ୍ ରହିଥିଲେ। ସେମାନେ ସହରସାରା ବୁଲି ଭିକ୍ଷାବୃତ୍ତି କରୁଥିବା



ଲୋକଙ୍କୁ ଆଣି ଆଶ୍ରୟସ୍ଥଳରେ ପହଞ୍ଚାଉଥିଲେ। ସେମାନଙ୍କୁ ଅତ୍ୟାବଶ୍ୟକ ସୁବିଧା ଯୋଗାଇ ଦିଆଯାଉଥିଲା। ଯୋଗ, ପ୍ରାଣାୟମ ସହ ସକାଳେ ଜଳଖିଆ, ମଧ୍ୟାହ୍ନ ଭୋଜନ, ରାତ୍ର ଭୋଜନ ମଧ୍ୟ ପ୍ରଦାନ କରାଯାଉଥିଲା। ଏପରିକି, ସେମାନେ ଯେପରି ଭିକ୍ଷାବୃତ୍ତି ଛାଡ଼ି ସମ୍ମାନର ସହ ସମାଜରେ ଯେପରି ବଞ୍ଚିପାରିବେ, ସେଥିଲାଗି ପ୍ରଶାସନ ପକ୍ଷରୁ ଧୂପକାଠି, ଝାଡୁ, ସିଏଫ୍ଏଲ୍ ବଲ୍ବ ତିଆରି ସହ ବିଭିନ୍ନ ପ୍ରକାର ଚିତ୍ରକଳା ପ୍ରସ୍ତୁତ କରିବାର ତାଲିମ ଦିଆଯାଉଥିଲା।

ତାଲିମପ୍ରାପ୍ତ ମହିଳା ଓ ପୁରୁଷମାନେ ଜୀବିକା ପାଇଁ ଏଭଳି ନାନା ପ୍ରକାରର ସାମଗ୍ରୀ ତିଆରି କରି ଅର୍ଥ ଉପାର୍ଜନ କରୁଥିଲେ। ଏପରିକି, ପରବର୍ତ୍ତୀ ସମୟରେ ଯେଉଁମାନେ ଇଚ୍ଛା କରୁଥିଲେ, ସେମାନଙ୍କୁ ସଠିକ୍ ଭାବେ କାଉନ୍ସେଲିଂ କରି ପରିବାରଲୋକଙ୍କ ଜିମା ଦିଆଯାଉଥିଲା। ହେଲେ ଏହି ଯୋଜନା ଏବେ ଏକପ୍ରକାର ବାଟବଣା ହୋଇଯାଇଛି। ପୁରୀ ସହର, ଏପରିକି ବଡ଼ଦାଣ୍ଡ ଏବଂ ଶ୍ରୀମନ୍ଦିର ନିକଟରେ ଭିକ୍ଷାବୃତ୍ତି କରୁଥିବା ଲୋକଙ୍କୁ ଦେଖିବାକୁ ମିଳୁଛି। ବିଳାସିନୀଙ୍କ ଭଳି ଗରିବ ଅସହାୟ ମହିଳାଙ୍କ ପାଇଁ କ'ଣ ସରକାରୀ ଯୋଜନା ନାହିଁ? ସେ କ'ଣ 'ସୁଭଦ୍ରା'ର ଜଣେ ହିତାଧିକାରୀ ନୁହଁନ୍ତି? ଏଭଳି ପ୍ରଶ୍ନ ସମସ୍ତଙ୍କ ଉଙ୍କି ମାରୁଥିବା ବେଳେ ତାଙ୍କ କୋଳରେ ଥିବା ନିଷ୍ପାପ ଶିଶୁଟିର ଭବିଷ୍ୟତ କ'ଣ ହେବ, ତାହା ସମସ୍ତ ଦେଖଣାହାରୀଙ୍କୁ ବିଚଳିତ କରିଛି।

# ୧ ପର୍ଯ୍ୟନ୍ତ କମିବନି କାଳବୈଶାଖୀ

ଭୁବନେଶ୍ୱର,୨୬।୩(ସମିସ): ଟ୍ରଫଲାଇନ୍ ପ୍ରଭାବରେ ରାଜ୍ୟର ଅନେକ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ପବନ ଜାରି ରହିଛି। କ୍ରମାଗତ ୩ ଦିନ ହେବ ଏହି ସ୍ଥିତି ଲାଗି ରହିଥିବାରୁ ବ୍ୟାପକ ସ୍ଥାନରେ ବର୍ଷା ପବନ ଜନିତ କ୍ଷୟକ୍ଷତି ଘଟୁଛି। ଦିନବେଳା ପ୍ରବଳ ଖରା ହେଉଥିଲେ ମଧ୍ୟ ଅପରାହ୍ଣ ପରେ ପାଗରେ ପରିବର୍ତ୍ତନ ଆସୁଛି ଓ ବିଜୁଳି ଘଡ଼ଘଡ଼ି ସହ ବର୍ଷା ପବନ ଅନୁଭୂତ ହେଉଛି। ଗତ ଦୁଇ ଦିନ ହେବ ଉତ୍ତର ଓଡ଼ିଶାର ଅଧିକାଂଶ ଅଞ୍ଚଳରେ ଏଭଳି ସ୍ଥିତି ଦେଖିବାକୁ ମିଳିଥିବା ବେଳେ ଗୁରୁବାର ଭୁବନେଶ୍ୱର ସମେତ କଟକ ଓ ଅନ୍ୟ କେତେକ ଅଞ୍ଚଳରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ପବନ ଅନୁଭୂତ ହୋଇଛି। ଏହି ସମୟରେ ସ୍ଥାନେ ସ୍ଥାନେ କୁଆପଥର ମାଡ଼ନେଇ ମଧ୍ୟ ସୂଚନା ମିଳିଛି।

ଗୁରୁବାର ଦିନ ବେଳା ପାଗ ସ୍ୱାଭାବିକ ରହିଥିଲା। ଅପରାହ୍ଣ ୪ ଟା ପରେ ରାଜଧାନୀ ଭୁବନେଶ୍ୱରରେ ହଠାତ ପାଗ ବଦଳିଥିଲା। ଆକାଶରେ ମେଘ ଘୋଟି ଆସିଥିଲା। ପ୍ରାୟ ୪ଟା ୪୫ ବେଳକୁ ପବନ ବହିବା ଆରମ୍ଭ ହେବା ସହ ଅଧଘଣ୍ଟା ଧରି ପବନ ବହିବା ସହ ଆକାଶରେ ବିଜୁଳି ଚମକୁଥିଲା। ବର୍ଷା ସମୟରେ ପବନର ବେଗ ମଧ୍ୟ ପ୍ରାୟ ୪୦-୫୦ କିମି ପର୍ଯ୍ୟନ୍ତ ପହଞ୍ଚିଥିଲା। କଟକରେ ମଧ୍ୟ ଅପରାହ୍ଣରେ କୁଆପଥର ମାଡ଼ ସହ ବର୍ଷା ପବନ ହୋଇଥିବା ସୂଚନା ମିଳିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଏଭଳି ସ୍ଥିତି ପ୍ରାୟ ୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଦିନ ବେଳା ଯେଉଁଦିନ ଅଧିକ ଗରମ ଗୁଳୁଗୁଳି ହେବ, ସେହିଦିନ କାଳବୈଶାଖୀର ଆଶଙ୍କା ଅଧିକ ରହିବ। ସାଧାରଣତଃ ମାର୍ଚ୍ଚ ଶେଷ ସପ୍ତାହରୁ ରାଜ୍ୟରେ କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିଥାଏ। ଉପକୂଳ ସମେତ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର କେତେକ ଜିଲ୍ଲାରେ କାଳବୈଶାଖୀ ସ୍ଥିତି ସୃଷ୍ଟି ହୁଏ। ଏହି ସମୟରେ ପବନ ଯୋଗୁଁ ଗଛ ଭାଙ୍ଗିବା ଓ ବିଜୁଳି, ଘଡ଼ଘଡ଼ିର ଆଶଙ୍କା ରହୁଥିବାରୁ ସତର୍କତା ଅବଲମ୍ବନ ପାଇଁ ପାଣିପାଗ କେନ୍ଦ୍ର ଓ ଏସଆରସିଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି।

ଗୁରୁବାର ୩୮.୮ ଡିଗ୍ରୀ ସହ ଝାରସୁଗୁଡ଼ା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିବା ବେଳେ ଟିଟିଲାଗଡ଼ ୩୮.୫, ସମ୍ବଲପୁର ୩୮.୪, ଭବାନୀପାଟଣାରେ ତାପମାତ୍ରା ୩୮.୨ ଡିଗ୍ରୀ ରେକର୍ଡ ହୋଇଛି। କାଳବୈଶାଖୀ ଜନିତ ସ୍ଥିତି ପାଇଁ ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାକୁ ଆଲର୍ଟ ଜାରି କରାଯାଇଥିବାରୁ ଏହି ସମୟରେ ସତର୍କତା ଅବଲମ୍ବନ କରିବାକୁ ଜିଲ୍ଲା ପ୍ରଶାସନକୁ ଏସ୍ଆରସିଙ୍କ କାର୍ଯ୍ୟାଳୟ ନିର୍ଦ୍ଦେଶ ଦେଇଛି। ପାଗକୁ ଦେଖି ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଥିବା ବେଳେ ଯଦି କାଳବୈଶାଖୀ ପ୍ରଭାବରେ କୌଣସି ସ୍ଥାନରେ କ୍ଷୟକ୍ଷତି ହୁଏ ତେବେ ତୁରନ୍ତ ରିପୋର୍ଟ ଦାଖଲ କରିବାକୁ ଜିଲ୍ଲା ପ୍ରଶାସନକୁ କୁହାଯାଇଛି।

## ନିଶା ଉଜାଡ଼ିଲା ପରିବାର

# ସଜନା ଛୁଇଁ ବିକ୍ରି ଟଙ୍କା ନ ଦେବାରୁ ବାପାକୁ ପିଟିପିଟି ହତ୍ୟା





ମୋରଡ଼ା, ୨୬।୩(ସମିସ): ନିଶା ପୁଣି ଏକ ପରିବାର ଉଜାଡ଼ିଛି। ସଜନା ଛୁଇଁ ବିକ୍ରି ବାବଦ ମାତ୍ର ୪୦୦ ଟଙ୍କା ନ ଦେବାରୁ ବାପାକୁ ଲୁହା ନଳୀ ଓ ବାଉଁଶରେ ପିଟିପିଟି ମାରିଦେଲା ନିଶାସକ୍ତ ପୁଅ। ମୋରଡ଼ା ଥାନା ଅଧୀନ ହଳଦୀପାଳ ପଞ୍ଚାୟତ ଲଦଡ଼ିହି ଗ୍ରାମରେ ଏହି ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ଗ୍ରାମର ଗୋବିନ୍ଦ ମାରାଣ୍ଡି। ପୁଲିସ ଗୋବିନ୍ଦଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହାସହ ଏହି ଘଟଣାରେ ଅଭିଯୁକ୍ତ ପୁଅ ମଧୁ ମାରାଣ୍ଡିକୁ ଗିରଫ କରିଛି। ଗୋବିନ୍ଦଙ୍କ ଝିଅଙ୍କ କହିବା ମୁତାବକ, ପ୍ରତିଦିନ ମଧୁ ନିଶା ଖାଇ ପରିବାରଲୋକଙ୍କ ସହ ଝଗଡ଼ା କରିଥାଏ। ନିଶା ପାଇଁ ଟଙ୍କା ନ ଦେଲେ ଘରଲୋକଙ୍କୁ ନିର୍ମମ ଭାବେ ମାରପିଟ୍ କରିଥାଏ। ବୁଧବାର ଦିନ ଗୋବିନ୍ଦ ବାଡ଼ିରେ ହୋଇଥିବା କିଛି ସଜନା ଛୁଇଁ ବିକ୍ରି କରିଥିବା ୪୦୦ଟଙ୍କା ଆଣିଥିଲେ। ଏ ବାବଦରେ ମଧୁ ଜାଣିବା ପରେ ତାଙ୍କୁ ଟଙ୍କା ମାଗିଥିଲା। କିନ୍ତୁ ଗୋବିନ୍ଦ ମନା କରିବାରୁ ନିଶାସକ୍ତ ମଧୁ ପାଖରେ ପଡ଼ିଥିବା ବାଉଁଶ କାଠ ଓ ଲୁହା ନଳୀରେ ପିଟିପିଟି ଗୋବିନ୍ଦଙ୍କୁ ହତ୍ୟା କରିଥିଲା। ଫାଣ୍ଡି ଅଧିକାରୀ ଭୀମସେନ ମଲ୍ଲିକ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ସହ ଆସାମୀ ମଧୁକୁ ଗିରଫ କରିଥିଲେ।

# ବାପାକୁ ହତ୍ୟା; ଜେଲ୍ ଗଲେ ୩ ପୁଅ



ମହୁଲଡିହା, ୨୬।୩ (ସମିସ): ସାଲେଇବେଡ଼ା ପଞ୍ଚାୟତ କାଶୀବେଡ଼ା ଗ୍ରାମରେ ବାପାକୁ ପିଟିପିଟି ହତ୍ୟା ଘଟଣାରେ ଅଭିଯୁକ୍ତ ୩ପୁଅଙ୍କୁ କୋର୍ଟଚାଲାଣ କରିଛି ଠାକୁରମୁଣ୍ଡା ଥାନା ପୁଲିସ। ସେମାନେ ହେଲେ, ତୁରାମ ଗାଗରାଇ (୨୮), ଈଶ୍ୱର ଗାଗରାଇ (୨୪) ଓ ପର୍ଶୁରାମ ଗାଗରାଇ (୨୧)। ଏନେଇ ଥାନାରେ ନମ୍ବର ୩୫/୨୬ରେ ଏକ ମାମଲା ରୁଜୁ ହୋଇଛି। ଗ୍ରାମର ସୁଲେ ଗାଗରାଇ ସବୁବେଳେ ନିଶା ଖାଇ ପରିବାରଲୋକଙ୍କ ସହ ଝଗଡ଼ା, ମାରପିଟ୍ କରୁଥିଲେ। ଗତ ୨୩ ତାରିଖରେ ସୁଲେ ନିଶାସକ୍ତ ଅବସ୍ଥାରେ ନିଜ ସ୍ତ୍ରୀଙ୍କୁ ମାଡ଼ ମାରି ରକ୍ତାକ୍ତ କରିଦେଇଥିଲେ। ମା' ପ୍ରତି ଏ ଅତ୍ୟାଚାର ଦେଖି ଘରେ ଥିବା ୩ ପୁଅଙ୍କ ମୁଣ୍ଡକୁ ପିତ୍ତ ଚଢ଼ି ଯାଇଥିଲା। ସେମାନେ ବାପା ସୁଲେଙ୍କୁ ଏକ ଠେଙ୍ଗାରେ ନିସ୍ଥୁକ ପିଟିଥିଲେ। ପରେ ସେମାନେ ଗୁରୁତର ସୁଲେଙ୍କୁ ଠାକୁରମୁଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଅଭିଯୁକ୍ତମାନେ ମଧ୍ୟ ଥାନାରେ ଆତ୍ମସମର୍ପଣ କରିଥିଲେ। ଆଜି ପୁଲିସ ସେମାନଙ୍କୁ କୋର୍ଟଚାଲାଣ କରିଛି। କିନ୍ତୁ ସେଠାରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ କରଞ୍ଜିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଅଷ୍ଟମ ଦିନରେ ବି ବିଧାନସଭା ଅଚଳ

- ଏସସିବି ଅଗ୍ନିକାଣ୍ଡ ମୃତକଙ୍କୁ ବିରୋଧୀଙ୍କ ଏକାଦଶାହ ଶ୍ରଦ୍ଧାଞ୍ଜଳି
- ଗୃହକାର୍ଯ୍ୟରେ ଯୋଗଦାନ କରିବାକୁ ଉପମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର,୨୬।୩(ସମିସ): ଗତ୧୬ ତାରିଖରେ ଏସସିବି ଅଗ୍ନିକାଣ୍ଡ ଘଟଣାରେ ୧୩ ଜଣଙ୍କ ଜୀବନ ଯାଇଥିବା ବେଳେ ଗୁରୁବାର ଏନେଇ ଭିନ୍ନ ଢଙ୍ଗରେ ପ୍ରତିବାଦ କରିଛନ୍ତି ବିରୋଧୀ ବିଜେଡି ଓ କଂଗ୍ରେସ। କ୍ରମାଗତ ଅଷ୍ଟମ ଦିନ ଗୃହ ଅଚଳ କରିବା ପରେ ବିରୋଧୀ ସଦସ୍ୟ ବିଧାନସଭା ପରିସରରେ ଏସ୍‌ସିବି ମୃତକମାନଙ୍କୁ ଏକାଦଶାହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏସ୍‌ସିବି ନିଆଁରେ ୧୩ ଜଣଙ୍କ ମୃତ୍ୟୁ ଘଟଣାକୁ ୧୧ ଦିନ ବିତିଥିବା ବେଳେ ଏଯାବତ୍ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦେଲେ ନାହିଁ, ଏସସିବି ଅଧିକ୍ଷକଙ୍କୁ ଗିରଫ କରାଗଲା ନାହିଁ। ରୋଗୀମାନଙ୍କ ମୃତ୍ୟୁ ସ୍ୱାଭାବିକ ନୁହେଁ, ନିଆଁରେ ସେମାନଙ୍କୁ ପୋଡ଼ି ହତ୍ୟା କରାଯାଇଛି । ତେଣୁ ଏସସିବି ଘଟଣାରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରାଗଲେ ଆଗାମୀ ଦିନରେ ରାଜ୍ୟର ଅନ୍ୟ ହସ୍ପିଟାଲରେ ଏପରି ଅଘଟଣ ଘଟିପାରେ। ତେଣୁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ବରଖାସ୍ତ ନ କରିବା ଯାଏଁ ପ୍ରତିବାଦ ଜାରି ରହିବ ବୋଲି ବିରୋଧୀ କହିଛନ୍ତି। ଅନ୍ୟପକ୍ଷରେ ଅଚଳାବସ୍ଥା ମଧ୍ୟରେ ଗୃହରେ ଶୂନ୍ୟକାଳ ଚାଲିଥିବା ବେଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିରୋଧୀଙ୍କୁ ଗୃହକାର୍ଯ୍ୟରେ ଅଂଶଗ୍ରହଣ କରିବାକୁ କରିଥିବା ଆହ୍ୱାନକୁ ବିରୋଧୀ ପ୍ରତ୍ୟାଖ୍ୟାନ କରିଛନ୍ତି ।

ଗୁରୁବାର ବିରୋଧୀ ଦଳ ବିଜେଡି, କଂଗ୍ରେସ ଓ ସିପିଆଇଏମ୍ ସଦସ୍ୟ ମାନେ ପ୍ରଶ୍ନକାଳ ଆରମ୍ଭରୁ ହଙ୍ଗାମା କରିଥିଲେ। ହାତରେ ପୋଷ୍ଟର ଧରି ଗୃହର ମଧ୍ୟ ଭାଗରେ ଜୋରଦାର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ବିଜେପି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ପ୍ରଶ୍ନର ଉତ୍ତର ମୁଖ୍ୟମନ୍ତ୍ରୀଙ୍କ ବଦଳରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ରଖୁଥିଲେ। ଗୃହର ଅସ୍ୱାଭାବିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ବାଚସ୍ପତି ଗୃହକୁ ୧୧ ଟା ୩୦ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଗୃହ ମୁଲତବୀ ହେବ ପରେ ବିରୋଧୀ ସଦସ୍ୟମାନେ ବିଧାନସଭା ପରିସରରେ ଏସସିବି ଅଗ୍ନିକାଣ୍ଡ ଘଟଣାରେ ମୃତ୧୩ ଜଣଙ୍କ ନାମ ଲେଖି ସେମାନଙ୍କୁ ପ୍ରତୀକାତ୍ମକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଜଣେ ପରେ ଜଣେ ବିଧାୟକ ଫୁଲ ଦେଇ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଥିବାର ଦେଖିବାକୁ ମିଳିଥିଲା। ବିଧାନସଭାରେ ମଧ୍ୟ ବିରୋଧୀ ସରକାରଙ୍କୁ ଏହି ପ୍ରସଙ୍ଗରେ ପୁଣି ଘେରିଥିଲେ। ପ୍ରଶ୍ନକାଳ ପରି ଶୂନ୍ୟକାଳ ମଧ୍ୟ ଅଚଳ କରିଥିଲେ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୂନ୍ୟକାଳରେ ବିରୋଧୀଙ୍କ ପ୍ରତିବାଦକୁ ସମାଲୋଚନା କରି କହିଥିଲେ ଯେ ଏସସିବି ଘଟଣାରେ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରିଛନ୍ତି। ତଥାପି ବିରୋଧୀ ଦଳମାନେ ଗୃହ କାର୍ଯ୍ୟରେ ସହଯୋଗ କରୁନାହାନ୍ତି। ଲଗାତାର ଅଷ୍ଟମ ଦିନରେ ଗୃହରେ ଅଚଳାବସ୍ଥା ଲାଗିରହିଛି। ବାଚସ୍ପତି ସର୍ବଦଳୀୟ ବୈଠକ ଡାକି ଆଲୋଚନା କରିଲେ ମଧ୍ୟ ବିରୋଧୀ ଦଳ ଶୁଣୁନାହାନ୍ତି। ଲୋକଙ୍କ ସମସ୍ୟା କଥା ଗୃହରେ ଆଲୋଚନା ହୋଇପାରୁନାହିଁ। ତେଣୁ ବିରୋଧୀ ଆଲୋଚନାକୁ ଆସନ୍ତୁ। ବିରୋଧୀ ସେମାନଙ୍କର ଦାୟିତ୍ୱ ନିର୍ବାହ କରନ୍ତୁ ବୋଲି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ। ଏହାରି ମଧ୍ୟରେ ବିରୋଧୀ ଦଳର ବିଧାୟକମାନେ କକ୍ଷତ୍ୟାଗ କରି ଚାଲିଯିବା ପରେ ବିଜେପି ବିଧାୟକ ଇରାଶିଶ୍ ଆଚାର୍ଯ୍ୟ, ସନାତନ ବିଜୁଳି, ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ଅମରେନ୍ଦ୍ର ଦାସ, ପଦ୍ମଲୋଚନ ପଣ୍ଡା ପ୍ରମୁଖ ବିରୋଧୀଙ୍କ ଆଚରଣକୁ ନିନ୍ଦା କରିଥିଲେ।

ଅପରପକ୍ଷେ ଆଜି ପବିତ୍ର ଅଶୋକାଷ୍ଟମୀ ଥିବାରୁ ଗୃହ କାର୍ଯ୍ୟସୂଚୀରେ ଥିବା ଗୃହ ଓ ନଗର ଉନ୍ନୟନ ବିଭାଗ ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଖର୍ଚ୍ଚଦାବି ଆସନ୍ତା ୩୦ ତାରିଖରେ ଗିଲୋଟିନ ମାଧ୍ୟମରେ ଗୃହୀତ କରିବାକୁ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରସ୍ତାବ ଆଣିଥିଲେ। ଏହାକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ସମର୍ଥନ କରିବା ପରେ ଆସନ୍ତା ୩୦ରେ ଉଭୟ ବିଭାଗର ଖର୍ଚ୍ଚଦାବି କିଲୋଟିନ ଆକାରରେ ପାରିତ ହେବ ବୋଲି ବାଚସ୍ପତି ଘୋଷଣା କରିଥିଲେ। ଏହାସହ୧୨ଟା ୩୮ ମିନିଟରୁ ଆସନ୍ତା ସୋମବାର ପର୍ଯ୍ୟନ୍ତ ବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରିଥିଲେ।

■ ଅଦାଲତଆଦେଶଅବମାନନା

# ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ହାଜର କରିବାକୁ ବଲାଙ୍ଗିର ଏସ୍‌ପିଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୨୬।୩(ସମିସ): ଅଦାଲତଙ୍କ ଆଦେଶ ଅବମାନନା ମାମଲାରେ ବଲାଙ୍ଗିର ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗଙ୍କୁ କୋର୍ଟରେ ହାଜର କରାଇବା ପାଇଁ ବଲାଙ୍ଗିର ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସମ୍ପୃକ୍ତ ଶିକ୍ଷାଧିକାରୀ ସତ୍ୟପାଠ ଦାଖଲ କରି ନ ଥିଲେ କି ଅଦାଲତରେ ବ୍ୟକ୍ତିଗତ ଭାବେ ହାଜର ହୋଇନଥିଲେ। ହାଇକୋର୍ଟ ଏନେଇ ଅସନ୍ତୋଷ ପ୍ରକାଶ କରିବା ସହ ସମ୍ପୃକ୍ତ ଅଧିକାରୀଙ୍କୁ ମାମଲାର ପରବର୍ତ୍ତୀ ଶୁଣାଣି ଦିନ ହାଜର କରାଇବାକୁ ଏସପିଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ନଳିନୀପ୍ରଭା ମିଶ୍ରଙ୍କ ପକ୍ଷରୁ ଦାୟର ଏକ ଅଦାଲତ ଅବମାନନା ମାମଲାର ଶୁଣାଣି କରି ଜଷ୍ଟିସ୍ ବି.ପି ରାଉତରାୟ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆସନ୍ତା ଏପ୍ରିଲ ୧୬ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି ଅଦାଲତ। ଶୁଣାଣି ସମୟରେ ସରକାରୀ ଓକିଲ ଦର୍ଶାଇଥିଲେ ଯେ ଏକ ଦୁର୍ଘଟଣା କାରଣରୁ ଜିଲ୍ଲା ଶିକ୍ଷା ଅଧିକାରୀ କୋର୍ଟରେ ଉପସ୍ଥିତ ହୋଇପାରିନାହାନ୍ତି। ମାତ୍ର ଦୁର୍ଘଟଣା ସମ୍ପର୍କରେ କୌଣସି ଲିଖିତ ପ୍ରମାଣ, ଚିଠି କିମ୍ବା ଆହତ ସମ୍ପର୍କିତ ତଥ୍ୟ ପ୍ରଦାନ କରାଯାଇନଥିବାରୁ ହାଇକୋର୍ଟ ଏହି କାରଣକୁ ଗ୍ରହଣ କରିନଥିଲେ। ପ୍ରକାଶ ଥାଉକି, ଏହି ଅଦାଲତ ଅବମାନନା ମାମଲାରେ ଗତ ଫେବୃଆରୀ ୧୨ରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଜବାବ ଦାଖଲ କରିବାକୁ ହାଇକୋର୍ଟ କହିଥିଲେ। ଏପରିକି, ଜବାବ ଦାଖଲ ନ କଲେ, ତାଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ ରହିଥିଲା। ମାତ୍ର ସେ ଜବାବ ଦାଖଲ କରିନଥିଲେ କି ହାଜର ମଧ୍ୟ ହୋଇନଥିଲେ।

# କାର୍ଯ୍ୟକାଳ ଶେଷ ପୂର୍ବରୁ ସରକାରୀ ଓକିଲଙ୍କୁ ବହିଷ୍କାର ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି ୧୩ରେ

**ହାଇକୋର୍ଟରେ ଏଜିଙ୍କ ଯୁକ୍ତି ଉପସ୍ଥାପନ**

କଟକ,୨୬।୩(ସମିସ): କାର୍ଯ୍ୟକାଳ ସରିନଥିଲେ ମଧ୍ୟ ପୂର୍ବରୁ ନିଯୁକ୍ତ ସରକାରୀ ଓକିଲମାନଙ୍କୁ ଅପସାରଣ କରାଯାଇ ନୂତନ ପ୍ୟାନେଲଙ୍କୁ ନିଯୁକ୍ତି ପ୍ରଦାନକୁ ଚାଲେଞ୍ଜ କରି ଦାୟର ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରୁଛନ୍ତି। ଏହି ମାମଲାରେ ଆଜି ସରକାରଙ୍କ ତରଫରୁ ଯୁକ୍ତି ଉପସ୍ଥାପନ ଆରମ୍ଭ ହୋଇଥିବା ବେଳେ ଏହାର ପୂର୍ଣ୍ଣାଙ୍ଗ ଶୁଣାଣି ଆସନ୍ତା ଏପ୍ରିଲ ୧୩କୁ ଧାର୍ଯ୍ୟ କରିଛନ୍ତି ହାଇକୋର୍ଟ। ଚିନ୍ତାମଣି ମେକାପ ଓ ଅନ୍ୟମାନଙ୍କ ପକ୍ଷରୁ ରୁଜୁ ଏକାଧିକ ଆବେଦନର ଏକତ୍ର ଶୁଣାଣି କରି ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ସରକାରଙ୍କ ପକ୍ଷରୁ ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଯୁକ୍ତି ଉପସ୍ଥାପନ କରିଛନ୍ତି।

ପ୍ରକାଶଥାଉକି, ଆବେଦନକାରୀଙ୍କୁ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସରକାରୀ ବିଭାଗରେ ଲ' ଅଫିସର୍, ପବ୍ଲିକ ପ୍ରସିକ୍ୟୁଟର୍, ଏଜିଏ ଭାବେ ଗତ ୨୦୨୪ ଜାନୁଆରି ୩୧ରେ ନିଯୁକ୍ତି ଦିଆଯାଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଓଡ଼ିଶା ଲ' ଅଫିସର୍ ରୁଲ୍-୧୯୭୧ ଅନୁସାରେ ସରକାରଙ୍କ ଦ୍ୱାରା ନିଯୁକ୍ତ ଏହି ଆଇନଜୀବୀମାନଙ୍କ କାର୍ଯ୍ୟକାଳ ୩ବର୍ଷ ଥିଲା। ହେଲେ ନୂତନ ସରକାର ଆସିବା ପରେ ସେମାନଙ୍କୁ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ଗତ ୨୦୨୫ ଅଗଷ୍ଟରୁ ଡିସେମ୍ବର ମଧ୍ୟରେ ବହିଷ୍କାର କରିଥିଲେ। ଆବେଦନକାରୀ ଦର୍ଶାଇଛନ୍ତି ଯେ ବିନା କୌଣସି କାରଣରେ କାର୍ଯ୍ୟକାଳ ପୂର୍ବରୁ ବହିଷ୍କାର କରିବା ଆଇନଗତ ଭାବେ ଗ୍ରହଣୀୟ ନୁହେଁ। ଏହି ପରିପ୍ରେକ୍ଷୀରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ 'କୁମାରୀ ଶ୍ରୀଲେଖା ବିଦ୍ୟାର୍ଥୀ' ମାମଲାର ରାୟକୁ ଆବେଦନକାରୀଙ୍କ ତରଫରୁ ହାଇକୋର୍ଟରେ ଉପସ୍ଥାପନ କରାଯାଇଥିଲା। ହାଇକୋର୍ଟ ଏହି ପ୍ରସଙ୍ଗରେ ପ୍ରାରମ୍ଭିକ ଶୁଣାଣି କରି ଗତ ଜାନୁଆରି ୫ରେ ସରକାରଙ୍କୁ ଜବାବ ରଖିବା ସହ ମାମଲାରେ ଯୁକ୍ତି ଉପସ୍ଥାପନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମିଳନ କାନୁନ୍‌ଗୋ ଓ ଆଇନଜୀବୀ ସୌମ୍ୟରଂଜନ ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

# ଟାୱାର୍ ଉପରେ ଚଢ଼ି ଯୁବକଙ୍କ ହାଇଡ୍ରାମା



ମୋରଡ଼ା,୨୬।୩(ସମିସ): ମୋବାଇଲ୍ ଟାୱାର୍‌ରେ ଚଢ଼ି ଜଣେ ମାନସିକ ଭିନ୍ନକ୍ଷମ ଯୁବକଙ୍କ ହାଇଡ୍ରାମା ମୋରଡ଼ା ଥାନା ଅଞ୍ଚଳରେ ଆଜି ଚର୍ଚ୍ଚାର ବିଷୟ ହୋଇଛି। ଯୁବକଙ୍କୁ ତଳକୁ ଓହ୍ଲାଇବା ପାଇଁ ପୁଲିସ ଅଗ୍ନିଶମ ବିଭାଗକୁ ୩ ଘଣ୍ଟା ଧରି ନାକେଦମ୍ ହେବାକୁ ପଡ଼ିଛି। ସୂଚନାନୁଯାୟୀ, ଆଜି ସକାଳ ପ୍ରାୟ ୭ଟାରେ ଚିତ୍ରଡ଼ା ବଜାର ନିକଟରେ ଏକ ମୋବାଇଲ୍ ଟାୱାର ଉପରକୁ ସୋନୁ ସୌରଭ ମହାନ୍ତ ନାମକ ଜଣେ ଯୁବକ ଚଢ଼ି ଯାଇଥିଲେ। ୧୫୦ ଫୁଟ୍ ଉଚ୍ଚ ଶୀର୍ଷକୁ

**ତିନି ଘଣ୍ଟା ଧରି ନାକେଦମ ପୁଲିସ ଓ ଅଗ୍ନିଶମ**

ଚଢ଼ି ସୋନୁ ତଳେ ଥିବା ଲୋକଙ୍କୁ ଡାକ ପକାଇଥିଲେ। ଏହା ଦେଖି ସେଠାରେ ଭିଡ଼ ଜମି ଯାଇଥିଲା। ଖବର ପାଇ ଚିତ୍ରଡ଼ା ଅଗ୍ନିଶମ ବାହିନୀ ଓ ଫାଣ୍ଡି ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ସେଠାରେ ଉପସ୍ଥିତ ସୋନୁଙ୍କ ସେମାନଙ୍କୁ ବାରଣ କରିଥିଲେ। କିଛି ସମୟ ପରେ ସୋନୁ ଆପେଆପେ ଟାୱାର୍‌ରୁ ଓହ୍ଲାଇ ଆସିବ ବୋଲି କହିଥିଲେ। ଏହା ଶୁଣି ପୁଲିସ ଓ ଅଗ୍ନିଶମ କର୍ମଚାରୀମାନେ ସେଠାରେ ପାଖାପାଖି ୩ ଘଣ୍ଟା ଧରି ଅପେକ୍ଷା କରିବା ପରେ ସୋନୁ ଓହ୍ଲାଇ ଆସିଥିଲା।

# ଖେଳୁଖେଳୁ ପୁଲିସକୁ ଗୁଳି!

- ଗୁରୁତର କର୍ମଚାରୀଙ୍କୁ କଟକ ସ୍ଥାନାନ୍ତର
- ଘଟଣା ଉପରେ ଘଣ୍ଟ ଘୋଡ଼ାଉଛି ପୁଲିସ

ବାସୁଦେବପୁର, ୨୬।୩ (ସମିସ): ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍, ଚୂଡ଼ାମଣି ସାମୁଦ୍ରିକ ଥାନା ଅଞ୍ଚଳରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ନାବାଳକ ଗୁଳିରେ ଜଣେ ପୁଲିସ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ, ସ୍ୱତନ୍ତ୍ର ପୁଲିସ ଅଧିକାରୀ (ଏସ୍‌ପିଓ) ମାନସ ସେଠୀ। ତାଙ୍କ ହାତରେ ଗୋଟିଏ ଗୁଳି ବାଜିଛି। ମାନସଙ୍କୁ ପ୍ରଥମେ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ, ସେଠାରେ ଅବସ୍ଥା ଉଦ୍‌ବେଗଜନକ ରହିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। କେନ୍ଦ୍ରାପଡ଼ାର ଜଣେ ବରିଷ୍ଠ ଅଧିକାରୀଙ୍କ ବନ୍ଧୁକରେ ଖେଳୁଖେଳୁ ନାବାଳକଜଣଙ୍କ ଭୁଲ୍‌ବଶତଃ ମାନସଙ୍କୁ ଗୁଳି କରିଥିବା ଚର୍ଚ୍ଚା ହେଉଛି। କିନ୍ତୁ ଏହି ଘଟଣାକୁ ପୁଲିସ ଚାପିବାକୁ ଉଦ୍ୟମ କରୁଛି। ଘଟଣା ପରଠାରୁ ଆହତ ମାନସଙ୍କୁ ଗଣମାଧ୍ୟମଠାରୁ ଦୂରରେ ରଖିବାକୁ ଚେଷ୍ଟା କରାଯାଉଛି। ଅପରପକ୍ଷେ, ପୁଲିସ ମଧ୍ୟ ଏ ବାବଦରେ ମୁହଁ ଖୋଲୁନାହିଁ। ଏନେଇ ଥାନାରେ ମଧ୍ୟ କୌଣସି ମାମଲା ହୋଇ ନଥିବା ଜଣାଯାଇଛି।

ସୂଚନାନୁଯାୟୀ, ଚୂଡ଼ାମଣିଜେଠି ଶିବ ମନ୍ଦିରରେ ଆଜି ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ୧୦ବର୍ଷ ପୁଅର ରୁଦ୍ରାଭିଷେକ ଚାଲିଥିଲା। କେନ୍ଦ୍ରାପଡ଼ାରେ କାର୍ଯ୍ୟରତ ଜଣେ ବରିଷ୍ଠ ପୁଲିସ ଅଧିକାରୀ ତଥା ନାବାଳକର ସଂପର୍କୀୟ ମାମୁ ସେଠାରେ ପହଞ୍ଚିଥିଲେ। ମନ୍ଦିରରେ ପୂଜାପାଠ ଚାଲିଥିବା ବେଳେ ରାସ୍ତାପାର୍ଶ୍ୱରେ ନିମନ୍ତ୍ରିତ ଅତିଥିମାନେ ପ୍ରସାଦ ସେବନ କରୁଥିଲେ। ଏହି ସମୟରେ ହଠାତ୍ ଏକ ଗୁଳି ଫୁଟିଥିଲା ଏବଂ ସେଠାରେ ଥିବା ସ୍ୱତନ୍ତ୍ର ପୁଲିସ ଅଧିକାରୀ (ଏସ୍‌ପିଓ) ମାନସ ସେଠୀଙ୍କ ହାତରୁ ରକ୍ତ ଝରିଥିଲା। କେହି କିଛି ବୁଝିବା ପୂର୍ବରୁ ସଙ୍ଗେସଙ୍ଗେ ମାନସଙ୍କୁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ନାବାଳକଜଣଙ୍କ ସଂପର୍କୀୟ ମାମୁଙ୍କ ବନ୍ଧୁକରେ ଖେଳୁଖେଳୁ ଏହି ଅଘଟଣ ଘଟିଥିବା ଚର୍ଚ୍ଚା ହେଉଥିବା ବେଳେ ପୁଲିସ ଏ ବାବଦରେ ମୁହଁ ଖୋଲୁନାହିଁ।






# ଧାନ ଟୋକନ ବାତିଲ ଯୋଗୁଁ ଚାଷୀଙ୍କ ଧାରଣା

ଖଇରା, ୨୬।୩(ସମିସ)

ଧାନ ବିକ୍ରି ପାଇଁ ମିଳିଥିବା ଟୋକନ ବାତିଲ ଯୋଗୁଁ ମହିଳା ସାମୁଖ୍ୟ ଏସ୍ଏଚ୍‌ଜି ଗୋଦାମ ଗୃହ ସମ୍ମୁଖରେ ନ୍ୟାୟ ଦାବିରେ ଚାଷୀମାନେ ଧାରଣା ଦେଇଥିବା ଦେଖିବାକୁ ମିଳିଛି। ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧିନ ରଟିଣା ମହିଳା ସାମୁଖ୍ୟ ଏସ୍ଏଚ୍‌ଜି ଗ୍ରୁପ୍ ଦ୍ୱାରା ଚାଷୀଙ୍କ ଠାରୁ ଧାନ କିଣିବାକୁ ଧାର୍ଯ୍ୟ କରାଯାଇଥିବା ବେଳେ ଅଞ୍ଚଳର ଚାଷୀମାନଙ୍କୁ ଧାନ ବିକ୍ରି ପାଇଁ ଜାନୁଆରୀ ୧୯ତାରିଖରୁ ଫେବୃଆରୀ ୨୧ତାରିଖ ଭିତରେ ସମସ୍ତ ଚାଷୀଙ୍କୁ ଟୋକନ ମିଳିଥିଲା। ହେଲେ ଚାଷୀଙ୍କ ଠାରୁ ଏସ୍ଏଚ୍‌ଜି ଗ୍ରୁପ୍ ଧାନ ନେଇନଥିଲା। ଚାଷୀମାନେ ପଚାରିବାରୁ ମାର୍ଚ୍ଚ ମାସରେ ନିଆଯିବ ବୋଲି କହିଥିଲେ। ହେଲେ ୪୪ଜଣ ଚାଷୀଙ୍କର ୧୧ଶହ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଧାନ ଟୋକନ ଠିକ ସମୟରେ ଧାନ ଦେଇନଥିବା କାରଣରୁ ବାତିଲ ହୋଇଥିବା ଚାଷୀମାନଙ୍କୁ ଗ୍ରୁପ ତରଫରୁ ସୂଚନା ଦିଆଯାଇଥିଲା। ଫଳରେ ଚାଷୀ ବିଦ୍ୟାଧର ଶତପଥୀ, ହରମୋହନ ମହାପାତ୍ର, ରାକେଶ କୁମାର ପାଢ଼ୀ, ଭରତ ଚନ୍ଦ୍ର ଦାସ, ବିଦ୍ୟାଧର ଦାସ, ସତ୍ୟାନନ୍ଦ ଦାସ, ବିଷ୍ଣୁପ୍ରିୟା ଜେନା, ବାବାଜି ଚରଣ ସାହୁ, ରମାକାନ୍ତ ଶତପଥୀ, ରତିକାନ୍ତ ସାହୁ, ହରେକୃଷ୍ଣ ମହାକୁଡ଼, ମଞ୍ଜୁଲତା ଦେହୁରୀ, ରବୀନ୍ଦ୍ର ଦାସ, ଉପେନ୍ଦ୍ର ମଲ୍ଲିକ, ରଘୁନାଥ ସାହୁ ପ୍ରମୁଖ ଆଜି ଗ୍ରୁପ ଗୋଦାମ ଗୃହ ସମ୍ମୁଖରେ ପୁର୍ନବାର ଟୋକନ ଦେବା ଦାବିରେ ଧାରଣା ଦେଇଥିଲେ। ଆଗାମୀ ଦିନରେ ସରକାର ଏଥିପ୍ରତି ଦୃଷ୍ଟି ନଦେଲେ ଚାଷୀମାନେ ଆତ୍ମାହୂତି ଦେବାକୁ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଧାନ କିଣିବାକୁ ଅଡା ତିରୁପତି ତିରୁମଲା ରାଇସ୍ ମିଲକୁ ମଞ୍ଜୁରୀ ମିଳିଥିବା ବେଳେ ସେ ଠିକ୍ ସମୟରେ



ଧାନ କିଣିନଥିଲେ ଫଳରେ ଚାଷୀଙ୍କ ଟୋକନ କଟିଛି ବୋଲି ଏସ୍ଏଚ୍‌ଜି ଗ୍ରୁପ୍ ସେକ୍ରେଟାରୀ ଛବିଲତା ମହାପାତ୍ର କହିବା ସହ ସେ ଉପରିସ୍ଥ ଅଧିକାରୀଙ୍କୁ ଏ ନେଇ ଲିଖିତ ଭାବେ ଜଣାଇଥିବା କହିଛନ୍ତି।

# ଧାନକିଣା ପଞ୍ଜୀକରଣ ଅବଧି ବୃଦ୍ଧି ପାଇଁ କୃଷକ ସଭାର ଦାବି

ଜଳେଶ୍ୱର, ୨୬।୩(ସମିସ): ରବି ଚାଷୀଙ୍କ ପଞ୍ଜୀକରଣ ଅବଧି ଶେଷ ହେଲା। କିନ୍ତୁ ବହୁ ଚାଷୀ ଧାନ ବିକ୍ରି ପାଇଁ ସେମାନଙ୍କର ନାମ ପଞ୍ଜୀକରଣ କରି ନପାରି ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏହି ସଙ୍ଗୀନ ପରିସ୍ଥିତିକୁ ଅନୁଭବ କରି ଓଡ଼ିଶା କୃଷକ ସଭାର ଜଳେଶ୍ୱର ବ୍ଲକ କମିଟି ତରଫରୁ ପଞ୍ଜୀକରଣ ଅବଧି ବୃଦ୍ଧି ନିମନ୍ତେ ଜଳେଶ୍ୱର ତହସିଲଦାରଙ୍କ ଜରିଆରେ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ସୂଚନା ଥାଉ କି, ସୋସାଇଟିରେ ଧାନ ବିକ୍ରି ପାଇଁ ରବି ଚାଷୀଙ୍କ ନାମ ପଞ୍ଜୀକରଣ ନିମନ୍ତେ ସରକାର ମାର୍ଚ୍ଚ ୨୫କୁ ଶେଷ ତାରିଖ ଭାବରେ ଧାର୍ଯ୍ୟ କରିଥିଲେ। ବହୁ ଚାଷୀ ସୋସାଇଟି ସମ୍ମୁଖରେ ଦିନରାତି ଧାଡ଼ିରେ ଛିଡ଼ା ହୋଇ ମଧ୍ୟ ନିଜ ନାମ ପଞ୍ଜୀକରଣ କରିବାରେ ବିଫଳ ହୋଇଛନ୍ତି। ଏହାର ପ୍ରମୁଖ କାରଣ ହେଲା ସମୟ ସୀମା କମ୍ ରହିବା। ଦ୍ୱିତୀୟରେ ଅଧିକାଂଶ ସମୟରେ ନେଟୱାର୍କ ନଥିବା ହେତୁ ପଞ୍ଜୀକରଣ ପ୍ରକ୍ରିୟା ମନ୍ଥର ଗତିରେ ଚାଲିଲା। ତୃତୀୟରେ ଲିଗାଲ୍ ହେୟାର ସାର୍ଟିଫିକେଟ ଯୋଗାଡ଼ କରି ଠିକ୍ ସମୟରେ ଦେଇ ନପାଇବା ହେତୁ ବହୁ ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି। ଫଳରେ ରବି



ଋତୁରେ ଯେଉଁମାନେ ଧାନ ଚାଷ କରନ୍ତି ସେମାନଙ୍କ ଭିତରେ ନୈରାଶ୍ୟ ସୃଷ୍ଟି ହୋଇଛି। କାରଣ ସରକାରୀ ଦରରେ ଧାନ ବିକ୍ରୟ କରିନପାରିଲେ ସେମାନେ ଚାଷରେ ବହୁ କ୍ଷତି ସହିବା ସହିତ ଋଣ ଯନ୍ତାରେ ପଡ଼ିବେ। ଏଣୁ ସରକାର ଏହି ପଞ୍ଜୀକରଣ ଅବଧିକୁ ଏପ୍ରିଲ ୧୫ ପର୍ଯ୍ୟନ୍ତ ବୃଦ୍ଧି କରିବା ସହିତ ଲିଗାଲ ହେୟାର ସାର୍ଟିଫିକେଟ କ୍ଷେତ୍ରରେ ଖରିଫ ଚାଷ ଭଳି କେବଳ ସ୍ୱ ଲିଖିତ ଘୋଷଣାନାମା ନେଇ ପଞ୍ଜୀକରଣ କରିବାକୁ ଓଡ଼ିଶା କୃଷକ ସଭା ପକ୍ଷରୁ ଦୃଢ଼ ଦାବି ଉପସ୍ଥାପନ କରାଯାଇଛି। ଦାବିପତ୍ର ଦେବା ସହିତ କୃଷକ ସଭାର ଏକ ପ୍ରତିନିଧି ଦଳ ଜଳେଶ୍ୱର ତହସିଲଦାରଙ୍କ ସହିତ ଏ ବିଷୟରେ ବିସ୍ତୃତ ଆଲୋଚନା କରିଛନ୍ତି। ପଞ୍ଜୀକରଣ ଅବଧି ବୃଦ୍ଧି କରାନଗଲେ କୃଷକ ସଭା ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବ ବୋଲି ରାଜ୍ୟ ସଭାପତି ସୀତାଂଶୁ ସେନାପତି, ଜିଲ୍ଲା ସମ୍ପାଦକ ଦିଲ୍ଲୀପ କୁମାର ଗିରି, ବ୍ଲକ ସଭାପତି ରବୀନ୍ଦ୍ର କୁମାର ବାରିକ, ସମ୍ପାଦକ ଜୀବନ ପରିଡ଼ା, ଦୀପ୍ତିମାନ ଆଚାର୍ଯ୍ୟ, ଦିଲ୍ଲୀପ ପରିଡ଼ା, ରାଜୀବ ପଣ୍ଡା, ପଲ୍ଟୁ ଦାସ, ଧୀରେନ୍ଦ୍ର ଦେ, ସବିତା ଭୂୟାଁ, ମିନତୀ ବାରିକ, ଚନ୍ଦନ ଶତପଥୀ, ସୁଷମା ବିବି, ଜଗନ୍ନାଥ ପରିଡ଼ା ପ୍ରମୁଖ ଚେତାବନୀ ଦେଇଛନ୍ତି।

## ଭୋଗରାଇ କଂଗ୍ରେସର ସାମ୍ବାଦିକ ସମ୍ମିଳନୀ

# ଧାନ ପଞ୍ଜୀକରଣ ଅବଧି ବୃଦ୍ଧି ନ ହେଲେ ଆନ୍ଦୋଳନ ଚେତାବନୀ

ଭୋଗରାଇ, ୨୬।୩(ସମିସ): ରବିଧାନ ପଞ୍ଜୀକରଣ ଅବଧି ୨୫ ତାରିଖ ସୁଦ୍ଧା ଶେଷ ହୋଇଛି। ମାତ୍ର ବହୁ ଚାଷୀ ବିଭାଗୀୟ ଅବହେଳା କାରଣରୁ ପଞ୍ଜୀକରଣ କରିପାରିନାହାନ୍ତି। ତେଣୁ ପଞ୍ଜୀକରଣ ଅବଧି ବୃଦ୍ଧି କରିବାକୁ ଭୋଗରାଇ କଂଗ୍ରେସ ଦାବି କରିଛି। ଯଦି ଅବଧି ବୃଦ୍ଧି ନହେବ ତେବେ ଚାଷୀଙ୍କ ସ୍ୱାର୍ଥ ଲାଗି ରାଜରାସ୍ତାକୁ ଓହ୍ଲାଇବା ସହ ଆନ୍ଦୋଳନ ଚେତାବନୀ ଦେଇଛି ବ୍ଲକ କଂଗ୍ରେସ।



ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକରେ ବହୁ ଚାଷୀ ସ୍ୱଳ୍ପ ସମୟ ମଧ୍ୟରେ ରବିଧାନ ବିକ୍ରୟ ଲାଗି ପଞ୍ଜୀକରଣ କରିପାରିନାହାନ୍ତି। ୧୯ଟି ସେବା ସମବାୟ ସମିତିରେ ୨୦ ହଜାର କ୍ୱିଣ୍ଟାଲ ଧାନ ଅଦ୍ୟାବଧି ସମିତି ଗୋଦାମଘର ନଥାଇ ଖୋଲା ଆକାଶ ତଳେ ଖରାବର୍ଷାରେ ମଣ୍ଡିରେ ପଡ଼ିରହିଛି। ବୁଧବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଭିନ୍ନ କାରଣରୁ ଚାଷୀ ପଞ୍ଜୀକରଣ କରିନପାରି ହତାଶ ଓ କ୍ଷୁବ୍ଧ ହୋଇଛନ୍ତି। ଏପରିକି କେତେକ ସେବା ସମବାୟ ସମିତି ସମ୍ମୁଖରେ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିବା ସୂଚନା ମିଳିଛି।

ସୂଚନାନୁଯାୟୀ, ରାଜ୍ୟ ସରକାର କୃଷି ଓ କୃଷକର ଉନ୍ନତି ନିମନ୍ତେ ସମବାୟ ସମିତିରେ ମିଲରଙ୍କ ଜରିଆରେ ଚାଷୀ ସିଧାସଳଖ ଧାନ କୁଇଣ୍ଟାଲ ପିଛା ୩୧ ଶହ ଟଙ୍କାରେ ବିକ୍ରି କରିପାରିବେ ବୋଲି କହିଥିଲେ। ଏଥିନିମନ୍ତେ ଚଳିତ ରବି ଋତୁରେ ଚାଷୀମାନେ ମାର୍ଚ୍ଚ ୧୩ ରୁ ୨୫ ତାରିଖ ପର୍ଯ୍ୟନ୍ତ ସମିତିରେ ଧାନ ବିକ୍ରି ଲାଗି ପଞ୍ଜିକରଣ କରିବା ବାଧ୍ୟତାମୂଳକ ବୋଲି ସରକାରୀ ବିଜ୍ଞପ୍ତିରେ ପ୍ରକାଶ ପାଇଛି। ବିଭିନ୍ନ ସମୟରେ କମ୍ପ୍ୟୁଟର ଲିଙ୍କ ଫେଲ, ଚାଷୀଙ୍କ ଲିଗାଲ ହେୟାର ବାଧକ ସାଜିବାରୁ ବହୁଚାଷୀ ନିଜ ଉତ୍ପାଦିତ ଶସ୍ୟକୁ ଉଚିତ ମୂଲ୍ୟରେ ବିକ୍ରିଲାଗି ସମୟ ସୀମା ମଧ୍ୟରେ ପଞ୍ଜୀକରଣ କରିପାରି ନଥିବାରୁ ଚାଷୀଙ୍କ ପୁଞ୍ଜିଭୂତ ଅସନ୍ତୋଷ କୁହୁଳିବାରେ ଲାଗିଛି। ରାଜ୍ୟ ସରକାର ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ଚାଷୀଙ୍କଠାରୁ ଧାନକ୍ରୟ ଓ ବିକ୍ରି ପଞ୍ଜୀକରଣ ଅବଧି ବୃଦ୍ଧି ସହିତ ଧାନ ଗୋଦାମଘର ନକଲେ ଭୋଗରାଇ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଗୁରୁବାର ଜଳେଶ୍ୱରପୁର କଂଗ୍ରେସ ଭବନରେ ସରକାରଙ୍କୁ ଚେତାବନୀ ଦେଇଥିଲେ।

ଏକ ସାମ୍ବାଦିକ ସମ୍ମିଳନୀରେ ଭୋଗରାଇ ବ୍ଲକ କଂଗ୍ରେସ ସଭାପତି ସନ୍ତୋଷ କୁମାର ଜେନା, ବରିଷ୍ଠ କଂଗ୍ରେସ ନେତା ଗୋପବନ୍ଧୁ ମହାପାତ୍ର, ସରପଞ୍ଚ ମମତା ସାହୁ, ଶିଶିର ଦାସ ମହାପାତ୍ର, ସୁଦର୍ଶନ ଜେନା, ରାଜେନ୍ଦ୍ର ଦଳାଇ, ରାଜେନ୍ଦ୍ର ପଣ୍ଡା, ପ୍ରଦୀପ ମାହାନ୍ତି, ପ୍ରଭୁଦୟାଲ ଜେନା, ଜୟଦେବ ଦାସ ପ୍ରମୁଖ ସାମିଲ ଥିଲେ। ପରେ ମୁଖ୍ୟମନ୍ତ୍ରୀ ଓ ଯୋଗାଣ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଚାଷୀଙ୍କ ପକ୍ଷରୁ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଭୋଗରାଇ ତହସିଲଦାର ସୂର୍ଯ୍ୟକାନ୍ତ ନାୟକଙ୍କୁ ପ୍ରତିନିଧିଦଳ ପ୍ରଦାନ କରିଥିଲେ।

# ଜଳେଶ୍ୱରରେ ମା' ବାସନ୍ତୀଙ୍କ ଅଷ୍ଟମୀ ପୂଜା

ଜଳେଶ୍ୱର, ୨୬।୩(ସମିସ): ଜଳେଶ୍ୱର ସହରର ଏକମାତ୍ର ସାର୍ବଜନୀନ ବାସନ୍ତୀକ ପୂଜା ଜଳେଶ୍ୱର ପୁରୁଣିଆ ବଜାରର ବାସନ୍ତୀ ପଡ଼ିଆଠାରେ ଦୀର୍ଘ ୫୭ବର୍ଷ ଧରି ସାର୍ବଜନୀନ ଭାବେ ପାଳିତ ହୋଇ ଆସୁଛି। ଗତ ୨୪ତାରିଖ ଠାରୁ ଅଧିବାସ ଓ ବିଲ୍ୱବରଣ ଓ ୨୫ତାରିଖ ଘଟ ଉତ୍ତୋଳନ ଓ ସପ୍ତମୀ ପୂଜା ଆରମ୍ଭ ହୋଇଛି। ୨୬ ତାରିଖରେ ଅଷ୍ଟମୀ ପୂଜା ସହିତ ଅଶୋକାଷ୍ଟମୀ ବ୍ରତ ପାଳନ ହୋଇଥିବା ବେଳେ ୨୭ ତାରିଖ ରାମନବମୀ ଉପଲକ୍ଷେ ଶ୍ରୀରାମ ନବମୀ ବ୍ରତ ପାଳନ କରାଯିବ। ୫ଦିନ ବ୍ୟାପି ହେବାକୁ ଥିବା ଏହି ପୂଜା ୨୮ତାରିଖ ଦିନ ଦଶମୀ ପୂଜା ପରେ ସମାପନ ସହିତ ଦେବୀଙ୍କର ବିସର୍ଜନ ପୂଜା ଅନୁଷ୍ଠିତ ହେବ।



ଚଳିତ ବର୍ଷ ପାଇଁ କମିଟି ସଭାପତି ଭାବେ କାଉନସିଲର ଚନ୍ଦନ କୁମାର ଦାସ, ସମ୍ପାଦକ ଦୁର୍ଜୟ ପାଣିଗ୍ରହୀ, ସଦସ୍ୟ ଶଙ୍କର ପାତ୍ର, ଅଶ୍ୱିନୀ କୁମାର କର, ବିଶ୍ୱନାଥ ସାହୁ, ଟୁଲୁ ପତି, କେଦାର ଗିରି, ତାରକ ମହାପାତ୍ର, ଗୌତମ ପ୍ରଧାନ ରହିଥିବା ବେଳେ ମୁଖ୍ୟ ପୂଜକ ଭାବେ ଶ୍ୟାମଶଙ୍କର ଧର, ସହ ପୂଜକ ସରୋଜ ପାଣିଗ୍ରହୀ ପ୍ରମୁଖ କାର୍ଯ୍ୟ ତୁଲାଉଛନ୍ତି। ସୁଉଚ୍ଚ ରଙ୍ଗବେରଙ୍ଗର ବିଦ୍ୟୁତ୍ ଆଲୋକର ତୋରଣ ସାଙ୍ଗକୁ ଭଜନ ସଂକୀର୍ତ୍ତନ, ସନ୍ଧ୍ୟାରେ ମେଲୋଡିର ସଙ୍ଗୀତ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରକାରର ଦୋକାନ ଓ ମୀନାବଜାରର କୋଳାହଳ ସହରବାସୀଙ୍କୁ ଚଳଚଞ୍ଚଳ କରୁଛି। ସହରରର ଏକ ମାତ୍ର ପୂଜା ହୋଇଥିବାରୁ ସହରବାସୀ ମହାଆନନ୍ଦରେ ଏହି ପର୍ବକୁ ପାଳନ କରିଥାନ୍ତି।

ସେହିଭଳି ଜଳେଶ୍ୱର ଷ୍ଟେସନ ବଜାର ବାସନ୍ତୀ ମଣ୍ଡପରେ ପୀଠ ପୂଜା ଭାବେ ଯଥାବିଧି ଅନୁଷ୍ଠିତ ହେଉଅଛି। ଜଳେଶ୍ୱର ବ୍ଲକର ଶାଳିକୋଠା, ପଶ୍ଚିମବାଡ, ରାୟାରାମଚନ୍ଦ୍ରପୁର, କନକାଇ ଚାଫଲା ଓ ବିଭିନ୍ନ ସ୍ଥାନରେ ଏହି ରାମନବମୀ ଦୁର୍ଗାପୂଜା ପୂଜା ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳନ କରାଯାଇଥିବା ବେଳେ ପୂଜା ମଣ୍ଡପ ଗୁଡିକରେ ଭକ୍ତଙ୍କ ଭିଡ ଲାଗିରହି ଥିବାର ଦେଖିବାକୁ ମିଳିଛି। ଚଳିତ ବର୍ଷ ଶିଖରପୁର ପଞ୍ଚାୟତର ଶିଖରପୁର ଚକହରୀ ଠାରେ ନୂତନ ବାସନ୍ତି ମାତାଙ୍କ ମନ୍ଦିର ପ୍ରତିଷ୍ଠା ହେବା ସହିତ ମାର୍ବଲରେ ନିର୍ମିତ ମାଡ଼ ବାସ୍ତନ୍ତୀ ମାତାଙ୍କ ସହିତ ପାର୍ଶ୍ୱ ଦେବାଦେବୀ ମୂର୍ତ୍ତି ପ୍ରତିଷ୍ଠା କରାଯାଇ ପୂଜାର୍ଚ୍ଚନା କରାଯାଉଛି।

# ବାଲିଆପାଳ ପୁରୁଣା ବସ୍‌ଷ୍ଟାଣ୍ଡରେ ବାସନ୍ତୀ ପୂଜା

କାଳିପଦା, ୨୬।୩(ସମିସ): ବାଲିଆପାଳ ଶ୍ରୀଦୁର୍ଗା କ୍ଲବ ଓ ବାଲିଆପାଳ ଥାନାର ମିଳିତ ସହଯୋଗରେ ବୁଧବାରଠୁ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ବାସନ୍ତୀ ଦୁର୍ଗାପୂଜା ଆରମ୍ଭ ହୋଇଛି। ଗୁରୁବାର ମହାଷ୍ଟମୀ ଥିବାରୁ ମହିଳା ଭକ୍ତଙ୍କ ଅଧିକ ଗହଳି ପରିଲକ୍ଷିତ ହୋଇଥିଲା। ଆସନ୍ତାକାଲି ରାମ ନବମୀ ସକାଶେ ଦେବୀଙ୍କର ସ୍ୱତନ୍ତ୍ର ପୂଜା, ହୋମ, ଯଜ୍ଞ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଠାରେ ବାସନ୍ତୀ ପୂଜା ବହୁ ପୁରାତନ।



ପୂର୍ବରୁ ପୂଜା ଅବସରରେ ବହୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଯାତ୍ରା ଅଭିନୟ ହେଉଥିଲା। ଏବେ ନିରାମ୍ବର ସହକାରେ ପୂଜା ଅନୁଷ୍ଠିତ ହେଉଛି। ପୂଜାକୁ ଥାନାଧିକାରୀ ସାଲଖନ ମୁର୍ମୁ ପରିଚାଳନା କରୁଥିବାବେଳେ ଶ୍ରୀଦୁର୍ଗା କ୍ଲବର ଭାସ୍କର ଚନ୍ଦ୍ର ସାହୁ, ପ୍ରିୟନାଥ ସେଠୀ, ଅଜିତ କୁମାର ପାତ୍ର, ଗିରିଶ ଚନ୍ଦ୍ର ପାତ୍ର, ମଧୁସୂଦନ ବାରିକ, ପ୍ରାଣକୃଷ୍ଣ ସାହୁ, ଅଜୟ କୁମାର ସାହୁ, ଗୋପାଳ ଚନ୍ଦ୍ର ଜେନା ପ୍ରମୁଖ ଏଥିରେ ସହଯୋଗ କରୁଛନ୍ତି।



ସାହାଡ଼ାରେ ୨୪ ବର୍ଷ ଧରି ବାସନ୍ତିକ ଦୁର୍ଗା ପୂଜା ଅନୁଷ୍ଠିତ

# ଶହେବର୍ଷ ଧରି ଚାଲିଛି ଚାଫଲା ବାସନ୍ତୀ ପୂଜା

ଜଳେଶ୍ୱର ବ୍ଲକ, ୨୬।୩(ସମିସ): ରାଇବଣିଆ ଅଞ୍ଚଳରେ ରାଇବଣିଆ ଓ ଚାଫଲା ଠାରେ ପୂଜା ପାଇଛନ୍ତି ମା ବାସନ୍ତୀଦୁର୍ଗା। ରାଇବଣିଆରେ ପୂଜା ୮୦ ବର୍ଷରେ ପଦାର୍ପଣ କରିଥିବା ବେଳେ ଚମାରଗାଁ ଗ୍ରାମ ପଞ୍ଚାୟତର ଚାଫଲା ହାଟ ପଡ଼ିଆ ଛକରେ ୧୦୦ ବର୍ଷ ଅତିକ୍ରମ କରିଛି। ସୁନ୍ଦର ଆଲୋକରେ ମଣ୍ଡପ ସୁସଜ୍ଜିତ ହୋଇଥିବାବେଳେ ସପ୍ତାହ ଧରି ଚାଲିଛି ମେଳା ଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ। ଦୂରଦୂରାନ୍ତରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟୁଛି। ରାଇବଣିଆ ପୂଜା କମିଟିର ସମ୍ପାଦକ ସୁକୁମାର ଘୋଷ, ସଭାପତି କିଶାରାମ୍ ମହାପାତ୍ର, କୋଷାଧ୍ୟକ୍ଷ ରବୀନ୍ଦ୍ର ଘୋଷ ମୁଖ୍ୟ ଭାବେ ପୂଜା ପରିଚାଳନା କରୁଥିବା ବେଳେ ଚାଫଲାରେ ଚାଲିଥିବା ମା ବାସନ୍ତିଙ୍କ ପୂଜାରେ ସମ୍ପାଦକ ମୋନରଞ୍ଜନ ଦେ, ସଭାପତି ବିଜୟ କୁମାର ବାଗ, ସହ ସମ୍ପାଦକ ରାମକୃଷ୍ଣ ଦାସ, ଅଜୟ ପ୍ରମାଣିକ,



ଜଗବନ୍ଧୁ କାମିଳା, ଲକ୍ଷ୍ମୀଧର ରାଉତ୍ ପ୍ରମୁଖ ଅନେକ ବ୍ୟକ୍ତି ପୂଜାକୁ ସୁରୁଖୁରୁରେ ପରିଚାଳନା ଦାୟିତ୍ୱ ତୁଲାଇ ଆସୁଛନ୍ତି।

# ବାଲିଆପାଳ ସେବା ସମବାୟ ସମିତିର ସାଧାରଣ ସଭା



କାଳିପଦା, ୨୬।୩(ସମିସ): ବାଲିଆପାଳ ସେବା ସମବାୟ ସମିତିର ୭୩ ତମ ବାର୍ଷିକ ସାଧାରଣ ସଭା ସୋମବାର ସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ସୁବ୍ରତ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ସାଧାରଣ ଅଧିବେଶନରେ ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାର ବ୍ୟାଙ୍କ ବାଲିଆପାଳ ଶାଖା ପରିଚାଳକ ଅରୁଣ କୁମାର ମାଇତି ଯୋଗଦେଇ ସରକାର ସମବାୟ ବ୍ୟାଙ୍କ ମାଧ୍ୟମରେ ସେବା ସମବାୟ ସମିତିର ସମସ୍ତ ଚାଷୀ ଓ ଜମା କାଶରୀ ତଥା ସମସ୍ତ ମେମ୍ବର ମାନଙ୍କୁ ଯୋଗାଇ ଦେଉଥିବା ସୁବିଧା ସୁଯୋଗ ବିଷୟରେ ଆଲୋଚନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସୁପର ଭାଇଜର ବସନ୍ତ କୁମାସର ଦେ ସମିତିର ସମ୍ପାଦକ ଦୀପକ କୁମାର ଦାସ ଯୋଗଦେଇ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିଥିଲେ।ସମିତି ର ଉପ ସଭାପତି ଛବିରାଣୀ ସାହୁ, ନିର୍ଦ୍ଦେଶକ ଅଜିତ କୁମାର ପାତ୍ର, ଧନଞ୍ଜୟ ସାହୁ, ଭୁବନ ମୋହନ ପିଳା, ଗଣେଶ ଚନ୍ଦ୍ର ପିଳା, ବିନୟ କୁମାର ଦାସ, କରୁଣାକର ସେଠି, ପୂର୍ଣ୍ଣ ଚନ୍ଦ୍ର ଦଳାଇ, ସୁଶାନ୍ତ ପାତ୍ର, ଗୋଲକ ବିହାରୀ ବେହେରା, ରାଜେଶ ପଟାୟତ, ରେବତୀ ପାତ୍ର ପ୍ରମୁଖ ୧୫ ଜଣ ଡ଼ାଇରେକ୍ଟର ଯୋଗଦେଇ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ।କର୍ମଚାରୀ ପରେଶ କୁମାର କର, ଆସ୍ତିକ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବସ୍ତା ଷ୍ଟେସନ୍‌ରେ ଯାତ୍ରୀଙ୍କ ଜୀବନ ସହ ଖେଳୁଛି ରେଳ ବିଭାଗ

## ପ୍ଲାଟଫର୍ମ ନ ଥାଇ ୪ ନମ୍ବର ରେଳଧାରଣାରେ ଅଟକୁଛି ପାସେଞ୍ଜର ଓ ଏକ୍ସପ୍ରେସ

ବସ୍ତା ବ୍ଲକ, ୨୬।୩(ସମିସ)

ରେଳ ବିଭାଗର ବିଚିତ୍ର ନୀତିକୁ ନେଇ ଯାତ୍ରୀ ମହଲରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ବସ୍ତା ରେଳ ଷ୍ଟେସନ୍‌ରେ ଯାତ୍ରୀଙ୍କ ଜୀବନ ସହ ରେଳ ବିଭାଗ ଖେଳୁଥିବା ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ, ଗତ ୧୫ ତାରିଖ ରାତିରେ ବସ୍ତା ଷ୍ଟେସନରେ ଏକ ଭୟଙ୍କର ଘଟଣା ଦେଖିବାକୁ ମିଳିଥିଲା। ବିଳମ୍ବିତ ରାତିରେ ଡାଉନ୍‌ର ୩ ନମ୍ବର ପ୍ଲାଟଫର୍ମରେ ମାଲ୍‌ବାହୀ ଟ୍ରେନ ଛିଡ଼ା କରାଯାଇଥିବା ବେଳେ ଅପ୍ ଲାଇନ ୧ ନମ୍ବର ଓ ୨ ନମ୍ବର ପ୍ଲାଟଫର୍ମରେ ଟ୍ରେନ ରହିଥିଲା। ପ୍ରଥମେ ରାତି ୧୧ଟା ପରେ ପୁରୀ-ଜଳେଶ୍ୱରକୁ ଆଣି ଲୁପ୍ ଲାଇନରେ ରଖିଥିଲା। ୪ନମ୍ବରରେ ପ୍ଲାଟଫର୍ମ ନଥିବାରୁ ଅନ୍ଧାରରେ ଯାତ୍ରୀମାନେ ଜାଣିନପାରି ବିପଦପୂର୍ଣ୍ଣ ଭାବେ ଟ୍ରେନରୁ ଲଟା, ବଣ, କଣ୍ଟାକୁ ଗାଡ଼ି ଛାଡ଼ିଦେବା ଭାବି ଡେଇଁ ଆହତ ହୋଇଥିଲେ। ବୟସ୍କ ବୃଦ୍ଧ ବୃଦ୍ଧା, କଟକରୁ ଫେରୁଥିବା ରୋଗୀ ଓ ତାଙ୍କ ସମ୍ପର୍କୀୟ, ଛୋଟ ଛୋଟ ପିଲା ଓ ମହିଳା ମାନେ ହନ୍ତସନ୍ତ ହୋଇ ୧ ନମ୍ବର ପ୍ଲାଟଫର୍ମକୁ ଆସିଥିଲେ। ପରେ ଖୋର୍ଦ୍ଧା ରୋଡ-ଖଡ଼ଗପୁର ଏକ୍ସପ୍ରେସ ଆସି ସମାନ



ଅବସ୍ଥାରେ ରହିଥିଲା। ସେଥିରେ ଥିବା ଯାତ୍ରୀମାନେ ଓହ୍ଲାଇବା ବେଳେ ପଡ଼ି ଆହତ ହୋଇଥିଲେ। ଯାତ୍ରୀଙ୍କ ଅସୁବିଧା ଦେଖିବାକୁ ରେଳବାଇ ପୁଲିସ ଓ କର୍ମଚାରୀ କେହି ବି ନଥିଲେ।

ଗତ ୧୫ ତାରିଖରେ ଘଟିଥିବା ଭଳି ଘଟଣା ପୁନଶ୍ଚ ସମାନ ଭାବେ ଘଟିଛି। ବୁଧବାର ଭୋର୍ ୪ଟାରେ ଡାଉନ୍ ୧୮୪୧୦ ଜଗନ୍ନାଥ ଏକ୍ସପ୍ରେସର ବସ୍ତାରେ ନିର୍ଦ୍ଧାରିତ ସମୟ ଭୋର ୩ ଟା ୫୩ ମିନିଟ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟରେ ପହଞ୍ଚି ବସ୍ତା ଦକ୍ଷିଣ କ୍ୟାବିନ ନିକଟରେ ପାଖାପାଖି ୧ ଘଣ୍ଟା ଅଟକି ରହିଥିଲା। ୩ ନମ୍ବର୍ ପ୍ଲାଟଫର୍ମରେ ଏକ ମାଲବାହୀ ଟ୍ରେନ ଅଟକି ଥିବା ବେଳେ ବାରମ୍ବାର ଗ୍ରୀନ ସିଗ୍‌ନାଲ ହୋଇ ମଧ୍ୟ ଟ୍ରେନଟି ଯାଇ ପାରିନଥିଲା। ଦୀର୍ଘ ସମୟ ଧରି ଷ୍ଟେସନ୍ ବାହାରେ ଏକ୍ସପ୍ରେସ ଟ୍ରେନଟି ଅଟକିବା ପରେ କୌଣସି ଉପାୟ ନପାଇ ୪ଟା ୫୦ରେ ୪ ନମ୍ବର ଲୁପ୍ ଲାଇନରେ ଅଟକିଥିଲ। ସେତେବେଳର ପରିସ୍ଥିତି ଦେଖିବା ମଧ୍ୟ ସାଧାରଣରେ କଷ୍ଟକର ଥିଲା। ଛୋଟ ପିଲାମାନଙ୍କୁ ଧରି ମହିଳାମାନେ ମାଲବାହି ଗାଡ଼ି ତଳେ ୪ ନମ୍ବର ପ୍ଲାଟଫର୍ମକୁ ଯିବାବେଳେ ଟ୍ରେନ୍‌ଟି ମଧ୍ୟ ୪ ନମ୍ବର୍ ପ୍ଲାଟଫର୍ମକୁ ଆସୁଥିଲା। ଅନ୍ଧକାରରେ ଏହି ଟ୍ରେନ ଛିଡା ହେବା ଯୋଗୁଁ ଯାତ୍ରୀମାନେ ବିପଦପୂର୍ଣ୍ଣ ଭାବେ ମାଲବାହୀ ଟ୍ରେନ ତଳେ ଗଳି ଷ୍ଟେସନ ପାରି ହେବା କେତେ କଷ୍ଟଦାୟକ ତାହା କହିବା କଷ୍ଟକର ଥିଲା। ତେବେ ଡାଉନ୍ ଲାଇନ୍‌ରୁ ୧ ନମ୍ବର୍ ପ୍ଲାଟଫର୍ମକୁ ଟ୍ରେନ ଆସିବା ପାଇଁ ସୁବିଧା ଥିବା ବେଳେ ୫ ଦିନ ଧରି ଅନ୍ୟଏକ ମାଲବାହୀ ଟ୍ରେନ ଅଟକି ରହିଛି। ତେଣୁ ଜନସାଧାରଣଙ୍କ ଅସୁବିଧାକୁ ରେଳ ବିଭାଗର ନଜର ନଥିବା ଜଣାପଡୁଛି। ୪ ନଂ. ଲାଇନରେ ପ୍ଲାଟଫର୍ମ ନିର୍ମାଣ ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ବହୁ ଦିନରୁ ଦାବି ହୋଇଆସୁଛି। କିନ୍ତୁ କିଛି ଫଳ ମିଳି ନାହିଁ। ତେବେ ଏଭଳି 'ଅଫ ସାଇଟ'ରେ ପାସେଞ୍ଜର ଗାଡି ଛିଡ଼ାହେବା ନେଇ ଖଡ଼ଗପୁରରୁ ନିୟନ୍ତ୍ରିତ ହେଉଥିବା ବେଳେ ସେଠାକାର ଅଧିକାରୀ କିଭଳି ଅମାନବୀୟ ନିଷ୍ପତ୍ତି ନେଲେ ତାହା ଖୁବ ନିନ୍ଦନୀୟ କାର୍ଯ୍ୟରତ ଷ୍ଟେସନ ମ୍ୟାନେଜର କିପରି ଏହିଭଳି ପରିଚାଳନା କଲେ ତାକୁ ନେଇ ଯାତ୍ରୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଖଡ଼ଗପୁର ଡିଆର୍‌ଏମ ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାତ୍ରୀମାନେ ଦାବି କରିଛନ୍ତି।

## ମାର୍ଚ୍ଚରେ ବଦଳିଲା ବାଲେଶ୍ୱର ରାଜନୈତିକ ପାଣିପାଗ

# ରବୀନ୍ଦ୍ରଙ୍କ ପ୍ରବେଶ ପରେ ପଦ୍ମ ପୋଖରୀ ଗୋଳିଆ

ବାଲେଶ୍ୱର, ୨୬।୩(ସମିସ)






ଚଳିତ ମାର୍ଚ୍ଚ ମାସରେ ପାଣିପାଗ ହଠାତ୍ ବଦଳୁଛି। ବାଲେଶ୍ୱର ରାଜନୈତିକ ପାଣିପାଗ ମଧ୍ୟ ସେମିତି ହଠାତ୍ ବଦଳି ଚାଲିଛି। ରାଜ୍ୟସଭା ନିର୍ବାଚନ ପୂର୍ବରୁ ବାଲେଶ୍ୱରର ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ବିଜେଡି ଛାଡ଼ି ବିଜେପି ଶିବିରରେ ଯୋଗ ଦେଇଥିଲେ। ପରେ ତାଙ୍କ ପତ୍ନୀ ବସ୍ତା ବିଧାୟିକା ସୁବାସିନୀ ଜେନା ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂ କରି ବିଜେଡିରୁ ସସ୍‌ପେଣ୍ଡ ହେଲେ। ବାଲେଶ୍ୱର ବିଜେଡି ଶିବିରରୁ ଜେନା ଦମ୍ପତି ଦୂରେଇବା ପରେ ଦୁଇ ହେଭିୱେଟ୍ ନେତାଙ୍କ ବିଜେଡି ଘର ବାହୁଡ଼ା ଦଳକୁ ଅଧିକ ସୁଦୃଢ଼ କରିଛି। ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଓ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ବିଜେଡି ଶିବିରରେ ଏକଦା ମଙ୍ଗୁଆଳ ଥିଲେ। ଦୀର୍ଘଦିନ ପରେ ଦଳକୁ ଫେରିବା ପରେ ତୃଣମୂଳସ୍ତରର ପୁରୁଖା କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳୁଛି। ବିଜେଡି ଆଗକୁ ଅଧିକ ସଂଗଠିତ ହୋଇ ଲୋକଙ୍କ ପାଇଁ କାମ କରିବ ବୋଲି ବର୍ତ୍ତା ଯାଉଛି। ତେବେ ବାଲେଶ୍ୱର ରାଜନୈତିକ ସମୀକରଣ ଆଗକୁ ଆହୁରି ବଦଳିବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

ଅନ୍ୟପଟେ ରବୀନ୍ଦ୍ରଙ୍କ ପ୍ରବେଶ ପରେ ପଦ୍ମ ପୋଖରୀର ପାଣି ଦିନକୁ ଦିନ ଅଧିକ ଗୋଳିଆ ହେବାରେ ଲାଗିଛି। ବାଲେଶ୍ୱର ଜିଲ୍ଲା ରାଜନୀତି ଓ ସଂଗଠନରେ ପ୍ରଭାବ ବିସ୍ତାର କରି ଆସୁଥିବା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପ୍ରଥମରୁ ସନ୍ତୁଷ୍ଟ ନଥିବା ଜଣାପଡ଼ିଛି। ଏପରିକି ବିଜେପି ଇକୋସିଷ୍ଟମ୍‌ରେ ରବୀନ୍ଦ୍ରଙ୍କ ହଠାତ୍ ପ୍ରବେଶ ଦଳ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି। କିଛି ପୁରୁଖା ନେତା ଓ କର୍ମୀ ଏହାକୁ ସହଜରେ ହଜମ କରି ପାରୁନାହାନ୍ତି। ଆଗକୁ ବାଲେଶ୍ୱର ରାଜନୀତିରେ ଆହୁରି ପାର୍ଶ୍ୱ ପରିବର୍ତ୍ତନ ହେବାକୁ ଯାଉଥିବାର ଆଭାସ ମିଳୁଛି। ବାଲେଶ୍ୱର ସଦରର ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ବିଜେପିରୁ ଇସ୍ତଫା ଘଟଣା ବିଜେପିକୁ ପ୍ରଥମେ ଶକ୍ତ ଝଟ୍‌କା ଲାଗିଥିଲା। ଦୀର୍ଘ ଦୁଇବର୍ଷ ଧରି ବିଜେପି ଛାଡ଼ି ସୁଯୋଗ ଅପେକ୍ଷାରେ ଥିବା ପୁରୁଖା ନେତା ରଘୁନାଥ ମହାନ୍ତିଙ୍କ ବିଜେଡି ଘର ବାହୁଡ଼ା ବାଲେଶ୍ୱର ରାଜନୀତିରେ ହଟଚମଟ ସୃଷ୍ଟି କରିଛି। ଯାହାକି ବିଜେଡିକୁ ଡବଲ୍ ଫାଇଦା ଦେବା ସହିତ ଆଗକୁ ତୃଣମୂଳସ୍ତରର କର୍ମୀଙ୍କୁ ଧରି ରଖିବାରେ ସହାୟକ ହେବ ବୋଲି ଚର୍ଚ୍ଚା ହେଉଛି।

### ରଘୁ ଓ ଜୀବନଙ୍କ ଲେଉଟାଣି; ବିଜେଡିକୁ ଡବଲ୍ ଫାଇଦା

ଏକଦା ରଘୁନାଥ ମହାନ୍ତି କିମ୍ବଦନ୍ତୀ ପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସହିତ ଜନତା ଦଳରେ ରାଜନୀତି କରୁଥିଲେ। ୧୯୯୦ ମସିହାରୁ ୨୦୦୦ ପର୍ଯ୍ୟନ୍ତ ସେ ବସ୍ତା ନିର୍ବାଚନ ମଣ୍ଡଳୀରୁ ଦୁଇ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ବିଜୁ ଜନତା ଦଳର ଜଣେ ପ୍ରତିଷ୍ଠାତା ସଦସ୍ୟ ଭାବେ ନେତୃତ୍ୱ ନେଇ ବସ୍ତା ନିର୍ବାଚନ ମଣ୍ଡଳୀରୁ ତିନି ଥର ଜିତି ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ସମ୍ଭାଳିଥିଲେ। ରାଜ୍ୟ ରାଜନୀତିରେ ଦବ୍‌ଦବା ରଖୁଥିବା ରଘୁନାଥ ତାଙ୍କର ପାରିବାରିକ ଘଟଣାଚକ୍ର ପାଇଁ ବିଜେଡି ମନ୍ତ୍ରିମଣ୍ଡଳରୁ ବାଦ୍ ପଡ଼ିଥିଲେ। ଏପରିକି ୨୦୧୪ ନିର୍ବାଚନରେ ରଘୁ ବିଜେଡି ଟିକଟ୍ ମଧ୍ୟ ହରାଇ ବିଜେପି ଯାଇଥିଲେ। ୨୦୧୪ରୁ ୨୪ ପର୍ଯ୍ୟନ୍ତ ଦୁଇଟି ନିର୍ବାଚନରେ ବିଜେଡିରୁ ନିତ୍ୟାନନ୍ଦ ସାହୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ।

ତେବେ ଗତ ୨୦୨୪ ନିର୍ବାଚନରେ ସୁବାସିନୀ ଜେନା ବିଜେଡି ଟିକେଟରେ ବସ୍ତାରୁ ବିଜୟୀ ହୋଇଥିଲେ। ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରି ସୁବାସିନୀ ବିଜେଡିରୁ ସସ୍‌ପେଣ୍ଡ ହେବା ପରେ ବସ୍ତା ବିଜେଡି ସଂଗଠନକୁ ସୁଦୃଢ଼ କରିବାକୁ ନିତ୍ୟାନନ୍ଦ ମଧ୍ୟ ସ୍ୱତଃପ୍ରବୃତ ଭାବେ ଘରୁ ବାହାରି ଆସିଥିଲେ। ଗତ ଚାରି ଦଶନ୍ଧିର ପୁରୁଖା ନେତା ରଘୁନାଥ ମହାନ୍ତିଙ୍କ ଘର ବାହୁଡ଼ା ବିଜେଡିକୁ ଅଧିକ ବଳ ଦେଇଛି। ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ବସ୍ତାରୁ ଜନତା ଦଳ ଏବଂ ବିଜୁ ଜନତା ଦଳ ଲଗାତର ଭାବେ ବିଜୁ ଲିଗାସୀକୁ ବହନ କରି ବିଜୟୀ ହୋଇଆସୁଛି। ଜେନା ଦମ୍ପତିଙ୍କ ହଠାତ୍ ରାଜନୈତିକ ପଟ୍ଟ ପରିବର୍ତ୍ତନ ବସ୍ତାରେ ଗତ ନିର୍ବାଚନ ପରଠୁ ଗଢ଼ି ଉଠୁଥିବା ବିଜେପି ସ୍ଥାନୀୟ ସଂଗଠନକୁ ମଧ୍ୟ ଆଭ୍ୟନ୍ତରୀଣ ଝଟ୍‌କା ଲାଗିଥିବା ଚର୍ଚ୍ଚା ହେଉଛି। ଗତ ୨୦୨୪ରେ ଯୁବନେତା ରବୀନ୍ଦ୍ର ନାଥ ଅଣ୍ଡିଆ ବିଜେଡି ଛାଡ଼ି ବିଜେପିରୁ ଟିକେଟ୍ ହାତେଇଥିଲେ। ଜେନା ଦମ୍ପତିଙ୍କ ରାଜନୈତିକ ପଟ୍ଟ ପରିବର୍ତ୍ତନ ପରେ ବସ୍ତା ନିର୍ବାଚନ ମଣ୍ଡଳୀରେ ରବୀନ୍ଦ୍ର ଅଣ୍ଡିଆଙ୍କ ଗତି କୁଆଡ଼େ ରହିବ ସେନେଇ ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ବସ୍ତା ନିର୍ବାଚନ ମଣ୍ଡଳୀରେ ମୁଖ୍ୟତଃ କଂଗ୍ରେସ ଓ ଅଣ କଂଗ୍ରେସ ଦଳ ମଧ୍ୟରେ ସିଧାସଳଖ ଲଢ଼େଇ ହୋଇଆସୁଥିଲା। ବାଲିଆପାଳ ବ୍ଲକରେ କଂଗ୍ରେସର ସଂଗଠନ ତୃଣମୂଳ ସ୍ତରରେ ସୁଦୃଢ଼ ଥିବା ବେଳେ ଗତ ପଞ୍ଚାୟତ ନିର୍ବାଚନରେ ବାଲିଆପାଳ ବ୍ଲକ ଦଖଲ କରିଥିଲା। କଂଗ୍ରେସର ବିଧାୟକ ପ୍ରାର୍ଥୀ ଭାବେ ବିଜନ ନାୟକଙ୍କୁ ୬୨ହଜାରରୁ ଊର୍ଦ୍ଧ୍ୱ ଭୋଟ ମିଳିଥିବା ବେଳେ ବିଜେପିର ରବୀନ୍ଦ୍ର ଅଣ୍ଡିଆଙ୍କୁ ୪୨ହଜାରରୁ ଊର୍ଦ୍ଧ୍ୱ ଭୋଟ ମିଳିଥିଲା। ବିଜେଡି ପ୍ରାର୍ଥିନୀ ସୁବାସିନୀ ଜେନାଙ୍କୁ ୮୩ ହଜାରରୁ ଊର୍ଦ୍ଧ୍ୱ ଭୋଟ ମିଳିଥିଲା। ଆଗକୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଆସୁଥିବା ବେଳେ ବସ୍ତା ନିର୍ବାଚନ ମଣ୍ଡଳୀର ବସ୍ତା ଓ ବାଲିଆପାଳ ବ୍ଲକର ରାଜନୈତିକ ସମୀକରଣ ଅଧିକ ଗୋଳିଆ ହେବାକୁ ଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଏବର ବିଧାୟିକା କେଉଁ ପ୍ରସଙ୍ଗ ଓ ମୁଦ୍ଦା ନେଇ ତୃଣମୂଳ ସ୍ତରର ଜନତାଙ୍କ ନିକଟତର ହେବେ, ତାହା ଆଗାମୀ ଦିନର ରାଜନୈତିକ ଦୃଶ୍ୟପଟ୍ଟକୁ ଅଧିକ ରୋଚକ କରିବ।

## ରେମୁଣାରେ ରାମନବମୀ ଶୋଭାଯାତ୍ରା



ରେମୁଣା, ୨୬।୩(ସମିସ): ଶ୍ରୀରାମ ଚେତନା ସମିତି ରେମୁଣା ଆନୁକୂଲ୍ୟରେ ଶ୍ରୀରାମ ନବମୀ ପରିପ୍ରେକ୍ଷୀରେ ଏକ ଶୋଭାଯାତ୍ରା ରେମୁଣା ମନ୍ଦିର ଛକଠାରୁ ବାହାରି ରେମୁଣା ବଜାର ଓ ହାତୀଆଗଣ୍ଡ ଛକ ଦେଇ ମା' କନକଦୁର୍ଗା ମନ୍ଦିରରେ ଉଦ୍‌ଯାପିତ ହୋଇଥିଲା। ସମିତିର ସଭାପତି ଗିରିଧାରୀ ଦାସଙ୍କ ଅଧ୍ୟକ୍ଷତରେ ଶୋଭାଯାତ୍ରା ଶାନ୍ତି ଶୃଙ୍ଖଳାର ସହିତ ପ୍ରଭୁ ଶ୍ରୀରାମଙ୍କ ନାମରେ ଜୟଧ୍ୱନି ଓ ନାରା ଦିଆଯାଇ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି ଶୋଭାଯାତ୍ରାରେ ଅନେକ ରାମ ଭକ୍ତ ଅଂଶଗ୍ରହଣ କରିଥିଲେ।
ରେମୁଣା ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସମାଜସେବୀ ସୁଶାନ୍ତ ପଟ୍ଟନାୟକ, ଉମାକାନ୍ତ ପଣ୍ଡା, ସରୋଜ କୁମାର ବେହେରା, ମାୟାଧର ପ୍ରଧାନ, ଉପେନ୍ଦ୍ର ପୁହାଣ, ଚିତ୍ତରଞ୍ଜନ ବେହେରା, ମହେଶ୍ୱର ପ୍ରଧାନ, କାଁହୁଚରଣ ବେହେରା, ମାୟାଧର ପ୍ରଧାନ, ବସନ୍ତ ପ୍ରଧାନ, ଜୟନ୍ତ ମଣ୍ଡଳ, ନାରାୟଣ ମହାନ୍ତି, ଶଶୀକାନ୍ତ ଗିରି, ଶିବ ଶଙ୍କର ରାୟ, ମିନାକ୍ଷୀ ବେହେରା, ନରେନ୍ଦ୍ର ବେହେରା, ଏନେଇତ ମହାନ୍ତି, ଦେବ ମଣ୍ଡଳ, ମହେଶ୍ୱର ଗିରି, ଅନନ୍ତ ସାହୁ, ପ୍ରକାଶ ବାରିକ ରେମୁଣା ଅଞ୍ଚଳର ଅନ୍ୟ ସାମ୍ପ୍ରଦାୟର ଲୋକ ଶୋଭାଯାତ୍ରାକୁ ସଫଳ କରିବାକୁ ସହଯୋଗର ହାତ ବଢ଼ାଇଥିଲେ। ପ୍ରବଳ ଖରା ପାଇଁ ସେମାନେ ରାସ୍ତାରେ ଥଣ୍ଡା ପାନୀୟଜଳର ଆୟୋଜନ କରି ଏକ ଭାଇଚାରାର ନିଦର୍ଶନ ଦେଇଥିଲେ। ଆୟୋଜକ ମାନେ ମା' କନକଦୁର୍ଗାଙ୍କ ମନ୍ଦିର ପରିସରରେ ଶୋଭାଯାତ୍ରା ଉଦଯାପନ ହେବାପରେ ପ୍ରସାଦର ଆୟୋଜନ ହୋଇଥିଲା। ରେମୁଣା ଥାନା ଭାରପ୍ରାପ୍ତ ଅଧିକାରୀ ବିମଳ କୁମାର ନାୟକ ଏବଂ କାର୍ଯ୍ୟରତ ଅନ୍ୟ ପୁଲିସ ଅଧିକାରୀଙ୍କ ସାହାଯ୍ୟରେ ଶୋଭାଯାତ୍ରା ଶାନ୍ତି ଶୃଙ୍ଖଳାର ସହିତ ଶେଷ ହୋଇଥିଲା। ଶେଷରେ ଶ୍ରୀରାମଚେତନା ସମିତି ରେମୁଣା ସଭାପତି ଗିରିଧାରୀ ଦାସ ଓ ସମ୍ପାଦକ ମହେଶ୍ୱର ପ୍ରଧାନ ରେମୁଣା ବାସୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାମସେନା ପକ୍ଷରୁ ବାଇକ୍ ଶୋଭାଯାତ୍ରା



ସୋର, ୨୬।୩(ସମିସ): ସୋର ଶ୍ରୀରାମ ସେନା ପକ୍ଷରୁ ଏକ ବିଶାଳ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହା ପୌରପାଳିକା ଅନ୍ତର୍ଗତ ରାଧାନାଥ ସ୍କୁଲ ପଡ଼ିଆରୁ ବାହାରି ଉତ୍ତରେଶ୍ୱର, କଲେଜଛକ, ଛତ୍ରପୁର, କୋର୍ଟଛକ ଦେଇ ପାଖର ଛକରେ ପହଞ୍ଚିଥିଲା। ସେଠାରୁ ବଳରାମପୁର, କଣ୍ଟାବାଙ୍କି, ଘାସୁଆ ଛକ, କେଦାରପୁର, ବାମ୍ପିଛକ, ଅଡଙ୍ଗବଜାର ଦେଇ ପୁଣି ରାଧାନାଥ ସ୍କୁଲ ପଡ଼ିଆରେ ଶାନ୍ତିଶୃଙ୍ଖଳାର ସହିତ ଶେଷ ହୋଇଥିଲା। ଅପରାହ୍ନରେ ଏହି ଶୋଭାଯାତ୍ରାକୁ ସୋର ଶ୍ରୀରାମ ସେନା ସଭାପତି ପ୍ରହ୍ଲାଦ ସାହୁ ଏବଂ ଶୋଭାଯାତ୍ରା ପରିଚାଳନା ପ୍ରମୁଖ ସତ୍ୟସୁନ୍ଦର ରଣା ମିଳିତ ଭାବେ ପତାକା ହଲାଇ ଉଦଘାଟନ କରିଥିଲେ। ଏଥିରେ ୧୨ ଶହରୁ ଅଧିକ ବାଇକ ସାମିଲ ହୋଇଥିଲା। ପୁଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶ୍ରୀରାମ ସେନାର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ। ଆସନ୍ତାକାଲି ରାମ ନବମୀ ପାଳନ ଅବସରରେ ଏକ ବିଶାଳ ଶୋଭାଯାତ୍ରା ଗୋପୀନାଥପୁର ଷ୍ଟ୍ରକ୍‌ଚର ପଡ଼ିଆରୁ ବାହାରି ସହର ପରିକ୍ରମା କରି ରାଇପୁର ହନୁମାନ ମନ୍ଦିର ନିକଟରେ ଶେଷ ହେବ ବୋଲି ଶ୍ରୀରାମ ସେନା ପକ୍ଷରୁ ସୂଚନା ଦିଆଯାଇଛି।

## ଜଳେଶ୍ୱର ପୌରପାଳିକା ପକ୍ଷରୁ ଅଗ୍ନି ନିରାପତ୍ତା ପ୍ରସ୍ତୁତି

ଜଳେଶ୍ୱର ବ୍ଲକ, ୨୬।୩(ସମିସ): ଆଜି ଜଳେଶ୍ୱର ପୌରପାଳିକା ପକ୍ଷରୁ ଅପରାହ୍ନ ସମୟରେ ଜଳେଶ୍ୱର ପୌରପାଳିକା କାର୍ଯ୍ୟାଳୟ ପରିସରରେ ଓଡ଼ିଶା ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏକ ଅଗ୍ନି ନିରାପତ୍ତା ପ୍ରସ୍ତୁତି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏଥିରେ କିପରି ଭାବରେ କୌଣସି ଘରୋଇ ଅନୁଷ୍ଠାନ ଠାରୁ ଆରମ୍ଭ କରି ଅଫିସ ମାନଙ୍କରେ ନିଆଁକୁ ନିୟନ୍ତ୍ରଣ କରାଯାଇ ପାରିବ ସେ ନେଇ ଜଳେଶ୍ୱର ଅଗ୍ନିଶମ ସେବା ପକ୍ଷରୁ ମକ୍‌ଡ୍ରିଲ୍ କରାଯାଇ ବିଭିନ୍ନ ପ୍ରକାର ନିଆଁକୁ କିପରି ମାଧ୍ୟମରେ ଆୟତ୍ତ କରାଯିବା ସାଧାରଣ ଲୋକଙ୍କୁ ସଚେତନତା କରାଯାଇଥିଲା। ଏଥିରେ ଜଳେଶ୍ୱର ଅଗ୍ନିଶମ ବିଭାଗର ଅଧିକାରୀ ଶଶିକାନ୍ତ ମହାପାତ୍ର ଓ ତାଙ୍କ ସହିତ ଅନ୍ୟ ଅଗ୍ନିଶ୍ରମ ବିଭାଗର କର୍ମଚାରୀ ଉପସ୍ଥିତ ରହିଥିଲେ। ଜଳେଶ୍ୱର ପୌରପାଳିକାର ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ, କାଉନସିଲ ସୁରଜ୍ ଚୌରାଶିଆ, ଆବାସ ଅଲ୍ଲୀ, ଶିବନାରାୟଣ ମହାପାତ୍ର, ଚନ୍ଦନ ଦାସ, ଭରତ ଦତ୍ତ ସମେତ ପୌରକାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ମିଶନ ଶକ୍ତିର ମହିଳାମାନେ ଉପସ୍ଥିତ ଥିଲେ।

● ବିଭାଗୀୟ ମନ୍ତ୍ରୀଙ୍କୁ ଭେଟିଲେ ଭୋଗରାଇ ବିଧାୟକ

## ରବି ଧାନ ପଞ୍ଜୀକରଣ ଅବଧି ବୃଦ୍ଧି ଦାବି

ବାଲେଶ୍ୱର(ଉତ୍ତର),୨୬।୩(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ଅଧିକାଂଶ ଚାଷୀ ଖରିଫ ଅପେକ୍ଷା ରବି ଋତୁରେ ଅଧିକ ଧାନଚାଷ କରନ୍ତି। ରବି ଋତୁରେ ଅଧିକ ଧାନ ମଧ୍ୟ ଉତ୍ପାଦିତ ହୁଏ। ଚଳିତବର୍ଷ ଚାଷୀଙ୍କ ରବିଧାନ କିଣିବାକୁ ସରକାର ଯେଉଁ ଅନଲାଇନ ପଞ୍ଜୀକରଣ ବ୍ୟବସ୍ଥା କରିଥିଲେ ତାହାର ଅବଧି ଗତକାଲି ଶେଷ ହୋଇଛି। ମାତ୍ର ଇଣ୍ଟରନେଟ ସମସ୍ୟା ତଥା ଜମିଜମା ସମସ୍ୟାରୁ ଅବଧି ଶେଷ ହୋଇଥିଲେ ହେଁ ଏହି ବ୍ଲକର ୧୯ଟି ସେବା ସମବାୟ ସମିତିରେ ଭୋଗରାଇର ୨୬୦୦ ରୁ ଅଧିକ ଚାଷୀ ପଞ୍ଜୀକରଣ କରି ପାରିନାହାନ୍ତି। ତେଣୁ ଏହି ପରିପ୍ରେକ୍ଷୀରେ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ଆଜି ବିଧାନସଭା ପରିସରରେ ମାନ୍ୟବର ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ସାକ୍ଷାତ କରି ଏ ବିଷୟରେ ଆଲୋଚନା କରିବା ସହିତ ଚାଷୀଙ୍କ ପଞ୍ଜୀକରଣ ଅବଧିକୁ ଆଉ ଏକ ସପ୍ତାହ ବୃଦ୍ଧି କରିବାକୁ ଲିଖିତ ଭାବେ ଅନୁରୋଧ କରିଥିବା ଜଣାପଡ଼ିଛି।



## ବ୍ୟବସାୟୀଙ୍କ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

### ଲୁଟିନେଲେ ୨୦ ଲକ୍ଷ ଟଙ୍କା, ୩୦ ଲକ୍ଷର ସୁନା ଅଳଙ୍କାର

ନୀଳଗିରି,୨୬।୩(ସମିସ): ବୁଧବାର ରାତି ପ୍ରାୟ ୯ଟା ୩୦ରେ ପରିବାର ଲୋକେ ଘର ଭିତରେ ଖାଉଥିଲେ। ହଠାତ୍ ୬ଜଣ ଦୁର୍ବୃତ୍ତ ହାତରେ ତେଲଙ୍ଗା କଟୁରି, ବନ୍ଧୁକ ଧରି ପହଞ୍ଚିଥିଲେ। ଘର ମାଲିକ ଗୋବିନ୍ଦା ସିଂହଙ୍କ ମୁହଁରେ ପ୍ରଥମେ ବ୍ଲାକ୍‌ଟେପ୍ ଗୁଡ଼ାଇ ଦେବା ଓ ପରେ ଘରେ ସ୍ତ୍ରୀ ଲୋକଙ୍କ ମୁହଁରେ ବ୍ଲାକ୍‌ଟେପ୍ ଗୁଡ଼ାଇ ଦେଇ ବନ୍ଧୁକ ଦେଖାଇ ସମସ୍ତ ମୋବାଇଲ ନେଇ ଯାଇଥିଲେ। ପରେ ଆଲମାରି ଚାବି ମାଗିଥିଲେ। ପରିବାର ଲୋକେ ଭୟଭୀତ ହୋଇ ଲକର୍, ଆଲମାରି ଚାବି ଦେବା ପରେ ଲକରରେ ଥିବା ନଗଦ ୨୦ଲକ୍ଷ ଟଙ୍କା, ୩୦ଲକ୍ଷ ଟଙ୍କାର ସୁନା ଅଳଙ୍କାର ନେଇ ଦୁଇଟି ବାଇକରେ ଫେରାର ହୋଇଯାଇଥିଲେ। ନୀଳଗିରି ଏନଏସିର ୯ ନମ୍ବର ୱାର୍ଡ କାହାଳିଆ ଗ୍ରାମର ଗୋବିନ୍ଦା ସିଂହ ଘରେ ଘଟିଛି। ଲୁଟେରା ଗ୍ୟାଙ୍ଗ ଗଲାବେଳେ ସିସିଟିଭି ଫୁଟେଜ୍ ମେସିନକୁ ନଷ୍ଟ କରି ବିଲରେ ଫିଙ୍ଗି ଦେଇଥିଲେ। ପରେ ନୀଳଗିରି ଥାନାର ଆଇଆଇସି ଗୋବର୍ଦ୍ଧନ ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ୨ ଜଣ ଓଡ଼ିଆ ଯୁବକ ଥିବାବେଳେ ଆଉ ୪ଜଣ ଅଣ ଓଡ଼ିଆ ଥିଲେ ବୋଲି ଗୋବିନ୍ଦା ସିଂହ ପ୍ରକାଶ କରିଛନ୍ତି। ଗୁରୁବାର ପୁଲିସ ନଂ.୧୫୫/୨୬ରେ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚିବା ସହ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କରୁଛି।



## ଚନ୍ଦନେଶ୍ୱରଜୀଉଙ୍କ ଚଡ଼କ ପର୍ବ ୩ରୁ



ଚନ୍ଦନେଶ୍ୱର,୨୬।୩(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ପୂର୍ବ ଭାରତର ପ୍ରସିଦ୍ଧ ଚନ୍ଦନେଶ୍ୱର ଜୀଉଙ୍କ ପ୍ରସିଦ୍ଧ ଚଡ଼କ ପର୍ବ୨୦୨୬ ଉତ୍ସବ ପାଳନ ଉପଲକ୍ଷେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଆଜି ଚନ୍ଦନେଶ୍ୱରସ୍ଥିତ ନୂତନ ଯାତ୍ରୀ ନିବାସରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା, ବ୍ଲକ ପ୍ରଶାସନ ଓ ସେବାୟତଙ୍କ ମିଳିତ ସହଯୋଗରେ ପ୍ରତ୍ୟେକ ବର୍ଷ ଏହି ମେଳା ପରିଚାଳିତ ହୁଏ। ଚଳିତ ବର୍ଷ ଏପ୍ରିଲ ୩ରୁ ଚଡ଼କ ମେଳା ଶୁଭାରମ୍ଭ ହୋଇ ୧୩ ତାରିଖ ପାଟପର୍ବ ସହିତ ଉଦ୍‌ଯାପନୀ ହେବ। ଚଳିତ ବର୍ଷ ୧୦ ଲକ୍ଷରୁ ଅଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ଆଶଙ୍କା କରି ବ୍ୟାପକ ପ୍ରସ୍ତୁତି ନିଆଯାଇଛି। ସେବାୟତ ସଂଘର ଉପ ମୌରସୀ ବୁଦ୍ଧଦେବ ପଣ୍ଡା ଚଡ଼କ ମେଳାର ଐତିହ୍ୟ ଓ ଏହାର ଆଧ୍ୟାତ୍ମିକ ମାହାତ୍ମ୍ୟ ସମ୍ପର୍କରେ ଉପସ୍ଥିତ ସମସ୍ତଙ୍କୁ ସମ୍ୟକ ସୂଚନା ପ୍ରଦାନ କରାଇଥିଲେ। ଭୋଗରାଇ ତହସିଲଦାର ତଥା ଟ୍ରଷ୍ଟ ବୋର୍ଡର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୂର୍ଯ୍ୟ କୁମାର ନାୟକ ମଂଚାସୀନ ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ସଭାକୁ ପରିଚାଳନା କରିଥିଲେ। ଏହି ବୈଠକରେ ବାଲେଶ୍ୱର ଏଡିଏମ ସୁଧାକର ନାୟକ ସଭାପତିତ୍ୱ କରିଥିଲେ। ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଯୋଗ ଦେଇ ଚଳିତ ବର୍ଷ ଚଡ଼କ ମେଳାର ପ୍ରସ୍ତୁତି ସମୀକ୍ଷା କରିବା ସହିତ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଉପଜିଲ୍ଲାପାଳ ଶ୍ରୀ ଶିବ ମାଲବ୍ୟ ମେଳାକୁ ଶୃଙ୍ଖଳିତ କରିବା ପାଇଁ ସୁଦୃଢ଼ ବ୍ୟାରିକେଡ଼, ସ୍ୱଚ୍ଛତା, ଓ ନୀଳ ପୋଖରୀରେ ବ୍ୟାରିକେଡ଼ ସହିତ ମେଳାରେ ସିସିଟିଭି ଓ ଡ୍ରନ କ୍ୟାମରା ଉପରେ ଗୁରୁତ୍ୱ ଦେଇଥିଲେ।

ଜଳେଶ୍ୱର ଏସଡିପିଓ ସୁବ୍ରତ କୁମାର ବେହେରା ଆଇନ-ଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା,ଓ ମନ୍ଦିର ଭିଡ଼ ନିୟନ୍ତ୍ରଣ କରିବା ସହିତ ନିର୍ଦ୍ଦିଷ୍ଟ ସ୍ଥାନରେ ପୂଜାର୍ଚ୍ଚନା ଓ ଉପବୀତ ପ୍ରଦାନ ପାଇଁ ପରାମର୍ଶ ଦେଇଥିଲେ। ଏହାଛଡା ଆମ୍ବୁଲାନ୍ସ, ଟ୍ରେଚର,ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର,ଅସୁସ୍ଥ ଭକ୍ତମାନଙ୍କୁ ସ୍ୱାସ୍ଥ୍ୟ ଶିବିରରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବେ ବୋଲି ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଡ଼. କମଳାକାନ୍ତ ଜେନା ପ୍ରକାଶ କରିଥିଲେ। ଭୋଗରାଇ ଜଳ, ପରିମଳ ବିଭାଗର କାର୍ଯ୍ୟନିର୍ବାହୀ ଅଧିକାରିଣୀ ରେବତୀ କହଁର, କନିଷ୍ଠ ଯନ୍ତ୍ରୀ ହରିପ୍ରିୟା ମହାନ୍ତ ପର୍ଯ୍ୟାପ୍ତ ପରିମାଣରେ ପାନୀୟ ଜଳ ଯୋଗାଇଦେବା ବିଷୟରେ ଆଲୋଚନା କରିଥିଲେ। ଓଡ୍ରାଫ ଓ ଅଗ୍ନିଶମ ବିଭାଗର ପ୍ରସ୍ତୁତି ସମ୍ପର୍କରେ ଭୋଗରାଇ ଅଗ୍ନିଶମ ବାହିନୀର ଷ୍ଟେସନ ଅଧିକାରୀ ସବରମ ସିଂ ସୂଚନା ଦେଇଥିଲେ। ଟାଟା ପାୱାର ମେଳାରେ ୨୪ ଘଣ୍ଟିଆ ବିଦ୍ୟୁତ ଯୋଗାଇ ଦିଆଯିବ ବୋଲି ଭୋଗରାଇ ବିଦ୍ୟୁତ ବିଭାଗର ଏସଡ଼ିଓ କାନ୍ତି ଭୂଷଣ ଜେନା ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭୋଗରାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଶାନ୍ତ ମହାରଣା, ସାଂସଦ ପ୍ରତିନିଧି ଆଶିଷ କୁମାର ପାତ୍ର, ଅଂଶୁମାନ ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗଣପତି ଗିରି, ତାଳସାରୀ ସାମୁଦ୍ରିକ ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା, ରାଇବଣିଆ ଥାନା ଅଧିକାରିଣୀ ଚମ୍ପାବତୀ ସରେନ, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଅମରେଶ ବେହେରା, ଗୋଛିଦା ତେଘରୀ ପଂଚାୟତର ରାଜଶ୍ରୀ କାମିଲା, ଟ୍ରଷ୍ଟବୋର୍ଡର ସଦସ୍ୟ ବାଦଲ ଚନ୍ଦ୍ର ସେନାପତି, ହୁଗୁଳି ପଂଚାୟତର ସମିତି ସଭ୍ୟ ଗୋବିନ୍ଦ ଦାସ, ସମାଜସେବୀ ଦିଲ୍ଲୀପ କାମିଲା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ୫ ଶିକାରୀ ଗିରଫ; ଦେଶୀ ବନ୍ଧୁକ, ଫାଶ ଜବତ

ନୀଳଗିରି,୨୬।୩(ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଅଧିନ କୁଲଡିହା ଅଭୟାରଣ୍ୟରୁ ପୁଣି ୫ଜଣ ଶିକାରୀଙ୍କୁ ଧରାଇଦେଲା ଏଆଇ କ୍ୟାମେରା। ସେମାନଙ୍କୁ ଗିରଫ ସହ ଦେଶୀ ବନ୍ଧୁକ, ଫାସ, ବାରୁଦ ଜବତ। ସୂଚନା ଅନୁସାରେ ଚେକାମରା ଗ୍ରାମର ସୁରେନ୍ଦ୍ର ସିଂ, ରୁହିୟା ସିଂ, ରାଜେଶ ସିଂ ନରେନ୍ଦ୍ର ସିଂ, ଗୁରୁବା ସିଂକୁ ବନବିଭାଗ ଗିରଫ କରିଥିବା ବେଳେ ସେମାନଙ୍କ ଠାରୁ ତିନୋଟି ଦେଶୀ ବନ୍ଧୁକ, ଫାସ, ବାରୁଦ ଜବତ କରିଛନ୍ତି। ସମସ୍ତ ଗିରଫ ଶିକାରୀ ମାଉସ ଡିଅର୍‌କୁ ହତ୍ୟା କରିଥିବାର ତଦନ୍ତ ରୁ ଜଣାପଡିଛି।

## ରାସ୍ତାକଡ଼ରୁ ଯୁବକର ମୃତଦେହ ଉଦ୍ଧାର

ଜଳେଶ୍ୱର,୨୬।୩(ସମିସ): ଆଜି ସକାଳେ ଜଳେଶ୍ୱର ରେଳ ଷ୍ଟେସନ ପାଖ କାଳୀ ମନ୍ଦିର ନିକଟ ଜଳେଶ୍ୱର-ରାଜଘାଟ ରାସ୍ତା ପାଶ୍ୱର୍ରେ ଜଣେ ଯୁବକର ଶବ ପଡିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ପୌରପାଳିକା ପକ୍ଷରୁ ଶବ ଉଦ୍ଧାର କରି ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପ୍ରକାଶ କମର୍ଦ୍ଦା ଥାନା ଅନ୍ତର୍ଗତ ଖଏର୍ଦ୍ଦା ଗ୍ରାମର ସେକ୍ ବାବୁ (୪୫) କିଛିବର୍ଷ ପୂର୍ବେ ଜଳେଶ୍ୱରରେ ରହି ମୁଟିଆ କାମ କରୁଥିଲେ। କିଛିଦିନ ପରେ ନିଶାସକ୍ତ ହେବାରୁ ତାର ପରିବାର ଲୋକେ ତାଙ୍କୁ ଘରକୁ ଯିବାଲାଗି ବାରଣ କରୁଥିଲେ। ୪ବର୍ଷ ତଳେ ଏକ ଦୁର୍ଘଟଣାରେ ଡାହାଣଗୋଡ ଭାଙ୍ଗିଯିବାରୁ ଭୋଲାଭଣ୍ଡାରୀ ସଂଗଠନ ପକ୍ଷରୁ ତାର ଚିକିତ୍ସା ଓ ଖାଦ୍ୟର ବ୍ୟବସ୍ଥା କରି ଆସୁଥିଲେ। ସେ ଷ୍ଟେସନ କିମ୍ବା ବସ୍‌ଷ୍ଟାଣ୍ଡରେ ରାତ୍ରିଯାପନ କରୁଥିବା ବେଳେ ଗତ କିଛିଦିନ ହେବ ତାର ଦେହ ଅସୁସ୍ଥ ଥିଲା। ଆଜି ତାର ମୃତ୍ୟୁ ହେବାରୁ ମ୍ୟୁନିସିପାଲଟି ପକ୍ଷରୁ ଶେଷକୃତ୍ୟ କରାଯାଇଛି।

## ନବମ ଔପଦା ଆଞ୍ଚଳିକ ମହୋତ୍ସବର ଶୁଭାରମ୍ଭ

# ସନ୍ଧ୍ୟାରେ ଝୁମିଲେ ଦର୍ଶକ


ଔପଦା, ୨୬।୩(ସମିସ)



ସମ୍ପର୍କର ସୂତାଖିଅରେ ସମସ୍ତଙ୍କୁ ବାନ୍ଧି ରଖିବା ଏବଂ ଆଞ୍ଚଳିକ କଳା ଓ ସଂସ୍କୃତିର ପ୍ରଚାର ପ୍ରସାର କରିବା ଲକ୍ଷ୍ୟରେ ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ମୁଖ୍ୟାଳୟଠାରେ 'ନବମ ଔପଦା ଆଞ୍ଚଳିକ ମହୋତ୍ସବ' ଉଦ୍‌ଘାଟିତ ହୋଇଯାଇଛି। କମିଟିର ସଭାପତି ଅଶୋକ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ତଥା ଉଦ୍‌ଘାଟିକା ଭାବେ ବ୍ଲକ ଅଧ୍ୟକ୍ଷା ବିସି ବିସ୍ୱାପାତ୍ର ଯୋଗଦେଇ ଶୁଭ ଉଦ୍‌ଘାଟନ କରିଥିଲେ। ସେ ନିଜ ଅଭିଭାଷଣରେ ମହୋତ୍ସବ ଅଞ୍ଚଳବାସୀଙ୍କ ମଧ୍ୟରେ ଏକତା ବଜାୟ ରଖିବାରେ ସହାୟକ ହେବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସାମ୍ବାଦିକ ଅତୁଲ ସ. ଯୋଗଦେଇ ବିଶ୍ୱନିୟନ୍ତା ଶ୍ରୀଜଗନ୍ନାଥଙ୍କ ମହିମା ଓ ସଂସ୍କୃତି ଉପରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ତହସିଲଦାର ଶାନ୍ତିଲତା ମଲ୍ଲିକ, ବ୍ଲକ କୃଷି ଅଧିକାରୀ ଅବିନାଶ ବେହେର. ଇଂ ଶେଷାଦ୍ରୀ ଶେଖର ପଣ୍ଡା, ମହୋତ୍ସବ କମିଟି ଉପଦେଷ୍ଟା ଚିନ୍ତାମଣି ବେହେରା ପ୍ରମୁଖ ଯୋଗଦେଇ ମହୋତ୍ସବର ସଫଳତା କାମନା କରିଥିଲେ। କମିଟି ସମ୍ପାଦକ ନରହରି ନାୟକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସାଙ୍ଗଠନିକ ସମ୍ପାଦକ ଡକ୍ଟର ସଂଗ୍ରାମ କୁମାର ରାଉତ ଓ ପ୍ରୋଗ୍ରାମ କୋର୍ଡିନେଟର ଆଇନଜୀବୀ ଜୟଶ୍ରୀ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ମେଗା ଅଡିସନର କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ସାଜିଥିଲେ ଟେଲିଭିଜନ ଧାରାବାହିକର ଲୋକପ୍ରିୟ ନାୟକ-ନାୟିକା ଏବଂ ସୁନାମଧନ୍ୟ କଣ୍ଠଶିଳ୍ପୀମାନେ। ସେମାନଙ୍କ ସୁମଧୁର ସଙ୍ଗୀତ ଓ ମନୋରମ ନୃତ୍ୟ ପ୍ରଦର୍ଶନରେ ଦର୍ଶକମାନେ ବିଭୋର ହୋଇ ଝୁମିଥିଲେ। ପରିଶେଷରେ ଆଇନଜୀବୀ ଶରତ କୁମାର ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ପାଦକୀୟ



ଗଣମାଧ୍ୟମ ଯେଉଁ ବିଷୟକୁ ବିଶ୍ୱସନୀୟ ବୋଲି କହେ ଜନସାଧାରଣ ତା'କୁ ହିଁ ବିଶ୍ୱାସ କରନ୍ତି।
-ଜର୍ଜ ଅରୱେଲ୍

ସକାଳ
THE SAKALA

## ଓଡ଼ିଶାରେ ଧର୍ମବିଦ୍ୱେଷ!

ଯେଉଁ ରାଜ୍ୟ କେବେ ସାମ୍ପ୍ରଦାୟିକ ହିଂସା ଦେଖିନଥିଲା ସେଠାରେ ଗତ ବର୍ଷକ ଭିତରେ ୧୨୨ଟି ସାମ୍ପ୍ରଦାୟିକ ହିଂସା ବା ଧର୍ମାନ୍ଧତା ଦଙ୍ଗା ସଂଘଟିତ ହୋଇଛି। ଏକଥା ଖୋଦ୍ ଓଡ଼ିଶା ସରକାରଙ୍କ ଶ୍ୱେତପତ୍ର କହୁଛି। ରାଜ୍ୟ ବିଧାନସଭାରେ ଉପସ୍ଥାପିତ ଗୃହ ମନ୍ତ୍ରଣାଳୟର ଶ୍ୱେତପତ୍ର ଅନୁଯାୟୀ, ୨୦୨୫ରେ ହିନ୍ଦୁ-ମୁସ୍‌ଲିମ ମଧ୍ୟରେ ୧୦୬ଟି ଏବଂ ହିନ୍ଦୁ-ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟ ମଧ୍ୟରେ ୧୬ଟି ଉତ୍ତେଜନା ଓ ହିଂସାତ୍ମକ ଘଟଣା ସଂଘଟିତ ହୋଇଛି। ଏହି ଘଟଣା ସହିତ ସମ୍ପୃକ୍ତି ଅଭିଯୋଗରେ ୧୬୫ଟି ଫୌଜଦାରୀ ମାମଲା ରୁଜୁ କରାଯାଇଛି। ସେହିଭଳି ୨୦୨୫ରେ ୧୦୯୫ଟି ଦଙ୍ଗା ମାମଲା ରାଜ୍ୟର ବିଭିନ୍ନ ଥାନାରେ ରୁଜୁ କରାଯାଇଛି, ଯେଉଁଥିରୁ ୪୯୮ଟିରେ ଚାର୍ଜସିଟ୍ ଦାଖଲ ହୋଇଛି।

ଗରିବ ହେଲେ ମଧ୍ୟ ଭାଇଚାରା ଓ ଶାନ୍ତିପ୍ରିୟ ରାଜ୍ୟ ଭାବେ ଓଡ଼ିଶାର ସୁନାମ ସାରା ଦେଶରେ ରହିଥିଲା। କେଉଁଠି ମୁସଲମାନ୍ ସମ୍ପ୍ରଦାୟ ପରିବାର ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଆୟୋଜନ କରୁଥିଲେ ତ କେଉଁଠାରେ ହିନ୍ଦୁ-ମୁସଲିମ୍ ପରିବାର ମିଶି ସତ୍ୟନାରାୟଣ ପୂଜା କରୁଥିଲେ। ସାହିସାହିରେ ଆୟୋଜିତ ପର୍ବପର୍ବାଣିରେ ଜାତିଧର୍ମବର୍ଣ୍ଣ ନିର୍ବିଶେଷରେ ଉଭୟ ଧର୍ମର ଉତ୍ସବମାନ ଆନନ୍ଦ ଓ ଶାନ୍ତି ସହାବସ୍ଥାନରେ ପାଳିତ ହୋଇଆସୁଥିଲା। କେବେ କେଉଁଠି କାଁଭାଁ ଧର୍ମାନ୍ତରୀକରଣ ଜନିତ ଘଟଣା ଓ ଛୋଟମୋଟ ସାମ୍ପ୍ରଦାୟିକ ଗଣ୍ଡଗୋଳ ଦୃଷ୍ଟିକୁ ଆସୁଥିଲା। ପ୍ରଶାସନିକ ହସ୍ତକ୍ଷେପରେ ତାହାର ସମାଧାନ ହୋଇଯାଉଥିଲା। କିନ୍ତୁ ୨୦୨୪ରେ ଶାସନ ପରିବର୍ତ୍ତନ ପରେ ଓଡ଼ିଶାରେ କ୍ରମାଗତ ଭାବେ ଆଶଙ୍କା ଅନୁରୂପ ଧର୍ମଗତ ବିଦ୍ୱେଷ ଓ ସାମ୍ପ୍ରଦାୟିକ ଅସୂୟା ବଢ଼ିବାରେ ଲାଗିଛି। ଭାଇଚାରାର ସହର କଟକରେ ଗତବର୍ଷ ଦୁର୍ଗାପୂଜା ଭସାଣିରେ ସାମ୍ପ୍ରଦାୟିକତାର ଉଗ୍ର ରୂପ ଦେଖିବାକୁ ମିଳିଥିଲା ବେଳେ ମାଲକାନଗିରି ଜିଲ୍ଲା ଆଉ ଏକ ମଣିପୁରର ରୂପ ନେବାରୁ ଅଳ୍ପକେ ବର୍ତ୍ତିଯାଇଥିଲା। ଏହାଛଡ଼ା ରାଜ୍ୟରେ ଅନେକ ଅଞ୍ଚଳରେ ସାମ୍ପ୍ରଦାୟିକ ଉତ୍ତେଜନା ହିଂସାର ରୂପ ନେଇଛି। ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଯେଉଁଠାରେ ଶାନ୍ତିର ରାଜୁତି ଓ ସହାବସ୍ଥାନ ଥିଲା ସେଠାରେ ଶାସନ ପରିବର୍ତ୍ତନ ସହିତ ହଠାତ୍ ହିଂସା ଓ ଅଶାନ୍ତିର ପ୍ରବେଶ ହେଲା କେମିତି? ଯେଉଁମାନେ ଧର୍ମନିରପେକ୍ଷତାକୁ ଗ୍ରହଣ କରିସାରିଥିଲେ ସେମାନଙ୍କ ମନରେ ସାମ୍ପ୍ରଦାୟିକତାର ବିଦ୍ୱେଷର ମଞ୍ଜି ବୁଣିଲା କିଏ? ଏଥିରେ ତୃତୀୟ ପକ୍ଷର ଭୂମିକା ନିଶ୍ଚୟ ସନ୍ଦେହଘେରକୁ ଆସୁଛି।

ବର୍ତ୍ତମାନ ଲୋକେ ଧର୍ମ ନୁହେଁ, ସହାବସ୍ଥାନ ଓ ପ୍ରଗତି ଚାହୁଁଛନ୍ତି। ସରକାର ସେମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ, ଶିକ୍ଷା ଓ ରୋଜଗାର ନିଶ୍ଚିତତା ପ୍ରଦାନ କରନ୍ତୁ। ସାମ୍ପ୍ରଦାୟିକତା ଭିତ୍ତିରେ ୨୦୩୬ରେ ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଧର୍ମର ନାରା ଅପେକ୍ଷା ପ୍ରଗତିର ପରିଭାଷାର ଅଧିକ ପ୍ରଚାର ପ୍ରସାର ଆବଶ୍ୟକ। ସାମ୍ପ୍ରଦାୟିକତାରୁ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଫାଇଦା ମିଳୁଥାଇପାରେ; କିନ୍ତୁ ସାମଗ୍ରିକ ସ୍ୱାର୍ଥର ଏହା ପରିପନ୍ଥୀ।

## ଡିଡିଜିଟାଲାଇଜେସନ୍

କର୍ଣ୍ଣାଟକରେ ନବମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ସ୍ମାର୍ଟଫୋନ୍ ବ୍ୟବହାରରେ କଟକଣା ପାଇଁ ସେଠାକାର ସରକାର ଏକ ନୀତିଗତ ଚିଠାପ୍ରସ୍ତାବ ଆଗତ କରିଛନ୍ତି। ଏହି ପ୍ରସ୍ତାବ ଅନୁଯାୟୀ ୧୬ ବର୍ଷରୁ କମ୍ ବୟସର ଛାତ୍ରଛାତ୍ରୀଙ୍କ ପାଇଁ ମୋବାଇଲ୍ ସ୍କ୍ରିନ୍‌ରେ ପାଠ୍ୟକ୍ରମ ବ୍ୟତୀତ ଅନ୍ୟାନ୍ୟ ବିଷୟବସ୍ତୁ ଦେଖିବାକୁ କେବଳ ୧ ଘଣ୍ଟା ମିଳିବ। ସନ୍ଧ୍ୟା ୭ଟା ପରେ ସେମାନଙ୍କ ମୋବାଇଲ୍ ହ୍ୟାଣ୍ଡସେଟ୍‌ରେ ଇଣ୍ଟରନେଟ୍ ସଂଯୋଗ ଆପେ ଆପେ ବନ୍ଦ ହୋଇଯିବ। ଏହି କଟକଣା କାର୍ଯ୍ୟକାରିତାରେ ସୁବିଧା ପାଇଁ ଆଧାର ଭିତ୍ତିକ ସାଇନ୍‌ଅପ୍ ବା ଆକାଉଣ୍ଟ ଖୋଲିବାକୁ ବାଧ୍ୟତାମୂଳକ କରାଯାଇଛି। ଅନେକ ଦୃଷ୍ଟିକୋଣରୁ ଏହାକୁ ଏକ ଯୁଗାନ୍ତକାରୀ ପଦକ୍ଷେପ ଭାବେ ବର୍ଣ୍ଣନା କରାଯାଇପାରେ।

ଏକ ସର୍ବେକ୍ଷଣ ଅନୁଯାୟୀ ଭାରତୀୟ କିଶୋରମାନଙ୍କ ମଧ୍ୟରୁ ୨୫% ଇଣ୍ଟରନେଟ୍ ଆସକ୍ତ ଥିବା ଏବଂ ତାହାର ପ୍ରଭାବରେ ଉନ୍ମାଦନା, ନିଦ୍ରାହୀନତା, ଅନ୍ୟମନସ୍କତା, ଅବସାଦ ସହିତ ଆପରାଧିକ ମାନସିକତା ବୃଦ୍ଧି ପାଉଥିବା ଜଣାପଡ଼ିଛି। ଏହିକାରଣରୁ ପିଲାମାନଙ୍କୁ କିଭଳି ସ୍ମାର୍ଟଫୋନ୍ ଓ ସାମାଜିକ ଗଣମାଧ୍ୟମରୁ ଦୂରେଇ ରଖାଯାଇପାରିବ ସେ ବିଷୟରେ ବୁଦ୍ଧିଜୀବୀ ଓ ସାମାଜିକ ବିଜ୍ଞାନୀମାନେ ମତ ଦେଇ ଆସୁଥିଲେ। ଗତବର୍ଷ ପ୍ରଥମ ରାଜ୍ୟ ଭାବେ କର୍ଣ୍ଣାଟକ ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଥିଲେ। ବିଶେଷଜ୍ଞ, ଶିକ୍ଷାବିତ୍, ସାମାଜିକ ସଂସ୍ଥା ଆଦି ସହିତ ଆଲୋଚନା ଓ ବିଚାରବିମର୍ଶକ୍ରମେ କମିଟି ଦେଇଥିବା ରିପୋର୍ଟ ଅନୁଯାୟୀ ଯେଉଁ ନୀତିଗତ ଚିଠାପ୍ରସ୍ତାବ ସରକାର ଆଗତ କରିଛନ୍ତି ତାହା ରାଜ୍ୟର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ମାନସିକ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ, ଶିକ୍ଷା ବିଭାଗ ଓ ଜାତୀୟ ମାନସିକ ସ୍ୱାସ୍ଥ୍ୟ ଓ ସ୍ନାୟୁ ବିଜ୍ଞାନ ଅନୁଷ୍ଠାନ(ନିମ୍‌ହାନ୍‌ସ) ଦ୍ୱାରା ମିଳିତ ଭାବେ ବିକଶିତ ହୋଇଛି।

କେବଳ ସରକାର ଚାହିଁଲେ ଏହା ସଫଳ ହେବ ନାହିଁ। ତେଣୁ ଏହି ନୀତିଗତ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ଅଭିଭାବକ, ଶିକ୍ଷକ, ଛାତ୍ରଛାତ୍ରୀଙ୍କ ସହାୟତା ନେବାକୁ ସରକାର ଚିନ୍ତା କରୁଛନ୍ତି। ଆଉ ଏକ ଉଲ୍ଲେଖନୀୟ ଘଟଣାକ୍ରମେ ହ୍ୱାଟ୍‌ଆସପ୍ ଗ୍ରୁପ୍ ଯୋଗାଯୋଗ ପରିବର୍ତ୍ତେ ପାରମ୍ପରିକ ଡାଏରୀ ପଦ୍ଧତି ଜରିଆରେ ପିତାମାତାଙ୍କ ସହିତ ସମ୍ପର୍କ ସ୍ଥାପନ ଓ ମତାମତ ଆହ୍ୱାନ ବ୍ୟବସ୍ଥା ଆପଣେଇବାକୁ ରାଜ୍ୟ ସରକାର ସ୍କୁଲ୍‌ଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ଉକ୍ତ ଚିଠାପ୍ରସ୍ତାବ ଅନୁଯାୟୀ ପ୍ରତି ସ୍କୁଲ୍‌ରେ ଏକ 'ଡିଜିଟାଲ୍ ୱେଲ୍‌ନେସ୍ କମିଟି' ଗଠନ କରାଯିବ, ଯେଉଁଥିରେ ଅଧ୍ୟକ୍ଷଙ୍କ ସମେତ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ, ଅଭିଭାବକ, ଶିକ୍ଷକ ଓ ଛାତ୍ରଛାତ୍ରୀ, ସାଇବର ଅପରାଧ ବିଶେଷଜ୍ଞମାନେ ସଦସ୍ୟ ରହିବେ। ସ୍କୁଲ୍‌ଗୁଡ଼ିକ ଅଫ୍‌ଲାଇନ୍ କାର୍ଯ୍ୟକଳାପ, 'ଇଣ୍ଟରନେଟ୍‌ରହିତ ପିରିୟଡ୍' ଓ 'ଡିଜିଟାଲ୍‌ମୁକ୍ତ ସପ୍ତାହ' ପାଳନ କରିବେ ସେଥିପାଇଁ ମଧ୍ୟ ପରାମର୍ଶ ଦିଆଯାଇଛି। ଛାତ୍ରଛାତ୍ରୀମାନଙ୍କର ଡିଜିଟାଲ୍ ନିର୍ଭରଶୀଳତା ହ୍ରାସ କରି ସେମାନେ ଯେପରି ଅଧିକରୁ ଅଧିକ ଅଫ୍‌ଲାଇନ୍‌ରେ ପାଠପଢ଼ିପାରିବେ ସେଥିପ୍ରତି ଚିଠା ନିୟମରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସହିତ ଅଭିଭାବକଙ୍କୁ ଉତ୍ତରଦାୟିତ୍ୱ ଦିଆଯାଇଛି।

ଅଷ୍ଟ୍ରେଲିଆ ଓ ଏବେ କର୍ଣ୍ଣାଟକ ପରେ ବ୍ରିଟେନ୍, ଡେନ୍‌ମାର୍କ ଓ ଗ୍ରୀସ୍ ଏ ଦିଗରେ କାର୍ଯ୍ୟାରମ୍ଭ କରିଛନ୍ତି। କିଶୋର ମାନସିକ ସ୍ୱାସ୍ଥ୍ୟ ଉପରେ ଇଣ୍ଟରନେଟ୍‌ର କୁପ୍ରଭାବ ବଢ଼ୁଥିବା ଅନୁଭବ କରିବା ପରେ ସେମାନଙ୍କୁ ଡିଜିଟାଲ୍ ଆସକ୍ତିରୁ ମୁକ୍ତ କରିବା ବା 'ଡିଡିଜିଟାଇଲେଜସନ୍' ପ୍ରକ୍ରିୟା ବିଶ୍ୱସ୍ତରରେ ଆରମ୍ଭ ହେବା ଶୁଭଙ୍କର।

# ଡିଜିଟାଲ୍ ଯୁଗରେ ଅସ୍ପୃଶ୍ୟତା ଓ ଜାତିପ୍ରଥା

ତ୍ରିନାଥ ନନ୍ଦୀ



ଏକବିଂଶ ଶତାବ୍ଦୀ ମାନବ ସଭ୍ୟତାର ଏକ ଅଦ୍ଭୁତ ପର୍ଯ୍ୟାୟ, ଯେଉଁଠାରେ ବିଜ୍ଞାନ, ପ୍ରଯୁକ୍ତି, ଶିକ୍ଷା ଓ ମାନବ ଅଧିକାରର ଚେତନା ଅଭୂତପୂର୍ବ ବିକାଶଲାଭ କରିଛି। ମଣିଷ ଆଜି ଚନ୍ଦ୍ର ଓ ମଙ୍ଗଳ ଗ୍ରହରେ ପହଞ୍ଚିବାର ସ୍ୱପ୍ନକୁ ସାକାର କରୁଛି, କୃତ୍ରିମ ବୁଦ୍ଧିମତ୍ତା ଓ ଡିଜିଟାଲ ବିପ୍ଳବ ଜଗତକୁ ଏକ ଗ୍ରାମରେ ପରିଣତ କରିଛି। ତଥାପି ସମାଜର ଅନ୍ତର ମନରେ ଅନେକ ପୁରାତନ କୁପ୍ରଥା ଏପର୍ଯ୍ୟନ୍ତ ବସା ବାନ୍ଧି ରହିଛି। ସେଥିମଧ୍ୟରେ ଜାତିପ୍ରଥା ଓ ଅସ୍ପୃଶ୍ୟତା ଏକ ଗଭୀର ସାମାଜିକ ବିକୃତି ଭାବରେ ଆଜି ମଧ୍ୟ ଚିନ୍ତାର କାରଣ ହୋଇ ରହିଛି। ଏହା ମାନବ ସମାଜର ସାମ୍ୟ, ସମାନତା ଓ ଭାଇଚାରାର ମୂଳ ଆଦର୍ଶ ଉପରେ ପ୍ରଶ୍ନବାଚକ ଚିହ୍ନ ଲଗାଇଥାଏ। ଭାରତୀୟ ସମାଜର ଐତିହାସିକ ଗଠନରେ ଜାତିପ୍ରଥା ଏକ ପ୍ରମୁଖ ଅଂଶ ଥିଲେ ମଧ୍ୟ ଏହା କାଳକ୍ରମେ ଏମିତି ଏକ ରୂପ ନେଇଛି, ଯାହା ମାନବିକତାର ମୂଲ୍ୟବୋଧକୁ ଗୁରୁତର ଭାବେ ଆଘାତ କରିଛି। ଏହି ପ୍ରଥା ମାନବକୁ ଜନ୍ମ ଆଧାରରେ ଉଚ୍ଚ ଓ ନିମ୍ନ ଶ୍ରେଣୀରେ ବିଭକ୍ତ କରି ଏକ ସାମାଜିକ ବିଚ୍ଛିନ୍ନତା ଓ ଅସମତାର ପରିବେଶ ସୃଷ୍ଟି କରିଛି।

ଜାତିପ୍ରଥାର ମୂଳ ଅର୍ଥ ହେଉଛି ଏମିତି ଏକ ସାମାଜିକ ବ୍ୟବସ୍ଥା, ଯେଉଁଥିରେ ମାନବକୁ ତା'ର ଜନ୍ମ, ବୃତ୍ତି ଓ ପାରିବାରିକ ପରମ୍ପରା ଆଧାରରେ ଭିନ୍ନ ଭିନ୍ନ ଶ୍ରେଣୀରେ ବିଭକ୍ତ କରାଯାଏ। ପ୍ରାଚୀନ ଭାରତରେ ଏହା ମୂଳତଃ ବର୍ଣ୍ଣ ବ୍ୟବସ୍ଥା ରୂପେ ଆରମ୍ଭ ହୋଇଥିଲା, ଯେଉଁଥିରେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ନାମକ ଚାରିଟି ପ୍ରମୁଖ ବର୍ଣ୍ଣ ଥିଲା। ପ୍ରାରମ୍ଭିକ ଅବସ୍ଥାରେ ଏହି ବର୍ଣ୍ଣ ବ୍ୟବସ୍ଥା କାର୍ଯ୍ୟ ଓ କ୍ଷମତା ଆଧାରିତ ଥିଲେ ମଧ୍ୟ କାଳକ୍ରମେ ଏହା ଜନ୍ମାଧାରିତ ଓ ଅନୁଚିତ ଭେଦଭାବର ରୂପ ନେଲା। ଏହାଫଳରେ ସମାଜର କିଛି ଶ୍ରେଣୀ ଉଚ୍ଚ ଓ କିଛି ନିମ୍ନ ଭାବେ ଚିହ୍ନଟ ହେଲେ, ଯାହା ସାମାଜିକ ଅସମତାର ମୂଳ କାରଣ ହେଲା। ଅସ୍ପୃଶ୍ୟତା, ଜାତିପ୍ରଥାର ଏକ ଅତ୍ୟନ୍ତ କୁରୂପ, ଯେଉଁଥିରେ କିଛି ଲୋକଙ୍କୁ ସମାଜର ଅନ୍ୟ ଶ୍ରେଣୀ ଦ୍ୱାରା ଛୁଇଁବାକୁ ମଧ୍ୟ ଅପବିତ୍ର ମନେ କରାଯାଏ। ଏହି ପ୍ରଥାରେ ଦଳିତ ଓ ନିମ୍ନବର୍ଗୀୟ ଲୋକମାନେ ମନ୍ଦିର ପ୍ରବେଶ, ସାଧାରଣ କୂଅ ବା ଜଳସ୍ରୋତ ବ୍ୟବହାର, ଶିକ୍ଷା ଓ ସାମାଜିକ ସୁବିଧାରୁ ବଞ୍ଚିତ ହୋଇଥିଲେ। ଏହା ମାନବ ମର୍ଯ୍ୟାଦା ଓ ସମାନତାର ମୂଳ ମୂଲ୍ୟବୋଧକୁ ଭଙ୍ଗ କରିଥାଏ। ଏକବିଂଶ ଶତାବ୍ଦୀରେ ମଧ୍ୟ ଏହି ସମସ୍ୟା ସମ୍ପୂର୍ଣ୍ଣ ଭାବେ ଦୂର ହୋଇପାରିନାହିଁ, ବରଂ ନୂତନ ରୂପ ନେଇ ସମାଜରେ ପ୍ରକାଶ ପାଉଛି। ଗ୍ରାମୀଣ ଅଞ୍ଚଳରେ ଏହା ଅଧିକ ସ୍ପଷ୍ଟ ଭାବେ ଦେଖାଯାଏ, ଯେଉଁଠାରେ ଜାତିଆଧାରିତ ଭେଦଭାବ, ବିବାହରେ ନିଷେଧ ଓ ସାମାଜିକ ବିଚ୍ଛିନ୍ନତା ଏପର୍ଯ୍ୟନ୍ତ ରହିଛି।

ସହର ଅଞ୍ଚଳରେ ଏହା ସେତେଟା ସ୍ପଷ୍ଟ ନ ଥିଲେ ମଧ୍ୟ ଚାକିରି, ରାଜନୀତି ଓ ସାମାଜିକ ସମ୍ପର୍କରେ ଗୁପ୍ତ ଭାବେ ଏହାର ପ୍ରଭାବ ଦେଖାଯାଏ। ଏକବିଂଶ ଶତାବ୍ଦୀର ଡିଜିଟାଲ ଯୁଗରେ ମଧ୍ୟ ସାମାଜିକ ଗଣମାଧ୍ୟମ ଓ ରାଜନୀତିକ ମଞ୍ଚରେ କେବେ କେବେ ଜାତିଆଧାରିତ ଚର୍ଚ୍ଚା ଓ ଦ୍ୱନ୍ଦ୍ୱ ଦେଖିବାକୁ ମିଳେ, ଯାହା ସମାଜର ସାମ୍ୟବାଦୀ ମୂଲ୍ୟବୋଧକୁ କ୍ଷତିଗ୍ରସ୍ତ କରେ। ଏହାର ପ୍ରମୁଖ କାରଣମାନଙ୍କ ମଧ୍ୟରେ ଅଶିକ୍ଷା, ପୁରାତନ ମନୋଭାବ, ଆର୍ଥିକ ଅସମତା ଓ ସାମାଜିକ ଅସଚେତନତା ମୁଖ୍ୟ। ଅନେକ ଲୋକ ପାରମ୍ପରିକ ଧାରଣାକୁ ଅନୁସରଣ କରି ଏହି ପ୍ରଥାକୁ ଆଜି ମଧ୍ୟ ଚାଲୁ ରଖିଛନ୍ତି। ଏହି ପରିସ୍ଥିତିରେ ଜାତିପ୍ରଥା ଓ ଅସ୍ପୃଶ୍ୟତା ନିବାରଣ ପାଇଁ ବିଭିନ୍ନ ସମୟରେ ସାମାଜିକ ସୁଧାର ଆନ୍ଦୋଳନ ଓ ଆଇନଗତ ପଦକ୍ଷେପ ଗ୍ରହଣ କରାଯାଇଛି। ଭାରତର ସଂବିଧାନ ମାନବ ସମାନତାକୁ ସର୍ବୋଚ୍ଚ ମୂଲ୍ୟବୋଧ ଭାବେ ସ୍ଥାନ ଦେଇଛି ଓ ଅସ୍ପୃଶ୍ୟତାକୁ ଅବୈଧ ଘୋଷଣା କରିଛି। ସଂବିଧାନର ଧାରା ୧୭ ଅନୁଯାୟୀ ଅସ୍ପୃଶ୍ୟତାର ସମ୍ପୂର୍ଣ୍ଣ ନିରାକରଣ କରାଯାଇଛି ଏବଂ ଆଇନତଃ ଦଣ୍ଡନୀୟ ଅପରାଧ ବୋଲି କୁହାଯାଇଛି। ଏହାସହିତ ଦଳିତ ଓ ପଛୁଆ ବର୍ଗର ଉନ୍ନତି ପାଇଁ ଆରକ୍ଷଣ ନୀତି, ଶିକ୍ଷା ଓ ଚାକିରିରେ ବିଶେଷ ସୁବିଧା ଦିଆଯାଇଛି। ସମାଜ ସୁଧାରକମାନେ ଏହି କୁପ୍ରଥା ନିବାରଣ ପାଇଁ ବିଶେଷ ଭୂମିକା ନିର୍ବାହ କରିଛନ୍ତି।

ମହାତ୍ମା ଗାନ୍ଧୀ ଦଳିତମାନଙ୍କୁ 'ହରିଜନ' ଭାବେ ସମ୍ବୋଧନ କରି ସେମାନଙ୍କ ସମ୍ମାନ ଓ ଅଧିକାର ପାଇଁ ଆନ୍ଦୋଳନ କରିଥିଲେ। ସେ ଅସ୍ପୃଶ୍ୟତାକୁ ସମାଜର ଏକ ମହାପାପ ଭାବେ ବିବେଚନା କରିଥିଲେ। ଡ. ଭୀମରାଓ ଆମ୍ବେଦକର ଦଳିତ ସମାଜର ଅଧିକାର ଓ ସମାନତା ପାଇଁ ଦୃଢ଼ ଆନ୍ଦୋଳନ କରିଥିଲେ ଏବଂ ସଂବିଧାନ ରଚନା ମାଧ୍ୟମରେ ସେମାନଙ୍କୁ ଆଇନଗତ ସୁରକ୍ଷା ଦେଇଥିଲେ। ସ୍ୱାମୀ ବିବେକାନନ୍ଦ ଓ ଅନ୍ୟାନ୍ୟ ସାମାଜିକ ସୁଧାରକମାନେ ମାନବ ସମାନତା ଓ ଭାଇଚାରାର ବାର୍ତ୍ତା ପ୍ରଚାର କରିଥିଲେ। ଏହି ସମସ୍ତ ପ୍ରୟାସ ସତ୍ତ୍ୱେ ସମାଜର କେତେକ ସ୍ଥାନରେ ଏହି ସମସ୍ୟା ଏପର୍ଯ୍ୟନ୍ତ ତିଷ୍ଠି ରହିଛି। ଏହା ପ୍ରମାଣ କରେ ଯେ କେବଳ ଆଇନ ଓ ନୀତି ପର୍ଯ୍ୟାପ୍ତ ନୁହେଁ; ମନୋଭାବର ପରିବର୍ତ୍ତନ ମଧ୍ୟ ଅତ୍ୟନ୍ତ ଆବଶ୍ୟକ।


ଜାତିପ୍ରଥା ଓ ଅସ୍ପୃଶ୍ୟତା ନିବାରଣ ପାଇଁ ଶିକ୍ଷା ହେଉଛି ସବୁଠାରୁ ଶକ୍ତିଶାଳୀ ମାଧ୍ୟମ। ଶିକ୍ଷା ମାନବକୁ ସଚେତନ କରି ସମାନତା ଓ ମାନବତାର ମୂଲ୍ୟବୋଧ ସମ୍ପର୍କରେ ଅବଗତ କରେ। ଯଦି ସମାଜର ପ୍ରତ୍ୟେକ ଲୋକ ଶିକ୍ଷିତ ଓ ସଚେତନ ହୁଅନ୍ତି, ତେବେ ସେମାନେ ଏପ୍ରକାର ଭେଦଭାବକୁ ସ୍ୱୀକାର କରିବେ ନାହିଁ। ତଦୁପରି ସାମାଜିକ ସଚେତନତା କାର୍ଯ୍ୟକ୍ରମ, ସାହିତ୍ୟ, ସାମ୍ବାଦିକତା ଓ ଡିଜିଟାଲ ମାଧ୍ୟମ ଏହି ବିଷୟରେ ସଚେତନତା ବୃଦ୍ଧି କରିପାରେ। ସାହିତ୍ୟିକ ଓ ସୃଜନଶୀଳ ରଚନା ମାନବତାର ବାର୍ତ୍ତା ପ୍ରସାର କରି ସମାଜର ମନୋଭାବକୁ ପରିବର୍ତ୍ତନ କରିପାରେ। ଆଧୁନିକ ଯୁଗରେ ଯୁବବର୍ଗ ଏହି ପରିବର୍ତ୍ତନର ମୂଳ ଶକ୍ତି ହୋଇପାରିବେ। ସେମାନେ ସମାନତା, ମାନବତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଅନୁସରଣ କରି ସମାଜରେ ନୂତନ ଚେତନା ସୃଷ୍ଟି କରିପାରନ୍ତି। ଅନ୍ୟଜାତିରେ ବିବାହ, ସାମାଜିକ ମିଶ୍ରଣ ଓ ସାମୂହିକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଏହି ଭେଦଭାବକୁ ହ୍ରାସ କରିବାରେ ସହାୟକ ହୋଇପାରେ।

ଗ୍ରାମୀଣ ଅଞ୍ଚଳରେ ବିଶେଷ ସଚେତନତା କାର୍ଯ୍ୟକ୍ରମ ଓ ସମାଜସେବୀ ସଂଗଠନମାନଙ୍କର ଭୂମିକା ଏଥିରେ ଗୁରୁତ୍ୱପୂର୍ଣ୍ଣ। ଶାସନ, ଶିକ୍ଷାସଂସ୍ଥା, ସମାଜସେବୀ ସଂଗଠନ ଓ ସାଧାରଣ ନାଗରିକମାନେ ଏକତ୍ର ହୋଇ ଯଦି ସମାନତାର ପକ୍ଷରେ କାମ କରନ୍ତି, ତେବେ ଏହି ସମସ୍ୟାକୁ ଦୂର କରିବା ସମ୍ଭବ। ଏହା ସହିତ ଆର୍ଥିକ ସମତା ଓ ସାମାଜିକ ନ୍ୟାୟ ସ୍ଥାପନ ମଧ୍ୟ ଅତ୍ୟନ୍ତ ଆବଶ୍ୟକ। ଯେପର୍ଯ୍ୟନ୍ତ ସମାଜର କିଛିଶ୍ରେଣୀ ଆର୍ଥିକ ଓ ଶିକ୍ଷାରେ ପଛୁଆ ରହିବେ, ସେପର୍ଯ୍ୟନ୍ତ ଜାତିଆଧାରିତ ଭେଦଭାବର ସମ୍ଭାବନା ରହିବ। ତେଣୁ ଦଳିତ ଓ ପଛୁଆ ବର୍ଗର ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ ବିଶେଷ ପଦକ୍ଷେପ ଆବଶ୍ୟକ। ଯେତେବେଳେ ପ୍ରତ୍ୟେକ ମଣିଷ ମଣିଷକୁ କେବଳ ମଣିଷ ଭାବେ ଦେଖିବାର ମନୋଭାବ ଗଢ଼ିଉଠିବ, ସେତେବେଳେ ଯାଇ ଏହି କୁପ୍ରଥାର ସମ୍ପୂର୍ଣ୍ଣ ନିବାରଣ ସମ୍ଭବ ହେବ ଏବଂ ସମାଜ ସତ୍ୟ ଅର୍ଥରେ ସମାନତା, ନ୍ୟାୟ ଓ ଭାଇଚାରାର ଆଦର୍ଶକୁ ସାକାର କରିପାରିବ।

ଜଳେଶ୍ୱର(ବାଲେଶ୍ୱର), ମୋ: ୮୧୧୮୦୪୦୩୯୦

# ଡାକବାଜି ଯନ୍ତ୍ରର ଯନ୍ତ୍ରଣା!

ମହେଶ୍ୱର ପାତ୍ର



ପ୍ରଦୂଷଣ ବିଭିନ୍ନ ରୂପର ହେଇପାରନ୍ତି। ସାଧାରଣତଃ ପରିବେଶ ଓ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଉଥିବା ଉପାଦାନକୁ ଆମେ ପ୍ରଦୂଷଣ ବର୍ଗରେ ରଖିଥାଉ। ଦୈନନ୍ଦିନ ଜୀବନରେ ଆମେ ବିଭିନ୍ନ ରକମର ପ୍ରଦୂଷଣ ସମ୍ପର୍କରେ ଆଲୋଚନା କରୁ। ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ରୂପେ ଏହାର ସଂସ୍ପର୍ଶରେ ଆସୁ। ମାତ୍ର ଯେପର୍ଯ୍ୟନ୍ତ ଏହା ଆମର ବ୍ୟକ୍ତିଗତ ବା ପାରିବାରିକ ଜୀବନକୁ ପ୍ରଭାବିତ କରିନାହିଁ, ସେ ପର୍ଯ୍ୟନ୍ତ ଆମେ ପ୍ରଦୂଷଣ ନିୟନ୍ତ୍ରଣ ପ୍ରସଙ୍ଗକୁ ହେୟଜ୍ଞାନ କରୁ, ଯାହା ଭବିଷ୍ୟତରେ ଆମ ପାଇଁ ଘାତକ ସାବ୍ୟସ୍ତ ହୁଏ। ଶବ୍ଦ ପ୍ରଦୂଷଣ ଏହାର ଏକ ଉଦାହରଣ। ଏହି ବିଷୟରେ ସାଧାରଣରେ ଏତେ ଚର୍ଚ୍ଚା ହୁଏ ନାହିଁ। କିନ୍ତୁ ଏହା ଏକ ନିରବ ଘାତକ ପରି ଆମର ସର୍ବନାଶ କରି ଚାଲିଥାଏ। ଯେପର୍ଯ୍ୟନ୍ତ ଆମେ ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ନାହିଁ, ସେପର୍ଯ୍ୟନ୍ତ ଏହା ଆମର ବ୍ୟକ୍ତିଗତ ରୂପେ କ୍ଷତି ସାଧନ କରିଚାଲିଥିବ।

ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ଆଇନ-୨୦୦୦, ପରିବେଶ ସୁରକ୍ଷା ଆଇନ -୧୯୮୬ ଅଧୀନରେ ଏବଂ ଜାତୀୟ ପ୍ରଦୂଷଣ ବୋର୍ଡର ନିର୍ଦ୍ଦେଶାବଳୀ ଅନୁଯାୟୀ ଶବ୍ଦ ପ୍ରଦୂଷଣର ବିଭିନ୍ନ ସ୍ତର ଓ ସମୟ କଟକଣା ନିର୍ଦ୍ଧାରଣ କରାଯାଇଛି। ଯେପରିକି, ଘରୋଇ ଅଞ୍ଚଳ ପାଇଁ ସର୍ବାଧିକ ୫୫ ଡେସିବଲ (ଦିନ) ଓ ୪୫ଡେସିବଲ (ରାତି), ବାଣିଜ୍ୟିକ ଅଞ୍ଚଳ ପାଇଁ ୬୫ଡେସିବଲ(ଦିନ) ଓ ୫୫ ଡେସିବଲ(ରାତି) ଏବଂ ନିରବତା ଅଞ୍ଚଳ ଯଥା - ସ୍କୁଲ, କଲେଜ, ହସ୍ପିଟାଲ, କୋର୍ଟ ଆଦି ପାଇଁ ଏହା ଯଥାକ୍ରମେ ୫୦ ଡେସିବଲ(ଦିନ) ଓ ୪୦ଡେସିବଲ(ରାତି)। ଏଥିସହିତ ୮୦ ଡେସିବଲରୁ ଅଧିକ ଶବ୍ଦ ଶୁଣିବା ମନୁଷ୍ୟ ପାଇଁ ବିପଜ୍ଜନକ ବୋଲି ଉଲ୍ଲେଖ ରହିଛି। କେବଳ ସେତିକି ନୁହେଁ, ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଯେକୌଣସି ପ୍ରକାର ଉଚ୍ଚଶବ୍ଦ ସୃଷ୍ଟିକାରୀ ଡାକବାଜି ଯନ୍ତ୍ର ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ନିୟମ ଅବଜ୍ଞା କଲେ ଆଇନ ଅନୁଯାୟୀ ଦଣ୍ଡର ପ୍ରାବଧାନ ମଧ୍ୟ ରହିଛି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଅନେକ ସ୍ଥାନରେ ଏହି ଆଇନର ଉଲ୍ଲଙ୍ଘନ ହେଉଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଫଳରେ ଏହି ନିୟମ କେବଳ କାଗଜ କଲମରେ ସୀମିତ ହୋଇ ରହିଯାଇଛି। ବିଶେଷକରି ଗାଁ ଗହଳିରେ ଏହି ନିୟମର ଉଲ୍ଲଙ୍ଘନ ଅତି ସାଧାରଣ ପାଲଟି ଯାଇଛି।

ଏବେ ପରୀକ୍ଷା ଋତୁ ଆରମ୍ଭ ହୋଇସାରିଛି। ସାରା ରାଜ୍ୟରେ ଛାତ୍ରଛାତ୍ରୀମାନେ ପରୀକ୍ଷାମନସ୍କ। ମାଟ୍ରିକ ପରୀକ୍ଷାଠାରୁ ଆରମ୍ଭ କରି +୨, +୩ ଆଦି ପରୀକ୍ଷାମାନ ଚାଲୁ ରହିଛି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଜଡ଼ିତ ଏହି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାଗୁଡ଼ିକ ଦେବା ପାଇଁ ସେମାନେ ବିଗତ ବର୍ଷଗୁଡ଼ିକରେ କଠିନ ପରିଶ୍ରମ କରିଛନ୍ତି। ବର୍ତ୍ତମାନ ସେହି ପରିଶ୍ରମର ଫଳ ପାଇବାର ସମୟ। ଏହାରି ମଧ୍ୟରେ ରାଜ୍ୟର ବିଭିନ୍ନପ୍ରାନ୍ତରେ ଲକ୍ଷ୍ୟ କରା ଯାଉଛି ଧାର୍ମିକ ମହୋତ୍ସବ, ଅଷ୍ଟପ୍ରହରୀ, ମେଳା, ଅପେରା, ବିବାହ ଶୋଭାଯାତ୍ରା ଆଦି ନାମରେ ଡିଜେ ଓ ଡାକବାଜି ଯନ୍ତ୍ରର ଅନିୟନ୍ତ୍ରିତ ଶବ୍ଦ ସେମାନଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି କରୁଛି। ଗୋଟେ ଗୋଟେ (ମୁଖ୍ୟତଃ ଧାର୍ମିକ ମହୋତ୍ସବ) ସ୍ଥାନରେ ରାତି ସାରା ଉଚ୍ଚ ଡାକବାଜି ଯନ୍ତ୍ରର ବ୍ୟବହାର ହେଉଛି। ଅନେକ ସ୍ଥାନରେ ବିଳମ୍ବିତ ରାତିରେ ବାହାଘର ଶୋଭାଯାତ୍ରା କାନଫଟା ଶବ୍ଦ ସୃଷ୍ଟି କରି ଗାଁ ଗାଁରେ ବୁଲୁଛି। ଆଉ କେଉଁଠି ଅପେରା ପାର୍ଟିର ସଂଳାପ କାନପାଖରେ ଗୁଞ୍ଜରିତ ହୋଇ ରାତିଯାକ ଅସ୍ତବ୍ୟସ୍ତ କରି ଦେଉଛି, ଯାହା କେବଳ ପରୀକ୍ଷାର୍ଥୀମାନଙ୍କର କ୍ଷତି ସାଧନ କରୁ ନାହିଁ, ବରଂ ଶିଶୁ, ବୟସ୍କ ବ୍ୟକ୍ତି ଓ ରୋଗୀମାନଙ୍କ ପାଇଁ ଘାତକ ସାବ୍ୟସ୍ତ ହେଉଛି।

କିଛିଦିନ ତଳେ ଓଡ଼ିଆ ଯାତ୍ରା ଜଗତର ଜଣେ ଆଗଧାଡ଼ିର ଅଭିନେତାଙ୍କର ଏହି କାରଣ (ଉଚ୍ଚ ଶବ୍ଦ ସୃଷ୍ଟିକାରୀ ଡିଜେ)ରୁ ମୃତ୍ୟୁ ହେଇଥିବାର ଅଭିଯୋଗ ଆଣି ତାଙ୍କ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଥିଲେ। ସେହିପରି ୨୦୧୭ ମସିହାରେ ବଲିଉଡର ପ୍ରସିଦ୍ଧ କଣ୍ଠଶିଳ୍ପୀ ସୋନୁ ନିଗମ ଲାଉଡ ସ୍ପିକର୍ ଜରିଆରେ ଅଜାନ (ପ୍ରାର୍ଥନା) ଗାଇବା ଦ୍ୱାରା ଏହା ତାଙ୍କ ଶୋଇବାରେ ବ୍ୟାଘାତ ସୃଷ୍ଟି କରୁଥିବାର ଏକ ଟୁଇଟ କରିଥିଲେ। ଯାହା ସେତେବେଳେ ଏକ ବିତର୍କର ବିଷୟ ହୋଇଥିଲା। ଅଦାଲତଙ୍କ ନିର୍ଦ୍ଦେଶ ଅନୁସାରେ ଉଚ୍ଚଶବ୍ଦ ସୃଷ୍ଟିକାରୀ ଡାକବାଜି ଯନ୍ତ୍ରର ବ୍ୟବହାର ନିମନ୍ତେ କୌଣସି ଧର୍ମର ମୌଳିକ ଅଧିକାର ନାହିଁ। ଯଦି ଏହାର ବ୍ୟବହାର ଜନସାଧାରଣଙ୍କ ଶାନ୍ତିରେ ବ୍ୟାଘାତ ସୃଷ୍ଟି କରୁଛି ତେବେ ଏହା ବର୍ଜନୀୟ। ଏମିତି ବି ଦେଖିବାକୁ ଗଲେ ଠାକୁର ଆରାଧନା କିମ୍ବା ପ୍ରାର୍ଥନା ନିମନ୍ତେ କୌଣସି ଡାକବାଜି ଯନ୍ତ୍ରର ଆବଶ୍ୟକତା ଜରୁରୀ ନୁହେଁ। ଯେବେ ଡାକବାଜି ଯନ୍ତ୍ରର ଉଦ୍ଭାବନ ହୋଇ ନଥିଲା ସେତେବେଳେ ବି ଲୋକ ଧାର୍ମିକ ମହୋତ୍ସବ, ପୂଜାପାଠ, ପ୍ରାର୍ଥନା ଆଦି କରୁଥିଲେ। ମେଳା ମହୋତ୍ସବ ହେଉ କିମ୍ବା ବିବାହ ବ୍ରତଘର, ଅଷ୍ଟପ୍ରହରୀ ହେଉ କିମ୍ବା ଯେକୌଣସି ଜାନିଯାତ୍ରା! କାଳକ୍ରମେ ସେସବୁରେ ଡାକବାଜି ଯନ୍ତ୍ରର ବ୍ୟବହାର ଅଧୁନିକ ସମାଜରେ ଜରୁରୀ ହୋଇପଡ଼ିଛି। କିନ୍ତୁ ଏହାର ବ୍ୟବହାର ସମୟରେ ଆମେ ଯତ୍ନବାନ ହେବା ଉଚିତ। ଏହା କିଭଳି ଶ୍ରୁତିକଟୁ ନହୋଇ ଶ୍ରୁତିମଧୁର ହେବ, ସେ ଦିଗରେ ଦୃଷ୍ଟି ଦେବା ଆବଶ୍ୟକ।

(ଅଧ୍ୟାପକ, କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟ)
ମୋ: ୭୦୦୮୦୬୫୮୭୫

# ଗେଣ୍ଡାପୂଜା ପରମ୍ପରା

ଓଜସ୍ୱିନୀ

ଭାରତରେ ଗେଣ୍ଡା ବା ଶଙ୍ଖ ପୂଜାର ପରମ୍ପରା ବହୁ ପ୍ରାଚୀନ। କେତେକ ସ୍ଥାନରେ ଗେଣ୍ଡାକୁ ପ୍ରତ୍ୟକ୍ଷ ଭାବେ ପୂଜା କରାଯାଉଥିବା ବେଳେ ଗେଣ୍ଡାର ପରିବର୍ତ୍ତିତ ରୂପ ଶଙ୍ଖକୁ ଅଧ୍ୟାତ୍ମର ପ୍ରତୀକ ଭାବେ ଗ୍ରହଣ କରାଯାଇଛି। ଏହିଦୃଷ୍ଟିରୁ ଦେଖିବାକୁ ଗଲେ ଗଛପତ୍ରର ଶତ୍ରୁ ଏବଂ ଇତରପ୍ରାଣୀ ଭାବେ ନିନ୍ଦିତ ଗେଣ୍ଡା ମଧ୍ୟ ପୂଜନୀୟ।

ବିହାରସ୍ଥିତ ମିଥିଳାର କେତେକ ଅଞ୍ଚଳ ଏବଂ ମଧୁବନୀ ଜିଲ୍ଲାରେ ଶ୍ରାବଣ ମାସରେ 'ମଧୁଶ୍ରାବଣୀ ପଞ୍ଚମୀ' ନାମକ ଏକ ପର୍ବ ଅନୁଷ୍ଠିତ ହୋଇଥାଏ। ୧୫ଦିନ ଧରି ଚାଲୁଥିବା ଏହି ପର୍ବରେ ନାଗକୁଳଙ୍କୁ ପୂଜାର୍ଚ୍ଚନା କରାଯାଏ। କିନ୍ତୁ ଲୋକବିଶ୍ୱାସ ଅନୁସାରେ ଗେଣ୍ଡାକୁ ନାଗକୁଳର ଏକ ସ୍ୱରୂପ ବୋଲି ବିବେଚନା କରି 'ଗେଣ୍ଡାପୂଜା' କରାଯାଏ। ଏହି ପୂଜା ମୁଖ୍ୟତଃ ସ୍ୱାମୀମାନଙ୍କର ଦୀର୍ଘାୟୁକାମନା ସହ ପ୍ରକୃତି ସହିତ ଘନିଷ୍ଠ ସମ୍ପର୍କ ବୃଦ୍ଧି, ସର୍ପଦୋଷରୁ ମୁକ୍ତି ଓ ମାଟିର ଶୁଦ୍ଧିକରଣ ଉଦ୍ଦେଶ୍ୟରେ କରାଯାଏ। ନବବିବାହିତାଙ୍କ ପାଇଁ ଏହି ପୂଜାର ବିଶେଷ ମହତ୍ତ୍ୱ ରହିଛି। ମନ୍ଦିର ପରିସରରେ କିମ୍ବା କୌଣସି ଏକ ନିର୍ଦ୍ଦିଷ୍ଟ ପୂଜାସ୍ଥଳରେ ମାଟି କିମ୍ବା ରୁପାରେ ନାଗନାଗୁଣୀଙ୍କ ପ୍ରତିମା ନିର୍ମାଣ ହୋଇଥାଏ। ୧୫ଦିନ ପର୍ଯ୍ୟନ୍ତ ମହିଳାମାନେ ଷୋହଳଶୃଙ୍ଗାର ହୋଇ ୭ ପ୍ରକାରର ପତ୍ର ଏବଂ ବାସିଫୁଲରେ ନାଗନାଗୁଣୀ ପୂଜା କରିବା ସହିତ କ୍ଷୀର ଅର୍ପଣ କରନ୍ତି। ଏହାବ୍ୟତୀତ ମିଥିଳାର କୁଳଦେବୀଙ୍କୁ ଗେଣ୍ଡାର ଉପର ଖୋଳପା (କବଚ) ଅର୍ପଣ କରିବାର ପ୍ରଥା ରହିଛି। ଏହି ପ୍ରଥା କାହିଁକି ଓ କିପରି ସୃଷ୍ଟି ହେଲା, ତାହାର କୌଣସି କାହାଣୀ ନାହିଁ।

ଗେଣ୍ଡାକୁ ସ୍ଥାନୀୟ ଲୋକମାନେ ପବିତ୍ର ମାନ୍ୟତା ଦେଇଥା'ନ୍ତି। ଗେଣ୍ଡାମାନେ ଗଛପତ୍ର ଖାଇ ମାଟିରେ ରହୁଥିବାରୁ ସେମାନଙ୍କ ଜୀବନ ସମ୍ପୂର୍ଣ୍ଣ ଶୁଦ୍ଧପୂତ। ତେଣୁ ଗେଣ୍ଡାମାନଙ୍କୁ ଦେବୀଙ୍କୁ ଅର୍ପଣ କରିବା କିମ୍ବା ପୂଜାଯୋଗ୍ୟ ବୋଲି ବିବେଚନା କରାଯାଏ। ସ୍ଥାନୀୟ ପରମ୍ପରା ଅନୁସାରେ ମହିଳାମାନେ ଗେଣ୍ଡାର ଉପର ଖୋଳପାକୁ ଗୋବର ସହିତ ମିଶାଇ ଦେବୀଙ୍କୁ ଅର୍ପଣ କରନ୍ତି। ବିଧିବଦ୍ଧ ପୂଜାର୍ଚ୍ଚନା ପରେ ଉକ୍ତ ଖୋଳପାକୁ ସମସ୍ତେ ନିଜ ଘର କାନ୍ଥରେ ଲଗାଇ ରଖନ୍ତି। ଏଭଳି କରିବା ଦ୍ୱାରା ଦେବୀଙ୍କର କୃପାପ୍ରାପ୍ତ ହୋଇଥାଏ ଏବଂ ଗେଣ୍ଡାମାନେ ସୌଭାଗ୍ୟ, ପ୍ରଜନନ କ୍ଷମତା ଓ ଧନର ପ୍ରତୀକ ବୋଲି ବିଶ୍ୱାସ ରହିଛି। ପ୍ରତିବର୍ଷ ଶ୍ରାବଣ ମାସରେ ଏହି ପରମ୍ପରା ପାଳନ କରାଯାଏ। ଲୋକମାନେ ପୂର୍ବରୁ ଲାଗିଥିବା ଗେଣ୍ଡାଖୋଳପାକୁ ପାଣିରେ ବିସର୍ଜନ କରି କୁଳଦେବୀଙ୍କୁ ସମର୍ପଣ କରାଯାଇଥିବା ନୂତନ ଖୋଳପାକୁ କାନ୍ଥରେ ଲଗାନ୍ତି। ଏହି ପୂଜା ସ୍ଥାନୀୟ କୃଷିଭିତ୍ତିକ ପରମ୍ପରା ଏବଂ ମାଟି ମା' ସହିତ ସ୍ନେହସମ୍ପର୍କୁ ଦର୍ଶାଇଥାଏ। ଗେଣ୍ଡାଙ୍କୁ ଦେଖିବା ଶୁଭଙ୍କର ଭାବେ ଅନ୍ୟକେତେକ ଅଞ୍ଚଳରେ ମାନ୍ୟତା ରହିଛି।

## ବିଚିତ୍ର ବିଶ୍ୱାସ

ଓଡ଼ିଶାରେ ମଧ୍ୟ ଗେଣ୍ଡାଙ୍କୁ ସମର୍ପିତ ଏକ କୃଷିଭିତ୍ତିକ ପର୍ବ ରହିଛି। ଶ୍ରୀଜଗନ୍ନାଥ ସଂସ୍କୃତିର ଅନ୍ୟ ଏକ ମୁଖ୍ୟପର୍ବ 'ଚିତାଲାଗି ଅମାବାସ୍ୟା'କୁ କେତେକ ଅଞ୍ଚଳରେ 'ଗେଣ୍ଡାକଟା ଅମାବାସ୍ୟା' ଭାବେ ପାଳନ କରାଯାଏ। ଏହିଦିନ ପ୍ରତି ଓଡ଼ିଆ ଘରେ ଚିତଉ ପିଠା ପ୍ରସ୍ତୁତ ହୋଇଥାଏ। ଚାଷୀ ପରିବାର ଝିଅମାନେ ବିଲକୁ ଯାଇ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଗେଣ୍ଡାମାନଙ୍କ ଉଦ୍ଦେଶ୍ୟରେ ଚିତଉ ପିଠା ଅର୍ପଣ କରି ଧୂପଦୀପ ସହ ବନ୍ଦାପନା କରନ୍ତି। ପ୍ରାର୍ଥନା କରାଯାଏ ଯେ, ଯେତେବେଳେ ତାଙ୍କ ବାପା/ଭାଇ ଚାଷକାମ ପାଇଁ ବିଲକୁ ଆସିବେ, ସେତେବେଳେ ତାଙ୍କ ଗୋଡ଼କୁ ଗେଣ୍ଡାମାନେ କାମୁଡ଼ିବେ ନାହିଁ। ଏହାକୁ 'ଗେଣ୍ଡେଇସୁଣୀ ପୂଜା' ମଧ୍ୟ କୁହାଯାଏ। ଏହି ପୂଜା ପାଇଁ ଏକ ସ୍ୱତନ୍ତ୍ର ଲୋକଗୀତ ମଧ୍ୟ ଅଛି। ଶ୍ରାବଣମାସରେ ବିଲ କଦମାକ୍ତ ହୋଇଥିବାରୁ ଅଧିକ ଗେଣ୍ଡା ଦେଖାଯା'ନ୍ତି। ସେହି ସମୟରେ ଚାଷୀଭାଇମାନେ ଚାଷକାମ ପାଇଁ ବିଲରେ ଅଧିକ ସମୟ ରହୁଥିବାରୁ ଗେଣ୍ଡାମାନେ ସେମାନଙ୍କୁ କାମୁଡ଼ିବାର ଆଶଙ୍କା ଅଧିକ ଥାଏ। ବିଶ୍ୱାସ ରହିଛି ଯେ, ଏଭଳି ପୂଜା ଓ ପ୍ରାର୍ଥନା କରିବା ଦ୍ୱାରା ଗେଣ୍ଡାମାନେ କାହାକୁ କାମୁଡ଼ି ନଥା'ନ୍ତି।

ୟୁନାନୀ ପୌରାଣିକ କଥାଗୁଡ଼ିକରେ ଦେବତା ନେରିଟ୍ସ ଶଙ୍ଖରେ ରୂପାନ୍ତରିତ ହୋଇଥିବାର ଅନେକ କାହାଣୀ ରହିଛି, ଯିଏକି ପ୍ରତ୍ୟକ୍ଷ ଦେବତ୍ୱର ଉଦାହରଣ। ଭାରତ ପରି ପୋଲିନେସିୟନ୍ ପରମ୍ପରାରେ ମଧ୍ୟ ଶଙ୍ଖରେ ଦେବତାଙ୍କୁ ଜଳ ଅର୍ପଣ କରିବାର ବିଧି ଅଛି। କେତେକ କ୍ଷେତ୍ରରେ ମାଛ, ମାଂସ ପରି ଗେଣ୍ଡାକୁ ମଧ୍ୟ ଆମିଷ ଭୋଜନ ଭାବେ ଗ୍ରହଣ କରାଯାଉଛି। କିନ୍ତୁ ଭାରତୀୟ ସଂସ୍କୃତିରେ ଜୀବସତ୍ତାର ଗୁରୁତ୍ୱ ଓ ମହତ୍ତ୍ୱକୁ ପ୍ରାଧାନ୍ୟ ଦିଆଯାଇ ଗେଣ୍ଡାକୁ ଶୁଦ୍ଧପୂତ ବୋଲି ବିବେଚନା କରାଯାଉଥିବାରୁ ପୂଜାଯୋଗ୍ୟ ହୋଇପାରିଛି, ଯାହା ନିଶ୍ଚିତ ଭାବେ ମହନୀୟ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଶ୍ରୀହୀନ ପାଲଟିଛି ସରକାରୀ ବିହନ ବିଶୋଧନାଗାର




**ବନ୍ତ/ଆଗରପଡ଼ା,୨୬ା୩(ସମିସ)**

ଉନ୍ନୟନ ଦିଗରେ ସରକାରୀ କାର୍ଯ୍ୟ କିପରି ବାଟବଣା ହୋଇ ପଡ଼ିଛି ତା'ର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ସାଜିଛି ବନ୍ତ ବ୍ଲକ୍ ବଡ଼ବର୍ଛିକୟାଁ ପଞ୍ଚାୟତ ଅନ୍ତର୍ଗତ ଶେଉଳଗଡ଼ିଆରେ ପ୍ରତିଷ୍ଠିତ ସରକାରୀ ବିହନ ବିଶୋଧନାଗାର। କୃଷି ପ୍ରଧାନ ବନ୍ତ ବ୍ଲକ୍ ଅଞ୍ଚଳରେ ୧୯୫୫ ମସିହାରେ ପ୍ରତିଷ୍ଠିତ ଏହି ବିହନ ବିଶୋଧନାଗାରର ଦୁରବସ୍ଥା ବର୍ତ୍ତମାନ ଚର୍ଚ୍ଚାକୁ ଆସିଛି। ୭୦ ବର୍ଷର ଏହି କୃଷି ଭିତ୍ତିଭୂମି ଏବେ କୃଷକଙ୍କ ପାଇଁ ଏକ ପ୍ରକାର ଅପହଞ୍ଚ ହୋଇ ରହିଛି। ୪୫ ଏକର ପରିମିତ ଜମି ସହ କ୍ଷେତ୍ରାଧିକାରୀ, ୪ ଜଣ ସ୍ଥାୟୀ ଶ୍ରମିକ ଓ ୮ଟି ବଳଦକୁ ନେଇ କାର୍ଯ୍ୟାରମ୍ଭ କରିଥିଲା ଏହି ବିଶୋଧନାଗାର। ପାଣିର ସୁବିଧା ପାଇଁ ୨ଟି କୂଅ, ନଳକୂଅ, ଲିଫ୍ଟପଏଣ୍ଟ, ୫ ଏକର ପରିମିତ ସ୍ଥାନରେ ପୋଖରୀ ଆଦି ଖୋଳାଯାଇଥିଲା। ଏହା ମଧ୍ୟରେ ଆମ୍ବ ଓ ନଡ଼ିଆ ପରି ଅନେକ ଚାରାରୋପଣ କରାଯାଇଥିଲା। ବିଶୋଧନାଗାର ଚାରିପାଖକୁ ଲୁହା ତାରବାଡ଼ ଦ୍ୱାରା ଆବଦ୍ଧ କରାଯିବା ସହ କର୍ମଚାରୀଙ୍କ ପାଇଁ କ୍ୱାର୍ଟର ଓ ବଳଦଙ୍କ ପାଇଁ ଗୁହାଳ ଘର ଆଦି ନିର୍ମାଣ କରାଯାଇଥିଲା। ଇତି ମଧ୍ୟରେ ୭୦ ବର୍ଷ ବିତିଯାଇଛି। ଏହାର ରୂପରେଖରେ ବହୁ ପରିବର୍ତ୍ତନ ଆସିଛି। ହେଲେ ପ୍ରବେଶ ପଥରେ ଥିବା ବଡ଼ ଲୁହା ଫାଟକ ଆଉ ନାହିଁ କି ପୂର୍ବରୁ ଲୁହା ତାରବାଡ଼ ଦ୍ୱାରା ଆବଦ୍ଧ ପରିବେଶ ବି ନାହିଁ।

ସୂଚନା ଅନୁଯାୟୀ, ଏଠାରେ ଟ୍ରାକ୍ଟରଟିଏ ଥିଲେ ସୁଦ୍ଧା ଏହାକୁ ଚଳାଇବା ପାଇଁ ସ୍ଥାୟୀ ଚାଳକଟିଏ ନାହିଁ। ଫଳରେ ଟ୍ରାକ୍ଟରଟି ଏକ ପ୍ରକାର ଅଲୋଡ଼ା ହୋଇ ସରକାରୀ ଅର୍ଥର ଅପବ୍ୟୟର ଏକ ନମୁନା ସାଜିଛି। ବିଡ଼ମ୍ବନାର ବିଷୟ ଏହିକି ଯେ, ଉକ୍ତ ବିହନ ବିଶୋଧନାଗାର ଜଣେ କୃଷି ଓଭରସିୟରଙ୍କ ଦାୟିତ୍ୱରେ ଚାଲିଛି। ବିଭାଗ ତରଫରୁ ଆଉ କୋୖଣସି ସରକାରୀ କର୍ମଚାରୀଙ୍କୁ ଏଠାରେ ନିଯୁକ୍ତି ଦିଆଯାଉନାହିଁ। ସରକାର କୃଷି ଓ କୃଷକ ଉଭୟଙ୍କୁ ପ୍ରାଧାନ୍ୟ ଦେବାକୁ ଯାଇ ବିଭିନ୍ନ ପ୍ରକାର ଯୁଗାନ୍ତକାରୀ ଯୋଜନା ପ୍ରଣୟନ କରିବା ସହ ଆହୁରି ଅନେକ ନୂତନ ଯୋଜନା ମାଧ୍ୟମରେ କୃଷି କ୍ଷେତ୍ରରେ ଉନ୍ନତି ଆଣିବାକୁ ଚେଷ୍ଟିତ ହେଉଥିବାବେଳେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ଏହାର ସଫଳ ରୂପାୟଣ ହୋଇ ନ ପାରି ସରକାରୀ ଅର୍ଥର ଅପବ୍ୟବହାର ହେବା ସାର ହେଉଛି। ବିଶୋଧନାଗାରର ମୁକୁଳା ପରିବେଶକୁ ନେଇ ବାରମ୍ବାର ଅଭିଯୋଗ ଏବଂ ଖବର ପ୍ରକାଶିତ ହେବା ପରେ ୨ ବର୍ଷ ପୂର୍ବରୁ ଏହାର ଚାରିପାଖରେ ପାଚେରି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ଇତି ମଧ୍ୟରେ ବିଭାଗୀୟ ଅଧିକାରୀଙ୍କ ଅଣଦେଖା ହେଉ କିମ୍ବା ଇଚ୍ଛାଶକ୍ତିର ଅଭାବ ଯାହାବି ହେଉ ତାହା ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ। ଯଦ୍ୱାରା ପୂର୍ବପରି ଗାଈଗୋରୁ ସମେତ ଅସାମାଜିକ ବ୍ୟକ୍ତିଙ୍କ ଅବାଧ ପ୍ରବେଶ ଘଟୁଛି।

**● ଦାୟିତ୍ୱ ତୁଲାଉଛନ୍ତି ଜଣେ କୃଷି ଓଭରସିୟର**
**● ସମ୍ପୂର୍ଣ୍ଣ ହୋଇପାରୁନି ପାଚେରି ନିର୍ମାଣ**

ଏଠାରେ ନର୍ସରୀ ବନ୍ଦ ହୋଇଯିବା ଫଳରେ ଆଉ ଚାରା ଉତ୍ପାଦନ ହୋଇପାରୁ ନ ଥିବାବେଳେ ରକ୍ଷଣାବେକ୍ଷଣ ଅଭାବରୁ ନଡ଼ିଆ ଓ ଆମ୍ବ ଆଦି ଉତ୍ପାଦନ ହ୍ରାସ ପାଇଛି। ଲିଫ୍ଟପଏଣ୍ଟ, କୂଅ ଓ ଟ୍ୟୁବ୍‌ୱେଲ୍ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। କର୍ମଚାରୀ କ୍ୱାର୍ଟର, ଗୁହାଳ ଘର ଆଦି ପରିତ୍ୟକ୍ତ ଅବସ୍ଥାରେ ରହିଛି। ଯଦ୍ୱାରା ସମୟଚକ୍ରରେ ହଜିଯାଇଛି ବିହନ ବିଶୋଧନାଗାରର ପୁରୁଣା ଐତିହ୍ୟ। ବର୍ତ୍ତମାନ ସେ ତା'ର ପରିଚୟ ଖୋଜିବାରେ ଲାଗିଛି। ବିହନ ବିଶୋଧନାଗାରର ମୁଖ୍ୟ ଆଭିମୁଖ୍ୟ ହେଲା ଧାନକୁ ପ୍ରୋସେସିଂ କରାଯାଇ ବିହନକୁ ଚାଷୀମାନଙ୍କୁ ଦିଆଯିବା। କିନ୍ତୁ ବିଭିନ୍ନ ପରିପାର୍ଶ୍ୱିକ ପରିସ୍ଥିତି ଯୋଗୁଁ ପୂର୍ବରୁ ପାଖାପାଖି ୧ ହଜାର କ୍ୱିଣ୍ଟାଲ ଫାଉଣ୍ଡେସନ ବିହନ ସଂଗ୍ରହ କରାଯାଉଥିବା ବେଳେ ବର୍ତ୍ତମାନ ମାତ୍ର ୫ ଶହ କ୍ୱିଣ୍ଟାଲ ଫାଉଣ୍ଡେସନ ବିହନ ସଂଗ୍ରହ କରିବା କଷ୍ଟକର ହୋଇପଡୁଛି। ବର୍ତ୍ତମାନ ଗୋଟିଏ ଟ୍ରାକ୍ଟର, ଗୋଟିଏ ଧାନ କଟା ରିପର, ଧାନ ଅମଳ ପାଇଁ ଗୋଟିଏ ପ୍ରାଚୀ ଓ ବିଷ ସୀଞ୍ଚନ ଯନ୍ତ୍ର ଅଛି। ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ବିଭାଗ ଦ୍ୱାରା କର୍ମଚାରୀଙ୍କ ପାଇଁ କ୍ୱାର୍ଟର ନିର୍ମାଣ କରାଯାଇଥିବା ବେଳେ ସୋଲାର ଲାଇଟ୍‌ର ବନ୍ଦୋବସ୍ତ କରାଯାଇଛି। ଉକ୍ତ ପରିସରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୋଖରୀ ସହ ୫ ଏକର ପରିମିତ ଜାଗାରେ ଗେଣ୍ଡୁ ଫୁଲ ଚାଷ ଓ ନାନାଦି ପନିପରିବା ଚାଷ କରିବା ପାଇଁ ଅନୁମତି ଦିଆଯାଇଥିବା ଜଣାପଡ଼ିଛି। ଗତ କିଛି ବର୍ଷ ହେବ ୩୫ ଏକର ଜମିରେ ଧାନ ଚାଷ କରାଯାଉଥିବା ବେଳେ ଏହାର ଚାରିପଟରେ ନିର୍ମିତ ସୁରକ୍ଷା ପାଚେରି ସମ୍ପୂର୍ଣ୍ଣ ହେଉ ନ ଥିବାରୁ ଅମଳରେ କ୍ଷୟକ୍ଷତି ମଧ୍ୟ ଘଟୁଛି। ତେଣୁ ସ୍ଥାୟୀ ପାଚେରି ନିର୍ମାଣ ସମ୍ପୂର୍ଣ୍ଣ ହେବା ଜରୁରୀ ହୋଇପଡ଼ିଛି। ତେଣୁ ଏହି ବିହନ ବିଶୋଧନାଗାରର ପୂର୍ବ ଐତିହ୍ୟ ଫେରାଇ ଆଣିବାକୁ ସରକାରଙ୍କ ତରଫରୁ ଏଠାରେ ଆବଶ୍ୟକୀୟ କର୍ମଚାରୀ ନିଯୁକ୍ତି ଦେବା ସହ ଅନ୍ୟାନ୍ୟ ସୁବିଧା ଉପଲବ୍ଧ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଇନୋଭେସନ ଏଣ୍ଡ ଷ୍ଟାର୍ଟ ଅପ୍ ପ୍ରୋଗ୍ରାମ




**ଭଦ୍ରକ,୨୬ା୩(ସମିସ):** ଭଦ୍ରକ ପୁରୁଣା ବଜାରସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ "ଇନୋଭେସନ ଏଣ୍ଡ ଷ୍ଟାର୍ଟ ଅପ୍ ପ୍ରୋଗ୍ରାମ' ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଅଧ୍ୟାପକ ଶୁକଦେବ ପଣ୍ଡା, ପ୍ରଭାତୀ ନାୟକ ଓ ମଞ୍ଜୁଲତା ମହାପାତ୍ର ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କଠାରେ ଥିବା ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ କରିବା ସଙ୍ଗେ ସଙ୍ଗେ ନିଜେ ନିଜକୁ ଆତ୍ମନିର୍ଭରଶୀଳ କରିପାରିବା ଏହାର ଉଦ୍ଦେଶ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାମାନ ହେବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପରିଶେଷରେ ସ୍ୱର୍ଣ୍ଣଲତା ପାକଳ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରାକ୍ତନ ଯୋଗାଣ ଅଧିକାରୀଙ୍କ ଶ୍ରାଦ୍ଧବାର୍ଷିକୀ



**ଭଦ୍ରକ,୨୬ା୩(ସମିସ):** ଭଦ୍ରକର ପୂର୍ବତନ ଯୋଗାଣ ଅଧିକାରୀ ତଥା ବାଲେଶ୍ୱରର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ପ୍ରଦୀପ ଆବାସିକା କଲେଜ ପ୍ରଦୀପ କୁମାର ଘୋଷଙ୍କ ଗୁରୁବାର ତାଙ୍କ ମଠସାହିସ୍ଥିତ ବାସଭବନରେ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ସ୍ୱର୍ଗତ ଘୋଷ ଜଣେ ଦକ୍ଷ ତଥା ଲୋକପ୍ରିୟ ଯୋଗାଣ ଅଧିକାରୀ ଭାବେ ପରିଚିତ ଥିଲେ। ୧୯୯୯ ମହାବାତ୍ୟା ବେଳେ ସେ ନିଜ ଚାକିରିରୁ ଅବସର ଗ୍ରହଣ କରିଥିଲେ ବି ତାଙ୍କୁ ଜିଲ୍ଲା ପ୍ରଶାସନ ମହାବାତ୍ୟାର ରେସ୍କ୍ୟୁ ଓ ରିଲିଫ୍ କାର୍ଯ୍ୟ ଦାୟିତ୍ୱ ପ୍ରଦାନ କରିଥିଲେ। ସେ ଦକ୍ଷତାର ସହ ଏହା ସମ୍ପନ୍ନ କରି ବେଶ୍ ଲୋକପ୍ରିୟ ହୋଇଥିଲେ ବୋଲି ଆଗନ୍ତୁକ ବକ୍ତାମାନେ ସ୍ମୃତିଚାରଣ କରିଥିଲେ। ଅନୁଷ୍ଠିତ ସ୍ମୃତିସଭାରେ ପରିବାର ପକ୍ଷରୁ ତାଙ୍କ ଧର୍ମପତ୍ନୀ ସରସ୍ୱତୀ ଘୋଷ, ବଡ଼ ପୁଅ ଅଧ୍ୟାପକ ସନ୍ଦୀପ ଘୋଷ, ମଝିଆ ପୁଅ ସୁଦୀପ ଘୋଷ, ସାନପୁଅ ଜୟଦୀପ ଘୋଷଙ୍କ ସମେତ ଝିଅ ଶ୍ରାବଣୀ ଘୋଷ, ସୋନାଲି ଘୋଷ, ଜ୍ୱାଇଁ ସୁଧାଂଶୁ ଶେଖର ରାୟ, ବିଶ୍ୱଜିତ୍ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଦୁର୍ଗାଶଙ୍କର ବିଶ୍ୱାଳ, ଶିକ୍ଷୟିତ୍ରୀ ଅମ୍ରିତା ବିଶ୍ୱାଳ ପଣ୍ଡା, ରାକେଶ ପଣ୍ଡା, ବରିଷ୍ଠ ସାମ୍ବାଦିକ ଅଶୋକ ନାୟକ ପ୍ରମୁଖ ଯୋଗଦେଇଥିଲେ।

## ସଂଗ୍ରାମ ତ୍ରିପାଠୀଙ୍କୁ ହୀରାଞ୍ଚଳ ସମ୍ମାନ



**ଭଦ୍ରକ,୨୬ା୩(ସମିସ):** ଦୈନିକ "ହୀରାଞ୍ଚଳ'ର ବିଂଶତମ ସ୍ୱନକ୍ଷତ୍ର ଉତ୍ସବ ଭୁବନେଶ୍ୱରର ହୋଟେଲ ପ୍ରାଚୀରେ ଅନୁଷ୍ଠିତ ହୋଇଯାଇଛି। ସମାଜସେବା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉତ୍ସବରେ ଭଦ୍ରକ ଜିଲ୍ଲା ଚାନ୍ଦବାଲି ଅନ୍ତର୍ଗତ ଯଶିପୁର ଗ୍ରାମର ଯୁବ ସମାଜସେବୀ ସଂଗ୍ରାମ ତ୍ରିପାଠୀଙ୍କୁ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ହୀରାଞ୍ଚଳ ସମ୍ମାନ-୨୦୨୬ ପ୍ରଦାନ କରାଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ମନମୋହନ ସାମଲ, ସମ୍ମାନିତ ଅତିଥି ଭାବେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଓଡ଼ିଶା ପୂର୍ବ ପ୍ରାନ୍ତ କାର୍ଯ୍ୟବାହ ଡ. ଅନିଲ କୁମାର ମିଶ୍ର, ଅନ୍ୟତମ ସମ୍ମାନିତ ଅତିଥି ଭାବେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ହୀରାଞ୍ଚଳ ସମ୍ପାଦକ ଯୁଗଳ କିଶୋର ସାମଲଙ୍କଠାରୁ ମାନପତ୍ର ଉତ୍ତରୀୟ ଓ ଉପଢ଼ୌକନ ପ୍ରାପ୍ତ ପୂର୍ବକ ସମ୍ମାନିତ ହୋଇଛନ୍ତି।

## ବର୍ଜ୍ୟ ପରିଚାଳନା ପାଇଁ ଜିଲ୍ଲା ସଞ୍ଚାଳନ ସମିତି ବୈଠକ

**ଭଦ୍ରକ,୨୬ା୩(ସମିସ):** ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ମିଳିତ ନିର୍ଦ୍ଦେଶନାମା ଅନୁଯାୟୀ ଜିଲ୍ଲାସ୍ତରୀୟ ବର୍ଜ୍ୟ ପରିଚାଳନା ସଞ୍ଚାଳନ ସମିତିର ବୈଠକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାର ଚାଟୋଟି ବ୍ଲକ୍‌ର ମୋଟ୍ ୨୧୮ଟି ଗ୍ରାମ ପଞ୍ଚାୟତରୁ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଅଧୀନରେ ସଂଗ୍ରହ ହେଉଥିବା ଶୁଖିଲା ଓ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁକୁ ସିଧାସଳଖ ଭାବେ ଗୃହ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ଥିବା ନଗର ପାଳିକା ଓ ପରିମାଣର ସର୍ଭେ କରି ନିୟମିତ ସଂଗ୍ରହ ବ୍ୟବସ୍ଥା କରିବା ଓ ସ୍ୱଚ୍ଛତା ସୁନିଶ୍ଚିତ କରିବାକୁ ପଞ୍ଚାୟତିରାଜ, ନଗର ଉନ୍ନୟନ ଓ ପର୍ଯ୍ୟଟନ ବିଭାଗର ମିଳିତ ପ୍ରୟାସ ଉପରେ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟସ୍ତରୀୟ ପରିମଳ ପରାମର୍ଶଦାତା ଏବଂ ୟୁନିସେଫ୍ ରିସୋର୍ସ ପର୍ସନ ଭାବେ ଯୋଗେନ୍ଦ୍ର ସିଂହ ଯୋଗଦେଇଥିଲେ। ଏଥିରେ ଜିଲ୍ଲା ପଞ୍ଚାୟତ ଅଧିକାରୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଶୁଭେନ୍ଦ୍ର ସାମଲ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଧନାଇ ଚରଣ ଟୁଡୁ ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ନଗର ଉନ୍ନୟନ



ବିଜ୍ଞପିତ ଅଞ୍ଚଳ ପରିଷଦ ଦ୍ୱାରା ସଂଗ୍ରହ କରାଯିବା ପାଇଁ ଆଲୋଚନା ହୋଇଥିଲା। ଏହା ସହ ଜିଲ୍ଲାର ଭଦ୍ରକ ପୌରପାଳିକା, ବାସୁଦେବପୁର ପୌରପାଳିକା, ଚାନ୍ଦବାଲି ଓ ଧାମନଗର ବିଜ୍ଞପିତ ଅଞ୍ଚଳରେ ନିର୍ମିତ ପଦାର୍ଥ ପୁନରୁଦ୍ଧାର କେନ୍ଦ୍ର (ଏମ୍‌ଆର୍‌ଏଫ୍) ଗୁଡ଼ିକୁ ବ୍ୟବହାର କରି ସୁଚାରୁ ପରିଚାଳନା ପାଇଁ ରୁଟ୍ ଚାର୍ଟ ପ୍ରସ୍ତୁତି ଉପରେ ମଧ୍ୟ ଚର୍ଚ୍ଚା କରାଯାଇଥିଲା। ବୈଠକରେ ଜିଲ୍ଲାର ୧୧ଟି ପର୍ଯ୍ୟଟନସ୍ଥଳୀ ଏବଂ ସଂଲଗ୍ନ ମୁଖ୍ୟ ରାସ୍ତା ପାର୍ଶ୍ୱ ଗ୍ରାମ, ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର ଓ ବ୍ୟାବସାୟିକ ପ୍ରତିଷ୍ଠାନମାନଙ୍କରେ ଦିନକୁ ଦିନ ସୃଷ୍ଟି ହେଉଥିବା ବର୍ଜ୍ୟବସ୍ତୁ ସଂସ୍ଥା, ହେମନ୍ତ କୁମାର ମହାନ୍ତ ଏବଂ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୌରପାଳିକା ଓ ବିଜ୍ଞପିତ ଅଞ୍ଚଳ ପ୍ରତିନିଧିମାନେ ଓ ଜିଲ୍ଲା ଜଳ ଓ ପରିମଳ ମିଶନର କର୍ମଚାରୀମାନେ ଉପସ୍ଥିତ ଥିଲେ। ପରିଶେଷରେ ଜିଲ୍ଲା ନଗର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଆଗାମୀ ଦିନରେ କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ତ୍ୱରାନ୍ୱିତ କରିବା ନେଇ ଆଲୋକପାତ କରି ଧନ୍ୟବାଦ ଦେଇଥିଲେ। ସଭାରେ ପରିବେଶ-ବନ୍ଧୁ ପଦ୍ଧତିକୁ ପ୍ରୋତ୍ସାହନ ଦେଇ କପାସ ତିଆରି ବ୍ୟାନର ଓ କାଗଜର କପ୍, ପ୍ଲେଟ୍ ଓ ଗ୍ଲାସ୍ ବ୍ୟବହାର କରାଯାଇଥିଲା।

## ସଦାନନ୍ଦ ଦୀକ୍ଷିତ ଓଡ଼ିଶା ବ୍ରାହ୍ମଣ ମହାସଂଘର ସଭାପତି




**ଭଦ୍ରକ,୨୬ା୩(ସମିସ):** ସରସ୍ୱତୀ ବିହାରର ଅଧ୍ୟକ୍ଷ ତଥା ବିଶ୍ୱ ସଂସ୍କୃତ ସଂଗଠନର ସଭାପତି ପ୍ରଖ୍ୟାତ ସଂସ୍କୃତ ବିଦ୍ୱାନ ଡ. ସଦାନନ୍ଦ ଦୀକ୍ଷିତ ଓଡ଼ିଶା ବ୍ରାହ୍ମଣ ମହାସଂଘର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଗତ ୨୧ ଓ ୨୨ ତାରିଖରେ ଭୁବନେଶ୍ୱରରେ ଆୟୋଜିତ ରାଷ୍ଟ୍ରୀୟ ବ୍ରାହ୍ମଣ ସମ୍ମିଳନୀରେ ସଭାପତିତ୍ୱ କରି ଡ. ଦୀକ୍ଷିତ ବିଶାଳ ବ୍ରାହ୍ମଣ ସମାଜକୁ ସାମାଜିକ ସମରସତା ରକ୍ଷା କରି କ୍ରମଶଃ ଗରିବ ହୋଇଯାଉଥିବା ବ୍ରାହ୍ମଣ ଜାତିର ବିକାଶ ପାଇଁ ଆହ୍ୱାନ ଦେଇଥିଲେ। ଭଦ୍ରକରୁ ପ୍ରକାଶ ପାଉଥିବା ବ୍ରହ୍ମସନ୍ଦେଶ ପତ୍ରିକାର ବିଶେଷାଙ୍କକୁ ମୁଖ୍ୟ ଅତିଥି ପଦ୍ମଶ୍ରୀ ଡ. ଅଶୋକ କୁମାର ମହାପାତ୍ର ଲୋକାର୍ପଣ କରିଥିଲେ। ପୂଜ୍ୟ ସ୍ୱାମୀ ସୁଗୁଣେନ୍ଦ୍ରତୀର୍ଥ ଓଡ଼ିଶା ବ୍ରାହ୍ମଣ ମହାସଂଘର ନିର୍ବାଚିତ ୨୮ ଜଣ କର୍ମକର୍ତ୍ତାଙ୍କୁ ବେଦ, ସଂସ୍କୃତ ଓ ସଂସ୍କୃତିର ସୁରକ୍ଷା ସହିତ ଭାରତକୁ ବିଶ୍ୱ ଗୁରୁ କରାଇବାରେ ବ୍ରାହ୍ମଣମାନଙ୍କର ଅବଦାନକୁ ସ୍ମରଣ କରାଇଥିଲେ। ଏହି ଅବସରରେ ପୁରୀଠାରେ ୮ କୋଟି ଟଙ୍କାରେ ନିର୍ମାଣ ହେବାକୁ ଥିବା ଶ୍ରୀକ୍ଷେତ୍ର ବ୍ରାହ୍ମଣ ଭବନର ଶିଳାନ୍ୟାସ ପୂଜ୍ୟ ସ୍ୱାମିଜୀ କରିଥିଲେ ଏବଂ ଡ. ସଦାନନ୍ଦ ଦୀକ୍ଷିତ ସଭାପତିତ୍ୱ କରିଥିଲେ। ରାଷ୍ଟ୍ରିୟ ମହାସମ୍ମେଳନରେ ଭଦ୍ରକ ଜିଲ୍ଲା ଶାଖାର ସଭାପତି ମନ୍ଦରଧର ଦୀକ୍ଷିତଙ୍କ ନେତୃତ୍ୱରେ ଶତାଧିକ ବ୍ରାହ୍ମଣ ବନ୍ଧୁ ଯୋଗଦେଇଥିଲେ।

**ରେବ ନଦୀ ବନ୍ଧ ଉନ୍ନତୀକରଣରେ ବ୍ୟାପକ ଅନିୟମିତତା**

# ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହରିଲୁଟ୍ ଅଭିଯୋଗ



**ଭିଜିଲାନ୍ସ ତଦନ୍ତ ଦାବି**

**ଅସୁରାଳି,୨୬ା୩(ସମିସ):** ଧାମନଗର ବ୍ଲକ୍ ଅଧୀନରେ ଥିବା ରେବ ନଦୀର ବାମପଟ ବନ୍ଧ ତଥା ରାସ୍ତାର ଉନ୍ନତୀକରଣ କାର୍ଯ୍ୟକୁ ନେଇ ଏବେ ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି। ଜଳସମ୍ପଦ ବିଭାଗ ପକ୍ଷରୁ ଏହି ପ୍ରକଳ୍ପ ପାଇଁ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଉଥିବା ବେଳେ, କାର୍ଯ୍ୟର ମାନ ଓ ସ୍ୱଚ୍ଛତାକୁ ନେଇ ଅଞ୍ଚଳବାସୀ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି।

ସୂଚନାଯୋଗ୍ୟ, ଦଇପୁର ପଞ୍ଚାୟତର ତାଳସିଠା ମଳିକ ସାହିଠାରୁ ଆରମ୍ଭ କରି ଜାଗୁଳାଇ ସାହି, ନରଣପୁର ଦେଇ କୁସୁମାପାଟଣା ପର୍ଯ୍ୟନ୍ତ ପ୍ରାୟ ୪ କିଲୋମିଟର ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ଚାଲିଛି। ମାତ୍ର ଏହି ବୃହତ୍ ପ୍ରକଳ୍ପରେ ସରକାରୀ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହୋଇଛି। ରାସ୍ତା ନିର୍ମାଣ ପୂର୍ବରୁ ଅନାବନା ଗଛ ଓ ବୁଦା ସଫା କରି ବେସ୍ ପ୍ରସ୍ତୁତ କରିବା ବଦଳରେ, ଠିକାଦାର ଗଛ ଉପରେ ସିଧାସଳଖ ମାଟି ପକାଇ କାମ ସାରିଦେବାକୁ ଚେଷ୍ଟା କରୁଛନ୍ତି। ଏଭଳି "ଉପର ଚିକ୍କଣ ଭିତରେ ଫାଙ୍କା' ନୀତି ଯୋଗୁଁ ଆଗାମୀ ବର୍ଷାରେ ରାସ୍ତା ଧୋଇଯିବା ସହ ସରକାରୀ ଅର୍ଥ ପାଣିରେ ପଡ଼ିବା ନିଶ୍ଚିତ ବୋଲି ସ୍ଥାନୀୟ ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି। ଆଶ୍ଚର୍ଯ୍ୟର ବିଷୟ ହେଉଛି, କାମର ତଦାରଖ କରିବା ପାଇଁ ବିଭାଗୀୟ ଯନ୍ତ୍ରୀଙ୍କ ଦେଖାମିଳୁନାହିଁ। ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ନିଜ ଦାୟିତ୍ୱରୁ ଖସିଯିବା ପାଇଁ ବିଭିନ୍ନ ବାହାନା ଦେଖାଉଥିବା ବେଳେ, ୨କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାମ କିଭଳି ଅଧିକାରୀଙ୍କ ଅନୁପସ୍ଥିତିରେ ହେଉଛି, ତାହା ଏବେ ବଡ଼ ପ୍ରଶ୍ନବାଚୀ। ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ଥିବା ସଲାସୁତରା ଯୋଗୁଁ ହିଁ ଏଭଳି ନିମ୍ନମାନର କାମ ସମ୍ଭବ ହେଉଥିବା ଚର୍ଚ୍ଚା ହେଉଛି। ନିକଟରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି କାର୍ଯ୍ୟର ଶିଳାନ୍ୟାସ କରିଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ବେପରୁଆ ମନୋଭାବ ଯୋଗୁଁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ "ଜିରୋ ଟଲେରାନ୍ସ' ନୀତିକୁ ଏଠାରେ ପାଦରେ ଦଳି ଦିଆଯାଉଛି। ଜନସାଧାରଣଙ୍କ ଟିକସ ଟଙ୍କାକୁ ବାଣ୍ଟିକୁଣ୍ଟି ଖାଇବା ପାଇଁ ଚାଲିଥିବା ଏହି ଚକ୍ରାନ୍ତର ପର୍ଦ୍ଦାଫାଶ୍ କରିବା ପାଇଁ ଅଞ୍ଚଳବାସୀ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ଯଦି ତୁରନ୍ତ ଏହି କାର୍ଯ୍ୟର ମାନ ଯାଞ୍ଚ କରା ନ ଯାଏ ଏବଂ ନିୟମାନୁଯାୟୀ କାମ ନ ହୁଏ, ତେବେ ଆଗାମୀ ଦିନରେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୀବ ସାମଲଙ୍କୁ ପଚାରିବାରୁ କାର୍ଯ୍ୟର ଉପଯୁକ୍ତ ତଦାରଖ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

## ୬୩ ବର୍ଷରେ ତିହିଡ଼ି ମା' ବାସନ୍ତୀ ଦୁର୍ଗା ପୂଜା

**ତିହିଡ଼ି,୨୬ା୩(ସମିସ):** ତିହିଡ଼ି କାଳୀ ପଡ଼ିଆଠାରେ ଅନୁଷ୍ଠିତ ମା' ବାସନ୍ତୀ ଦୁର୍ଗା ପୂଜା ୬୩ ବର୍ଷରେ ପଦାର୍ପଣ କରିଛି। ୧୯୬୦ ମସିହାରୁ ଏଠାରେ ଅନୁଷ୍ଠିତ ହୋଇ ଆସୁଥିବା ଏହି ପୂଜା ଆଜି ବି ଯଥାବିଧି ପାଳିତ ହୋଇଆସୁଛି। ସେତେବେଳେ ଆଶାମଣି ମହାପାତ୍ର, ଇନ୍ଦ୍ରମଣି ପତି, ନର ନାୟକ, ନବଘନ ପାତ୍ର ଓ ଜଗବନ୍ଧୁ ନାୟକଙ୍କ ଉଦ୍ୟମ କ୍ରମେ କାଳୀ ପଡ଼ିଆଠାରେ ଏକ ଚାଳଛପର ଘରେ ପ୍ରଥମେ ମା'ଙ୍କ ପୂଜା ଆରମ୍ଭ ହୋଇଥିଲା। ପ୍ରତିବର୍ଷ ମା'ଙ୍କ ମାଟି ମୂର୍ତ୍ତି ନିର୍ମାଣ କରାଯାଇ ଏହି ପୂଜା ସମ୍ପନ୍ନ କରାଯାଉଥିଲା। ପରେ ମା'ଙ୍କ ଭବ୍ୟ ମନ୍ଦିର ନିର୍ମାଣ କରାଯିବା ସହ ୨୦୦୧ରେ ହେମନ୍ତ ମହାପାତ୍ର, ଘନଶ୍ୟାମ ପାଣିଗ୍ରାହୀ, ସ୍ୱର୍ଗତ ରଘୁନାଥ ପଣ୍ଡା, ପ୍ରଫୁଲ୍ଲ ଯତି, ଧ୍ରୁବଚରଣ ମହାରଣା, ପାର୍ଥସାରଥୀ ନାୟକ, କାହ୍ନୁଚରଣ ବେହେରା ଓ କୁଶଧ୍ୱଜ ବେହେରା ପ୍ରମୁଖଙ୍କ ପ୍ରଚେଷ୍ଟାରେ ଏଠାରେ ମା'ଙ୍କର ପଥର ମୂର୍ତ୍ତି ପ୍ରତିଷ୍ଠା କରାଯାଇ ପୂଜାକାର୍ଯ୍ୟ କରାଯାଇ ଆସୁଛି। ପୂଜକ ଭାବେ ପ୍ରସନ୍ନ କୁମାର କର ନିୟମିତ ଭାବେ ଏଠାରେ ମା'ଙ୍କ ପୂଜାକାର୍ଯ୍ୟ ନିର୍ବାହ କରି ଆସୁଛନ୍ତି। ପ୍ରତିବର୍ଷ ଷଷ୍ଠୀରୁ ପୁଣି ଦଶମୀ ପର୍ଯ୍ୟନ୍ତ ୫ଦିନ ବ୍ୟାପୀ ଏଠାରେ ମା'ଙ୍କ ପୂଜା ଯଥାବିଧି ସମ୍ପନ୍ନ ହୋଇଥାଏ। ପ୍ରତ୍ୟହ ମା'ଙ୍କ ପାଖରେ ପ୍ରସାଦ ଭୋଗ ଲଗାଯାଇ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଇଥାଏ। ବିଭିନ୍ନ ଦୋକାନ ବଜାର ବି ଖୋଲିଥାଏ। ଏହି ୫ ଦିନ ଏଠାରେ ସ୍ଥାନୀୟ ଅଞ୍ଚଳର ବହୁ ଭକ୍ତଙ୍କ ସମାଗମ ହୋଇଥାଏ। ସନ୍ଧ୍ୟାରେ ମା'ଙ୍କ ପୀଠରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ।



ମା'ଙ୍କ ପୂଜାକୁ ପରିଚାଳନା କରିବା ଲାଗି ଏକ ପୂଜା କମିଟି ରହିଛି। କମିଟିର ସଭାପତି ରଘୁନାଥ ପଣ୍ଡା ଓ ସମ୍ପାଦକ ଧ୍ରୁବଚରଣ ମହାରଣାଙ୍କ ନେତୃତ୍ୱରେ ସଭ୍ୟ/ସଭ୍ୟାମାନେ ପ୍ରତିବର୍ଷ ମା'ଙ୍କ ପୂଜାକୁ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ସମ୍ପାଦନ କରି ଆସୁଛନ୍ତି।

# ହୋମିଓପାଥି ଚିକିତ୍ସା ପ୍ରତି ଦରଦ ନାହିଁ

**ବାରିକପୁର,୨୬ା୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ୍‌ର ରହଣିଆ ହାଇସ୍କୁଲ ଓ ପଞ୍ଚାୟତ କାର୍ଯ୍ୟାଳୟ ମଧ୍ୟ ଭାଗରେ ଥିବା ଏକମାତ୍ର ହୋମିଓପାଥି ଚିକିତ୍ସା କେନ୍ଦ୍ରରେ ଦୀର୍ଘ ବର୍ଷ ଧରି ଏକପ୍ରକାର ଅଚଳାବସ୍ଥା ଲାଗି ରହିଛି। ପ୍ରତ୍ୟେକ ଦିନ ଏଠାକୁ ପାଖାପାଖି ଶହେରୁ ଊର୍ଦ୍ଧ୍ୱ ରୋଗୀ ଆସୁଥିବାବେଳେ ଡାକ୍ତରୀ ସେବା କିନ୍ତୁ ସଠିକ୍ ମିଳୁନାହିଁ। ସରକାରୀସ୍ତରରେ ପ୍ରଚଣ୍ଡ ଅବହେଳା ଯୋଗୁଁ ଏହି ସର୍ବପୁରାତନ ଡାକ୍ତରଖାନା ଉପରୁ ଲୋକଙ୍କ ଆସ୍ଥା ତୁଟିଯାଉଛି। ହୋମିଓପାଥି ଚିକିତ୍ସା ପ୍ରତି ସତେଯେମିତି ସରକାରଙ୍କ ଦରଦ ନାହିଁ।

ସମୟ ଥିଲା ରହଣିଆ ସମେତ ପଡ଼ୋଶୀ ମାଳଦା, ଷୋଳମପୁର, କୋରିଗାଁ, ସରସଦା, ନପଙ୍ଗ, ରଣଜିତ୍ ଆଦି ପଞ୍ଚାୟତରୁ ଲୋକେ ଏଠାକୁ ଚିକିତ୍ସା ହେବା ପାଇଁ ଆସୁଥିଲେ। ଏହାଛଡ଼ା ଦୂରଦୂରାନ୍ତରୁ ମଧ୍ୟ ରୋଗୀମାନେ ଏଠାକୁ ଆସି ଆରୋଗ୍ୟ ଲାଭ କରୁଥିଲେ। ସରକାରୀ ଉଦାସିନତା ଯୋଗୁଁ ଧୀରେ ଧୀରେ ମେଡାକାଲର ଗୌରବ ନଷ୍ଟ ହୋଇଥିବାବେଳେ ରୋଗୀ ସେବା ଏକପ୍ରକାର ବିପର୍ଯ୍ୟସ୍ତ ଅବସ୍ଥାରେ ପହଞ୍ଚିଛି ବୋଲି ଅଞ୍ଚଳବାସୀମାନେ ବିଭିନ୍ନ ସମୟରେ ଅଭିଯୋଗ କରିଛନ୍ତି। ଦୀର୍ଘ ବର୍ଷ ହେବ ଏଠାରେ ନିୟମିତ ଡାକ୍ତର ନ ଥିବାବେଳେ ଆବଶ୍ୟକ କର୍ମଚାରୀ ମଧ୍ୟ ଅଭାବ ରହିଥିଲା। ଯଦିଓ ୨ ବର୍ଷ ପୂର୍ବରୁ ଜଣେ ଡାକ୍ତର ଏଠାରେ ନିଯୁକ୍ତି ପାଇଛନ୍ତି କିନ୍ତୁ ସେ ସପ୍ତାହକୁ ୩ଦିନ ରୋଗୀ ଦେଖୁଛନ୍ତି। ବାକି ୩ ଦିନ ମହିଳା ଡାକ୍ତର ଜଣକ ବାଲେଶ୍ୱର ଜିଲ୍ଲା ନୀଳଗିରି ମେଡିକାଲରେ ରହୁଛନ୍ତି। ଡାକ୍ତରଙ୍କ ଅନୁପସ୍ଥିତିରେ ମେଡିକାଲରେ ଥିବା ସର୍ବନିମ୍ନ ୨ ଜଣ କର୍ମଚାରୀ ରୋଗୀଙ୍କୁ ଔଷଧ ଦେଉଛନ୍ତି। ଲୋକମାନଙ୍କ କହିବାନୁଯାୟୀ, ଜଣେ ଭଲ ଡାକ୍ତର ଏଠାରେ ନିଯୁକ୍ତି ହୋଇଥିଲେ ସୁଦ୍ଧା ଅଧିକାଂଶ ସମୟରେ ସେ ଅନୁପସ୍ଥିତ ଥିବା ଯୋଗୁଁ ରୋଗୀମାନେ ସଠିକ୍ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ମେଡିକାଲରେ ଗୁରୁତ୍ୱପୂର୍ଣ୍ଣ ସ୍ନାୟୁ ଏବଂ ଆଣ୍ଠୁଗଣ୍ଠି ବାବଦରେ ଔଷଧ ଅଭାବ ରହୁଥିବାବେଳେ ଡାକ୍ତରଙ୍କ ପୂର୍ଣ୍ଣ ଉପସ୍ଥିତି ବିନା ଅନ୍ୟାନ୍ୟ ଔଷଧ ଲୋକଙ୍କ ପାଇଁ ଉପଯୋଗୀ ହେଉନାହିଁ।

**■ ୨ ବର୍ଷ ହେଲା ଡେପୁଟେସନରେ ଯାଇଛନ୍ତି ଡାକ୍ତର**
**■ ଭିତ୍ତିଭୂମି ଅଭାବ; ପର୍ଯ୍ୟାପ୍ତ ନାହିଁ ଗୁରୁତ୍ୱପୂର୍ଣ୍ଣ ଔଷଧ**



ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ମେଡିକାଲର ଭିତ୍ତିଭୂମି ଅଭାବ ରହିଥିବାବେଳେ କେବଳ ଦୁଇ ବଖରା ବିଶିଷ୍ଟ ଚିକିତ୍ସା ଗୃହରେ ରୋଗୀ ସେବା ହେଉଛି। ଦୁର୍ଘଟଣାଜନିତ ସେବା ପାଇଁ କୌଣସି ଶଯ୍ୟା କିମ୍ବା ସାଲାଇନ୍ ଓ ଯନ୍ତ୍ରପାତି ନାହିଁ। ଚିକିତ୍ସକ ତଥା କର୍ମଚାରୀଙ୍କ ପାଇଁ ଗୃହ ନିର୍ମାଣ ହୋଇନାହିଁ। ଫଳରେ ଡାକ୍ତର ଓ କର୍ମଚାରୀମାନେ ଦୂରଦୂରାନ୍ତରୁ ଆସି ସଠିକ୍ ଭାବେ ରୋଗୀ ସେବା ଦେଇପାରୁ ନାହାନ୍ତି। ଏଠାରେ ଅନେକ ଆନୁସଙ୍ଗିକ ବ୍ୟବସ୍ଥା ମଧ୍ୟ କେବେଠାରୁ ନଷ୍ଟ ହୋଇଥିବାବେଳେ ଏହା ଉପରେ କେହି ଦୃଷ୍ଟି ଦେଉନାହାନ୍ତି। ବ୍ଲକ୍‌ର ଏକମାତ୍ର ହୋମିଓପାଥି ଚିକିତ୍ସା କେନ୍ଦ୍ରରେ ଯେଉଁଭଳି ପରିବେଶ ରହିବା କଥା ତାହା ଦେଖିବାକୁ ମିଳୁନାହିଁ। ମେଡିକାଲର ମୁଖ୍ୟ କାର୍ଯ୍ୟାଳୟ ବାଲେଶ୍ୱରଠାରେ ଥିବା ଯୋଗୁଁ ଗ୍ରାମବାସୀମାନେ ଏନେଇ ଆପତ୍ତି ଅଭିଯୋଗ କରିପାରୁ ନାହାନ୍ତି। ଫଳରେ ମେଡିକାଲଟି ଏକପ୍ରକାର ସ୍ଥାଣୁ ପାଲଟିଛି। ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଧାନ ବସ୍ତା ଘୋଡ଼େଇବାରେ ବ୍ୟସ୍ତ ଚାଷୀ



ବାରିକପୁର,୨୬।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ବୁଧବାର ଅପରାହ୍ନରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। କୁଆପଥର ମାଡ଼ ସହିତ ବର୍ଷା, ଘଡ଼ଘଡ଼ି ଓ ପବନ ଯୋଗୁଁ ଅନେକ କ୍ଷୟକ୍ଷତି ହୋଇଛି। ବିଶେଷ କରି ଏହାଯୋଗୁଁ ଖରିଫ ଧାନ ବିକି ନ ଥିବା ଚାଷୀ ହନ୍ତସନ୍ତ ହୋଇଛନ୍ତି। ବ୍ଲକ୍‌ର ୧୭ଟି ସରକାରୀ ମଣ୍ଡିରେ କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ପଡ଼ି ରହିଛି। ଗୋଟିଏ ମଣ୍ଡିରେ ପ୍ରାୟ ୩ରୁ ୪ହଜାର କ୍ୱିଣ୍ଟାଲ ଧାନ ବିକିବାକୁ ରହିଥିବାବେଳେ ପାଖାପାଖି ୫୦ହଜାର କ୍ୱିଣ୍ଟାଲ ଧାନ ଏଯାଏଁ କ୍ରୟ ହୋଇପାରିନାହିଁ। ଏପରି ସ୍ଥଳେ ଅଦିନିଆ ବର୍ଷା ହେବାରୁ ମଣ୍ଡି ପରିଚାଳକଙ୍କଠାରୁ ଆରମ୍ଭ କରି ସମସ୍ତେ ଏକ ପ୍ରକାର ଦହଗଞ୍ଜ ହୋଇଛନ୍ତି। ଚାଷୀ ନିଜ ଧାନକୁ ଜରିପାଲ ଘୋଡ଼େଇବାରେ ବ୍ୟସ୍ତ ରହିଥିବା ଦେଖିବାକୁ ମିଳିଛି।

## ୪୪ କେଜି ଗଞ୍ଜେଇ ଜବତ, ୨ ଗିରଫ

ଭଦ୍ରକ,୨୬।୩(ସମିସ): ଭଦ୍ରକ ଅବକାରୀ ବିଭାଗର ମୋବାଇଲ୍ ୟୁନିଟ୍ ନିୟମିତ ଯାଞ୍ଚବେଳେ ଏକ କାରକୁ ଅଟକାଇଥିଲେ। ଯାଞ୍ଚବେଳେ କାର୍‌ର ଡ୍ରାଇଭର ଦେଖିବା ସହ ଗାଡ଼ିକୁ ନେଇ ପଳାଇବାକୁ ଉଦ୍ୟମ କରିଥିଲେ ଚାଳକ। ଏହି ସମୟରେ ଅବକାରୀ ଅଧିକାରୀ ରାଜକିଶୋର ଜେନାଙ୍କ ସହ ପୁରା ଟିମ୍ ଗାଡ଼ିକୁ ଅଟ୍ଟା ପକାଇ ଅଟକାଇଥିଲେ। ଏହି ସମୟରେ ଗାଡ଼ିର କାଚ ଭାଙ୍ଗି ଅବକାରୀ ଅଧିକାରୀଙ୍କ ଟିମ୍ କାରରେ ଥିବା ୨ ଜଣଙ୍କୁ କାବୁ କରିବା ସହ କାରର ଯାଞ୍ଚ ବେଳେ ୪୪ କିଲୋ ଗଞ୍ଜେଇ ଜବତ ହୋଇଥିଲା। ଗିରଫ ୨ ଅଭିଯୁକ୍ତ ଫୁଲବାଣୀ ଅଞ୍ଚଳର ହୋଇଥିବା ସୂଚନା ମିଳିଥିବାବେଳେ ଗଞ୍ଜେଇ ଫୁଲବାଣୀରୁ ବାଲେଶ୍ୱରକୁ ଯାଉଥିବା ସୂଚନା ଦେଇଛନ୍ତି ଅବକାରୀ ମୋବାଇଲ୍ ୟୁନିଟ୍। ଅବକାରୀ ଅଧିକାରୀ ନଟବର ମଲ୍ଲିକଙ୍କ ସମେତ ଅନ୍ୟ ଅବକାରୀ ଅଧିକାରୀମାନେ ସାମିଲ୍ ଥିଲେ।

## ୫୦୮ କଳସ ଶୋଭାଯାତ୍ରା ଓ ୨୦ ମେଢ଼ ସହର ପରିକ୍ରମା



ବାସୁଦେବପୁର,୨୬।୩(ସମିସ): ବାସୁଦେବପୁରରେ ରାମନବମୀ ଉପଲକ୍ଷେ ବିଶାଳ ଶୋଭାଯାତ୍ରା କରାଯାଇଛି। ବାଲିନଗର ଶ୍ରୀଶ୍ରୀ ପଞ୍ଚମୁଖୀ ହନୁମାନ କମିଟି ପକ୍ଷରୁ ଅପରାହ୍ନରେ ଆରମ୍ଭ ହୋଇଛି ୫୦୮ କଳସ ଶୋଭାଯାତ୍ରା। ଶୋଭାଯାତ୍ରାରେ ସ୍ଥାନ ପାଇଛି ୨୦ଟି ସୁସଜ୍ଜିତ ମେଢ଼। ବହୁ ଜନ ସମାଗମକୁ ଦୃଷ୍ଟିରେ ରହି ଶାନ୍ତିଶୃଙ୍ଖଳା ପାଇଁ ମୁତୟନ ହୋଇଛନ୍ତି ବ୍ୟାପକ ପୁଲିସ। ବାଲିନଗର ଯାଦବ ପଡ଼ିଆରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ପ୍ରତି ଛକରେ ଶୋଭାଯାତ୍ରାର ଯୋଡ଼ି ହେଉଥିଲେ ମେଢ଼। ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ପ୍ରଶାସନ ପକ୍ଷରୁ ଡ୍ରାଏ ଡେ' ଘୋଷଣା କରାଯାଇଥିଲା। ବାସୁଦେବପୁରରେ ମଦ ବିକ୍ରି ନିଷେଧ ପାଇଁ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଥିଲା। ସହରରେ ଆମିଷ ବିକ୍ରି ବନ୍ଦ କରିବାକୁ ପ୍ରଶାସନ ପକ୍ଷରୁ ନିଆଯାଇଛି ପଦକ୍ଷେପ। ଦୀର୍ଘ ୪ ଦିନ ଧରି ଚାଲିବ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ।

## ବାସନ୍ତୀ ଦୁର୍ଗା ଦେବୀଙ୍କ ଅଷ୍ଟମୀ ପୂଜା



ଭଣ୍ଡାରିପୋଖରୀ,୨୬।୩(ସମିସ): ଭଣ୍ଡାରିପୋଖରୀ ମା' ଦୁର୍ଗା ବଜାର କମିଟି ପକ୍ଷରୁ ବାସନ୍ତୀ ଦୁର୍ଗା ଦେବୀଙ୍କର ପୂଜା ପ୍ରତିବର୍ଷ ପରି ଆଜକୁ ପାଖାପାଖି ଶହେ ବର୍ଷରୁ ଊର୍ଦ୍ଧ୍ୱ ହେବ ଅନୁଷ୍ଠିତ ହୋଇଆସୁଛି। ମଙ୍ଗଳବାର କଳସ ସ୍ଥାପନ ଶୋଭାଯାତ୍ରା କରାଯିବା ସହ ବିଲ୍ୱବରଣ ପୂଜା କରି ମା' ନେକୁର୍ସୁଣୀ ପୀଠରୁ ଆଜ୍ଞାମାଳ ଅଣାଯାଇ ମା' ପୂଜା ନୀତି ନିୟମ ଅନୁଯାୟୀ କରାଯାଇଥିଲା। ଗୁରୁବାର ମଧ୍ୟ ମା'ଙ୍କର ଅଷ୍ଟମୀ ପୂଜା କରାଯାଇ ସନ୍ଧିପୂଜା ଅନୁଷ୍ଠିତ ହୋଇଛି। ବହୁ ଆଡ଼ମ୍ବରରେ ଚାରି ଦିନ ଧରି ପୂଜା ହେବା ସହ ଦଶମୀ ଦିନ ମା'ଙ୍କର ଅନ୍ନପ୍ରସାଦ ଭୋଗ ଅର୍ପଣ କରାଯାଇ ବହୁ ସଂଖ୍ୟାରେ ଭକ୍ତଙ୍କୁ ପ୍ରସାଦ ବଣ୍ଟନ କମିଟି ପକ୍ଷରୁ କରାଯାଏ। ମା'ଙ୍କ ପୂଜାରେ ବିଷ୍ଣୁ ଚରଣ ଦାସ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରତି ବର୍ଷ ପରି ପୂଜକ କାର୍ଯ୍ୟ ନାରାୟଣ ପଣ୍ଡା, ଅମୂଲ୍ୟ ପଣ୍ଡା, ଗଗନ ବିହାରୀ ପଣ୍ଡା ପୂଜା ନୀତି ନିୟମ ଅନୁସାରେ ସୁଚାରୁ ରୂପେ ନିର୍ବାହ କରୁଛନ୍ତି। ପୂଜାରେ ମା' ଦୁର୍ଗା କମିଟିର ସଦସ୍ୟ ଅଖିଳ ସାହୁ, ପ୍ରଶାନ୍ତ ପଣ୍ଡା, ଚନ୍ଦ୍ରମଣି ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

### ଧାମନଗର ଅଞ୍ଚଳରେ କାଳବୈଶାଖୀର ତାଣ୍ଡବ

# ଉପୁଡ଼ିଲା ଗଛ ଓ ବିଦ୍ୟୁତ୍ ଖୁଣ୍ଟ; ଭାଙ୍ଗିଲା ଘର, ରାସ୍ତା ବିଚ୍ଛିନ୍ନ

ଧାମନଗର,୨୬।୩(ସମିସ)





ଧାମନଗର ଅଞ୍ଚଳରେ କାଳବୈଶାଖୀର ତାଣ୍ଡବ। ଉପୁଡ଼ିଲା ଗଛ ଓ ବିଦ୍ୟୁତ୍ ଖୁଣ୍ଟ। ଘରଦ୍ୱାର ଭାଙ୍ଗିବା ସହ ରାସ୍ତା ବିଚ୍ଛିନ୍ନ ହୋଇଯାଇଛି।

ଅପରାହ୍ନରେ ସହରାଞ୍ଚଳ ଓ ବ୍ଲକ୍ ଅଞ୍ଚଳରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ପ୍ରବଳ ପବନ ସାଙ୍ଗକୁ ଭୟଙ୍କର ଧୂଳିଝଡ଼ ଓ କୁଆପଥର ମାଡ଼ ଓ ବର୍ଷା ହେବା ଫଳରେ ଧନ ସମ୍ପତ୍ତି ନଷ୍ଟ ହେବା ସହିତ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିବା ଫଳରେ ରାସ୍ତା ବିଚ୍ଛିନ୍ନ ହୋଇଥିବା ବେଳେ କେତେକଙ୍କର ଘର ଭାଙ୍ଗି ଯାଇଛି। ଜୋର୍ ପବନ ସହ ବର୍ଷା ଓ ପ୍ରବଳ କୁଆପଥର ପଡ଼ିବାରୁ ଦୀର୍ଘ ୨ ଘଣ୍ଟା ଧରି ସମଗ୍ର ଅଞ୍ଚଳରେ ଜନଜୀବନ ଠପ୍ ହୋଇଯାଇଥିଲା। କାଳବୈଶାଖୀ ହୋଇଥିଲେ ମଧ୍ୟ ଏହାର ବେଗ ଅତ୍ୟନ୍ତ ଭୟଙ୍କର ଥିବାରୁ କିଛି ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡ଼ିଥିଲା ଓ କେତେକ ଚାଳ ଘର ଉଡ଼ାଇ ନେଇଛି। ରାଧାବଲ୍ଲଭପୁର ଗ୍ରାମରେ ନଡ଼ିଆ ଗଛ ଭାଙ୍ଗି ବିଦ୍ୟୁତ୍ ପୋଲ୍ ଉପରେ ପଡ଼ିବା ଦ୍ୱାରା ପୋଲ୍ ଭାଙ୍ଗି ତାର ଛିଡ଼ି ରାସ୍ତା ଉପରେ ପଡ଼ିରହିଛି। କରେଣ୍ଟ ଭୟରେ କେହି ହାତ ମାରୁନାହାନ୍ତି। ତେଣୁ ରାସ୍ତାରେ କେହି ଯାତାୟାତ କରୁନାହାନ୍ତି। ସେହିପରି ଗାଁ ମଧ୍ୟରେ ପ୍ରାୟ ବହୁ ବର୍ଷର ପୁରୁଣା ଗଛ ଉପୁଡ଼ି ଭୟଙ୍କର ପରିସ୍ଥିତି ସୃଷ୍ଟି କରିଥିଲା। ବ୍ଲକ୍‌ର ବିଭିନ୍ନ ସ୍ଥାନରେ ରାସ୍ତାକଡ଼ରେ ଥିବା ବଡ଼ ବଡ଼ ଗଛ ଭାଙ୍ଗି ପଡ଼ିଥିବାରୁ ଯାତାୟାତ କିଛି ସମୟ ପାଇଁ ବନ୍ଦ ରହିଥିବା ବେଳେ ପ୍ରବଳ କୁଆପଥର ବର୍ଷା ହେବାରୁ ପରିବା ଚାଷୀଙ୍କ ବହୁ କ୍ଷତି ଘଟିଥିବା ଚାଷୀମାନେ ସୂଚନା ଦେଇଛନ୍ତି। ଝଡ଼ ପରେ ସହରକୁ ୧୦ ଘଣ୍ଟା ପରେ ଲାଇନ୍ ଦେଇଥିବାବେଳେ ବ୍ଲକ୍‌ର ଅନେକ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବିଚ୍ଛିନ୍ନ ହୋଇଥିବା ଜଣାପଡ଼ିଛି। ଏହି କାଳବୈଶାଖୀର ଉଗ୍ରରୂପ ଦେଖିବାକୁ ମିଳିଛି। ସେହିଭଳି କୁଆପଥର ମାଡ଼ ଯୋଗୁଁ ପନିପରିବା ଓ ଖରାଦିନିଆ ଫସଲ ବହୁ ମାତ୍ରାରେ ନଷ୍ଟ ହୋଇଯାଇଛି। ତେଣୁ ଏହି ପ୍ରାକୃତିକ ବିପର୍ଯ୍ୟୟରେ ବହୁ ଚାଷୀ ଓ ଗରିବ ଶ୍ରେଣୀର ଲୋକ କ୍ଷୟକ୍ଷତିର ସମ୍ମୁଖୀନ ହୋଇଛନ୍ତି। ସରକାର ଓ ଜିଲ୍ଲା ପ୍ରଶାସନ ଯଥାଶୀଘ୍ର କ୍ଷୟକ୍ଷତିର ଆକଳନ କରି କ୍ଷତିଗ୍ରସ୍ତ ପରିବାର ଓ ଚାଷୀଙ୍କୁ ସହାୟତା ପ୍ରଦାନ କରିବାକୁ ବିଜେଡି ପକ୍ଷରୁ ସରକାରଙ୍କ ନିକଟରେ ଦାବି କରାଯାଇଛି।

## ମଣ୍ଡିରେ ଭିଜିଲା ହଜାର ହଜାର ଧାନବସ୍ତା



ଭଦ୍ରକ/ଆରଡ଼ି,୨୬।୩(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍‌ରେ ଚାଷୀଙ୍କ ସମସ୍ୟା ଲାଗି ରହିଛି। ନା ବୁଝୁଛି ପ୍ରଶାସନ ନା ବୁଝୁଛନ୍ତି ସରକାର। ଚାନ୍ଦବାଲି ବ୍ଲକ୍‌ର ଆରଡ଼ି, ନାନ୍ଦପୁର, ସୁନ୍ଦରପୁର, ଓଳଗ ପଞ୍ଚାୟତରେ ଥିବା ୭ଟି ସମବାୟ ସମିତିରୁ ଧାନ ଉଠୁ ନ ଥିବାରୁ ଧାରକରଜ କରି ଶହଶହ ଚାଷୀଙ୍କର ଅମଳ ହୋଇଥିବା ହଜାର ହଜାର ବସ୍ତା ଧାନ ମଣ୍ଡି ଓ ରାସ୍ତାରେ ପଡ଼ି ଝଡ଼ବର୍ଷାରେ ଭିଜିଛି। ବର୍ଷାରେ ବାରମ୍ବାର ଭିଜୁଥିବାରୁ ଧାନ ଗଜା ହେବାକୁ ବସିଲାଣି। ଚାଷୀଙ୍କ ପାଖରେ ଆବଶ୍ୟକତା ଅନୁଯାୟୀ, ସୁରକ୍ଷିତ ଜାଗା ନ ଥିବାବେଳେ ଧାନ ବିକ୍ରି ପାଇଁ ଆଣିଥିବା ସମବାୟ ସମିତିରେ ଭିତ୍ତିଭୂମୀ ଅଭାବ ଯୋଗୁଁ ଧାନ ବସ୍ତା ଭଦ୍ରକ-ଆଖଣ୍ଡଳମଣି ମୁଖ୍ୟରାସ୍ତା ପାର୍ଶ୍ୱରେ ପଡ଼ି ରହିଛି। ଫଳରେ ପ୍ରତିଦିନ ଯାତାୟାତ କରୁଥିବା ଛୋଟବଡ଼ ଗାଡ଼ି ଯାତାୟାତରେ ଅସୁବିଧା ଦେଖାଦେଉଛି। ଏପରି ସମସ୍ୟା ଦିନେ କି ଦୁଇଦିନ ନୁହେଁ ଦେଢ଼ମାସରୁ ଊର୍ଦ୍ଧ୍ୱ ହେବ। ଏପରି ଧାନ ବସ୍ତା ପଡ଼ି ରହିଥିବାରୁ ଶହଶହ ଚାଷୀ ରାତି ଉଜାଗର ରହି ବର୍ଷାରେ ଭିଜି ନିଜ ଅମଳ ଧାନକୁ ଜଗି ରହୁଛନ୍ତି। ଏପରି ସମସ୍ୟା ଲାଗି ରହିଥିଲେ ମଧ୍ୟ ପ୍ରଶାସନ ନଜର ଦେବା ତ ଦୂରର କଥା ଚାଷୀଙ୍କ ଅଭିଯୋଗ ଶୁଣିବାକୁ କାହାରି ପାଖରେ ସମୟ ନାହିଁ। ଅନ୍ୟପଟେ ସମବାୟ ସମିତିର ସମ୍ପାଦକଙ୍କୁ ପଚାରିବାରୁ ଅବଧି ସରି ଆସୁଥିବାରୁ ପଞ୍ଜୀକରଣ ଚାଷୀଙ୍କ ସହ କ'ଣ ପଞ୍ଜିକୃତ ଚାଷୀ ଧାନ ଆସୁଥିବାରୁ ଏପରି ସମସ୍ୟା ସୃଷ୍ଟି ହେଉଛି।

## କାଳବୈଶାଖୀରେ ଭାଙ୍ଗିଲା ଘର; ଛେଳି ମୃତ



ବାରିକପୁର,୨୬।୩(ସମିସ): ଭଣ୍ଡାରି ପୋଖରୀ ବ୍ଲକ୍ ଅନ୍ତର୍ଗତ ଆଖୁଆପଦାଠାରୁ ମାଳଦା ମଧ୍ୟରେ କାଳବୈଶାଖୀର ଉଗ୍ର ରୂପ ଦେଖିବାକୁ ମିଳିଛି। ଗତ ବୁଧବାର ଅଦିନିଆ ବର୍ଷାରେ ଚାଳ ଛପର ବାସଗୃହ, ଗୃହ ପାଳିତ ପଶୁ, ବିଦ୍ୟୁତ୍ ଖୁଣ୍ଟ, ଗଛଲତା ବାଦ୍ ପଡ଼ିନାହିଁ। ବିଶେଷ କରି ମାଳଦା ଅଞ୍ଚଳରେ କାଳବୈଶାଖୀ ଯୋଗୁଁ ଅନେକ କ୍ଷତି ହୋଇଛି। ପାଳଦା-ମଣିନାଥପୁର ପୂର୍ତ୍ତ ରାସ୍ତାରେ ଶହଶହ ଗଛ ଡାଳ ଭାଙ୍ଗି ପଡ଼ିଥିବାବେଳେ ଗାଁ ଗାଁରେ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ିବା ସହିତ ତା'ର ମଧ୍ୟ ଛିଡ଼ିଛି। ଯେଉଁଥିପାଇଁ ଗୁରୁବାର ସନ୍ଧ୍ୟା ପର୍ଯ୍ୟନ୍ତ ଅଞ୍ଚଳରେ ବିଦ୍ୟୁତ୍ ସେବା ବନ୍ଦ ରହିଛି। ସୂଚନା ମୁତାବକ, ରାମପୁର ଗ୍ରାମର ମହେଶ୍ୱର ଜେନାଙ୍କ ବାସଗୃହ ସମେତ ଗୁହାଳ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାବେଳେ ଏଥିରେ ୩ଟି ଛେଳିଙ୍କର ମୃତ୍ୟୁ ହୋଇଛି। ଗୋଟିଏ ଗାଇ ମଧ୍ୟ ଗୁରୁତର ହୋଇଛି। ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ଲୋକମାନେ ଗୁରୁବାର ଦିନତମାମ ମୁଖ୍ୟ ରାସ୍ତା ସହିତ ଗ୍ରାମ୍ୟ ରାସ୍ତା ଉପରୁ ଗଛ ଡାଳ ହଟାଇବା ପାଇଁ ଲାଗି ପଡ଼ିଛନ୍ତି। ରହଣିଆଠାରୁ ଆରମ୍ଭ କରି ଷୋଳମପୁର ପଞ୍ଚାୟତ ଯାଏଁ କାଳବୈଶାଖୀର ଉଗ୍ରରୂପ ଅଧିକ ଅନୁଭୂତ ହୋଇଛି।

## ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଓ ବାର୍ଷିକ ଉତ୍ସବ



ବନ୍ତ/ଆଗରପଡ଼ା,୨୬।୩(ସମିସ): ବନ୍ତ ବ୍ଲକ୍ ରାମକୃଷ୍ଣପୁର ପଞ୍ଚାୟତ ବାଲୁଙ୍କେଶ୍ୱର ସରକାରୀ ଉ.ପ୍ରା. ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ସୁଧୀର କୁମାର ରାଉତଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା, ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନର ପ୍ରଧାନଶିକ୍ଷକ ଅନିରୁଦ୍ଧ ମଙ୍ଗଳଙ୍କ ସଭାପତିତ୍ୱରେ ବନ୍ତ ଓପିଟିଏ ସଭାପତି ସୁକାନ୍ତ କୁମାର ବେହେରାଙ୍କ ମଞ୍ଚ ସଞ୍ଚାଳନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥିଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ଭାସ୍କର ଚନ୍ଦ୍ର ପାଢ଼ୀ, ମୁଖ୍ୟବକ୍ତା ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ପରିଡ଼ା, ସମ୍ମାନିତ ଅତିଥି ସରପଞ୍ଚ ହିରେନ୍ଦ୍ର ଖିଲାର, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସନ୍ତୋଷ ମଲ୍ଲିକ, ଶିକ୍ଷାବିତ୍ ପଦ୍ମନାଭ ବିନ୍ଧାଣୀ, ପ୍ରାକ୍ତନ ଏବିଇଓ ନିଗମାନନ୍ଦ ମିଶ୍ର, ପରିଚାଳନା କମିଟିର ସଭାପତି କାହ୍ନୁ ଚରଣ ସେଠୀ, ସମିତିସଭ୍ୟା ଜେମାମଣୀ ସେଠୀ, ୱାର୍ଡ ସଭ୍ୟା ଅହଲ୍ୟା ମଲ୍ଲିକ, ପ୍ରାକ୍ତନ ସଭାପତି ବନ୍ତ ଓପିଟିଏ ସନାତନ ଦାସ, ଶରତ ନାୟକ, ଅଭୟ ପ୍ରଧାନ, ରମାକାନ୍ତ ଜେନା, ଦୀନବନ୍ଧୁ ଜେନା, କରୁଣାକର ନାୟକ ପ୍ରମୁଖ ଯୋଗଦେଇ ପ୍ରାକ୍ତନ ପ୍ରଧାନଶିକ୍ଷକ ସୁଧୀର ରାଉତ ଜଣେ ଛାତ୍ରବତ୍ସଳ ଓ ଉତ୍ତମ ଶିକ୍ଷକ ଥିଲେ ବୋଲି କହିଥିଲେ। ଶ୍ରୀ ରାଉତ ୨୦୨୫ ଜାନୁଆରୀ ମାସରେ ଅବସର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ନରେନ୍ଦ୍ର କୁମାର ସାହୁ ଅତିଥି ପରିଚୟ, ବାର୍ଷିକ ବିବରଣୀ ପଠନ ଶିକ୍ଷୟିତ୍ରୀ ମୋନାଲିସା ନାୟକ, ପ୍ରକାଶ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ଉପସ୍ଥିତ ଅତିଥି ପୁରସ୍କାର ବିତରଣ କରିଥିଲେ।

## ଧୂଷୁରୀରେ ଜମୁଛି ବାସନ୍ତୀ ଦୁର୍ଗା ପୂଜା



ଅସୁରାଳି,୨୬।୩(ସମିସ): ଚଳିତ ବର୍ଷ ଧୂଷୁରୀ ବାସନ୍ତୀ ପଡ଼ିଆଠାରେ ଧୁମ୍‌ଧାମରେ ପାଳିତ ହେଉଛି ବାସନ୍ତୀ ଦୁର୍ଗା ପୂଜା। ସୂଚନାଯୋଗ୍ୟ, ୨୪ ତାରିଖ ଦିନ ବିଲ୍ୱବରଣ, ୨୫ରେ କଳସ ଯାତ୍ରା ଓ ସପ୍ତମୀ ପୂଜା ହୋଇଥିବାବେଳେ ୨୬, ୨୭, ୨୮ ଅଷ୍ଟମୀ, ନବମୀ ଓ ଦଶମୀ ପୂଜା ଯଥାକ୍ରମେ ରୀତିନୀତି ଅନୁସାରେ ଅନୁଷ୍ଠିତ ହେବ। ପ୍ରତିଦିନ ସନ୍ଧ୍ୟାରେ ପ୍ରସାଦସେବନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ବୋଲି ମା' ବାସନ୍ତୀ ଦୁର୍ଗା ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ପୂଜା କମିଟି ସଦସ୍ୟଗଣ ତଥା ସ୍ଥାନୀୟ ସରପଞ୍ଚ ସାର୍ବଜନୀନ ମା' ବାସନ୍ତୀ ଦୁର୍ଗାପୂଜା କମିଟିର ସଭାପତି ଅନ୍ତର୍ଯ୍ୟାମୀ ପତି, ବରିଷ୍ଠ ସମାଜସେବୀ ଚତୁର୍ଭୁଜ ନାୟକ, ଅବସରପ୍ରାପ୍ତ ଶିକ୍ଷକ ତଥା କମିଟିର ସମ୍ପାଦକ ନିରୋଦ ବେହେରା, କୋଷାଧ୍ୟକ୍ଷ ଲଲାଟେନ୍ଦୁ ଗୋସ୍ୱାମୀ, କାହ୍ନୁ ଚରଣ ପଣ୍ଡା, ରାଜକିଶୋର ନାୟକ, ପରମାନନ୍ଦ ନାୟକ, କମିଟିର ସମସ୍ତ ସଦସ୍ୟ ଏବଂ ସ୍ଥାନୀୟ ଜନସାଧାରଣଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହେଉଛି। ସଂକଳ୍ପ କର୍ତ୍ତାଭାବେ ସମାଜସେବୀ ଚତୁର୍ଭୁଜ ନାୟକ ଏବଂ ସହଧର୍ମିଣୀ ଲକ୍ଷ୍ମୀପ୍ରିୟା ନାୟକ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ପୂଜା ପାଇଁ ଉତ୍ସବ ମୁଖରିତ ହୋଇଛି ବାସନ୍ତୀ ପଡ଼ିଆ ସହିତ ଧୂଷୁରୀ ବଜାର। ଏହି ପୂଜା ମାର୍ଚ୍ଚ ୨୪ ତାରିଖରୁ ଆରମ୍ଭ ହୋଇ ଏପ୍ରିଲ ୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ଜିଲ୍ଲାପାଳଙ୍କୁ 'ଡାକ୍ତର ଶଙ୍କରପ୍ରସାଦ ଦାସ ସ୍ମୃତି ସମ୍ମାନ'



ଅସୁରାଳି,୨୬।୩(ସମିସ): ଜନସେବା ଓ କର୍ମଠ ବ୍ୟକ୍ତିତ୍ୱ ପାଇଁ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତାଏଙ୍କୁ "ଡାକ୍ତର ଶଙ୍କର ପ୍ରସାଦ ଦାସ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଛି। ସ୍ୱର୍ଗତ ଶଙ୍କର ପ୍ରସାଦ ଦାସଙ୍କ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ସମ୍ମାନ ପ୍ରଦାନ ସମୟରେ ସ୍ମୃତି କମିଟି ଆବାହକ ତଥା ଧୂଷୁରୀ ପ୍ରେସ ୟୁନିଅନ ସଭାପତି ସନ୍ତୋଷ ଦାସ, ସହସମ୍ପାଦକ ରତିକାନ୍ତ ନାୟକ ଏବଂ ସ୍ମୃତି କମିଟିର ଉପଦେଷ୍ଟା ଆଲୋକ କାନୁନ୍‌ଗୋ ପ୍ରମୁଖ ଉପସ୍ଥିତ ଥିଲେ। ସ୍ମୃତି କମିଟି ପକ୍ଷରୁ ଜିଲ୍ଲାପାଳଙ୍କୁ ପୁଷ୍ପଗୁଚ୍ଛ ଓ ସମ୍ମାନ ପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରକାଶ ଥାଉ କି, ସ୍ୱର୍ଗତ ଦାସ ପେଶାରେ ଜଣେ ଫାର୍ମାସିଷ୍ଟ ଥିଲେ ମଧ୍ୟ ସେ ନିଜର ନିଃସ୍ୱାର୍ଥପର ସେବା ପାଇଁ ଅଞ୍ଚଳରେ ଡାକ୍ତର ଭାବେ ପରିଚିତ ଥିଲେ। ତାଙ୍କର ଔଷଧ ସେବନ ଦ୍ୱାରା ଅନେକ ଦୁଃସାଧ୍ୟ ରୋଗ ସହଜରେ ଭଲ ହୋଇଯାଉଥିଲା। ସେ ସବୁବେଳେ ଗରିବଗୁରୁବାଙ୍କୁ ମାଗଣାରେ ଚିକିତ୍ସା ସେବା ଯୋଗାଇ ଦେଉଥିଲେ। ଦିନରାତି କିମ୍ବା ଖରାବର୍ଷାକୁ ଖାତିର୍ ନ କରି ସେ ସର୍ବଦା ରୋଗୀଙ୍କ ସେବାରେ ନିଜକୁ ନିୟୋଜିତ ରଖୁଥିଲେ। ଏହି ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ ଯେ, ଜଣେ କର୍ମଠ ତଥା ଜନପ୍ରିୟ ପ୍ରଶାସକ ଭାବେ ଜିଲ୍ଲାପାଳ ଶ୍ରୀ ରାଉତରାଏଙ୍କୁ ଏହି ସମ୍ମାନ ମିଳିବା ନିହାତି ଭାବେ ଯଥାର୍ଥ। ଜିଲ୍ଲାପାଳ ଏହି ସମ୍ମାନ ପାଇଁ ସ୍ମୃତି କମିଟିକୁ ଧନ୍ୟବାଦ ଜଣାଇବା ସହ ସ୍ୱର୍ଗତ ଦାସଙ୍କ ଜୀବନୀରୁ ପ୍ରେରଣା ନେବାକୁ ଆହ୍ୱାନ ଦେଇଥିଲେ।

### ଶ୍ରୀରାମ ନବମୀ ପାଇଁ କଡ଼ା ସୁରକ୍ଷା ବଳୟରେ ସହର

# ୪୦ ପ୍ଲାଟୁନ ପୁଲିସ, ୩ କମ୍ପାନୀ ସିଆର୍‌ପିଏଫ୍ ମୁତୟନ

ଭଦ୍ରକ,୨୬।୩(ସମିସ)



- ଆଇଜିଙ୍କ ପରେ ଡିଜିପି କ୍ରାଇମ୍‌ଙ୍କ ସ୍ଥିତି ଅନୁଧ୍ୟାନ
- ସାମାଜିକ ଗଣମାଧ୍ୟମ ଉପରେ କଡ଼ା ନଜର
- ଗୈରିକମୟ ହୋଇ ଉଠିଛି ସହର

ରାତି ପାହିଲେ ଭଦ୍ରକର ଐତିହାସିକ ଶ୍ରୀରାମ ନବମୀ ମହୋତ୍ସବ। ଏହି ମହୋତ୍ସବକୁ ଶାନ୍ତି ଶୃଙ୍ଖଳାର ସହିତ ସମାପନ କରିବା ପାଇଁ ଜିଲ୍ଲା ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ବୁଧବାର ପୂର୍ବାଞ୍ଚଳ ଡିଆଇଜି ପିନାକ୍ ମିଶ୍ର ଭଦ୍ରକରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଆଉ ଗୁରୁବାର କ୍ରାଇମ୍ ବ୍ରାଞ୍ଚ ଡିଜିପି ବିନୟତୋଷ ମିଶ୍ର ଭଦ୍ରକରେ ପହଞ୍ଚି ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ୍ କରିଛନ୍ତି। ଭଦ୍ରକ ସହର ଦେଇ ନଗର ସଂକୀର୍ତ୍ତନ ପରିକ୍ରମା ମାର୍ଗକୁ ପୁଲିସ ଅଧିକାରୀଙ୍କ ସହ ସେ ବୁଲି ଦେଖିଛନ୍ତି। ସମସ୍ତ ଥାନା ବୁଲି ଦେଖିଛନ୍ତି। ଏସ୍‌ପି ଓ ସବୁ ପୁଲିସ ଅଧିକାରୀଙ୍କ ସହ ସୁରକ୍ଷା ବ୍ୟବସ୍ଥା ନେଇ ସମୀକ୍ଷା ବୈଠକ ମଧ୍ୟ କରିଛନ୍ତି। ତେବେ ସାଇବର ସେଲ ସହ ରାଜ୍ୟ କ୍ରାଇମ୍ ବ୍ରାଞ୍ଚ ସମସ୍ତ ପ୍ରକାର ପୋଷ୍ଟ ଯାଞ୍ଚ କରୁଛି। ତେବେ ରାମନବମୀକୁ ଶାନ୍ତି ଶୃଙ୍ଖଳାର ସହ ପାଳନ ପାଇଁ ସମସ୍ତଙ୍କୁ ଅନୁରୋଧ କରିଛନ୍ତି ଡିଜିପି ଶ୍ରୀ ମିଶ୍ର। ଶ୍ରୀରାମ ନବମୀରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୪୦ ପ୍ଲାଟୁନ୍ ପୁଲିସ, ୩ କମ୍ପାନୀ ସିଆର୍‌ପିଏଫ୍ ମୁତୟନ ହୋଇଛନ୍ତି। ସହରର ସମ୍ବେଦନଶୀଳ ସ୍ଥାନ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସାମାଜିକ ଗଣମାଧ୍ୟମ ଉପରେ କଡ଼ା ନଜର ରଖାଯାଇଛି ବୋଲି ଉଭୟ ଡିଜିପି ଓ ଡିଆଇଜି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଷ୍ଟ୍ରାଇକିଙ୍ଗ୍ ଫୋର୍ସ, ଭ୍ରାମ୍ୟମାଣ ଦଳ ସହିତ ସାଦା ପୋଷାକଧାରୀ ପୁଲିସ ବିଭିନ୍ନ ସ୍ଥାନରେ ମୁତୟନ କରାଯିବା ସହିତ ସାରା ସହର ସିସିଟିଭି ସର୍ଭିଲାନ୍ସରେ ଏବଂ ଡ୍ରୋନ୍ କ୍ୟାମେରା ନଜରରେ ରଖାଯାଇଥିବା ଜଣାଯାଇଛି। ତେବେ ସାମାଜିକ ଗଣମାଧ୍ୟମ ଉପରେ ଅଧିକ ନଜର ରଖିବା ଲାଗି ରାଜ୍ୟ କ୍ରାଇମ୍ ବ୍ରାଞ୍ଚର ସୋସିଆଲ ମିଡିଆ ୱିଙ୍ଗ୍‌ର ସହଯୋଗ ନିଆଯାଇଥିବା ଡିଆଇଜି ସୂଚନା ଦେଇଛନ୍ତି। କେହି ଯଦି କୌଣସି ସାମାଜିକ ଗଣମାଧ୍ୟରେ ସମ୍ବେଦନଶୀଳ, ବିଭ୍ରାନ୍ତିକର ମନ୍ତବ୍ୟ ବା ଟିପ୍ପଣୀ ରଖନ୍ତି ତେବେ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିଆଇଜି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି। ଏହି ମହୋତ୍ସବକୁ ଶାନ୍ତିଶୃଙ୍ଖଳା ତଥା ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳନ କରିବା ଦିଗରେ ସମସ୍ତଙ୍କ ସହଯୋଗ ଲାଗି ପୁଲିସ ନିବେଦନ କରିଛି। ଡିଜିପି କ୍ରାଇମ୍ ବ୍ରାଞ୍ଚ ଓ ଡିଆଇଜିଙ୍କ ସହ ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ ଓ ବହୁ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ। ସେହିଭଳି ପବିତ୍ର ଶ୍ରୀରାମ ନବମୀ ମହୋତ୍ସବ ଲାଗି ଭଦ୍ରକ ସହର ଏବେ ଗୈରିକମୟ ହୋଇପଡ଼ିଛି। ପ୍ରତି ଛକରେ ସଦୃଶ ତୋରଣ ସହ ପତାକା, ଶ୍ରୀରାମ ଓ ମହାବୀର ହନୁମାନ ଜୀଉଙ୍କ ଫଟୋଚିତ୍ର ସହ ଆଲୋକସଜ୍ଜା ଛାଇ ହୋଇଯାଇଛି।

## 'ମୁଁ ବି ସାମ୍ବାଦିକ ହେବି' ଶୀର୍ଷକ କର୍ମଶାଳା



ବାରିକପୁର,୨୬।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବେଲଗଡ଼ିଆ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ 'ମୁଁ ବି ସାମ୍ବାଦିକ ହେବି' ଅଭିନବ ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିଷ୍ଣୁ ଚରଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିକ୍ଷଣ କର୍ମଶାଳାକୁ ଭଦ୍ରକ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରିଣୀ ମଧୁସ୍ମିତା ମହାପାତ୍ର ଉଦ୍‌ଘାଟନ କରି ସାଧାରଣ ଜ୍ଞାନ ପାଇବାକୁ ହେଲେ ଖବର କାଗଜ ନିହାତି ପଢ଼ିବା ଜରୁରୀ ବୋଲି ଛାତ୍ରଛାତ୍ରୀମାନଙ୍କୁ କହିଥିଲେ। ଏହାଛଡ଼ା ମୁଁ ବି ସାମ୍ବାଦିକ ହେବି ଶୀର୍ଷକ ଆଲୋଚନାଚକ୍ରକୁ ନେଇ ମୁଖ୍ୟ ଅତିଥି ବିଭିନ୍ନ ଉପାଦେୟ ବକ୍ତବ୍ୟ ଦେଇଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ସଭାପତି ରବିନାରାୟଣ ଖିଲାର, ଅଧ୍ୟାପକ ଅନାଦିଚରଣ ସାହୁ, ଯୁବ ସାମ୍ବାଦିକ ରାଜେନ୍ଦ୍ର ଶତପଥୀ, ଦୁର୍ଯ୍ୟୋଧନ ଲେଙ୍କା ପ୍ରମୁଖ ଯୋଗଦେଇ ସାମ୍ବାଦିକର ବିଭିନ୍ନ ଦିଗ ଉପରେ ମତ ଦେଇଥିଲେ। ଏହି ଅବସରରେ ଗଣତନ୍ତ୍ରର ଭାଷାକୋଷକୁ କେଉଁଭଳି ବିସ୍ତାର କରିବା, ଶାସନ ଓ ପ୍ରଶାସନରେ ସମ୍ବେଦନଶୀଳତା ସୃଷ୍ଟି କରିବା, ଆଞ୍ଚଳିକ ସମସ୍ୟା ସମାଧାନ ଦିଗରେ ତତ୍ପର ହେବା, ସମାଜକୁ ଦୁଃସ୍ଥ ସ୍ଥିତିରୁ ରକ୍ଷା କରିବା, ସବୁ ସ୍ଥାନରେ ଶାନ୍ତି ବଜାୟ ରଖିବା ଆଦି ବିଷୟରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସାମ୍ବାଦିକମାନେ ଉପସ୍ଥିତ ବିଦ୍ୟାର୍ଥୀଙ୍କୁ କହିଥିଲେ। ଶିକ୍ଷକ ନରେନ୍ଦ୍ର ନାୟକ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ବୀରେନ୍ଦ୍ର ମହାନ୍ତି ଉଦ୍ଦେଶ୍ୟ ଜ୍ଞାପନ ଓ ଶିକ୍ଷୟିତ୍ରୀ ବୈଜୟନ୍ତି ବାରିକ ଧନ୍ୟବାଦ ଦେଇଥିଲେ। ପ୍ରଥମ କରି ଆରମ୍ଭ ହୋଇଥିବା ଉକ୍ତ ଶିକ୍ଷଣୀୟ କର୍ମଶାଳାକୁ ଶିକ୍ଷୟତ୍ରୀ ଶୁଚିସ୍ମିତା ନାୟକ, ବିଷ୍ଣୁପ୍ରିୟା ଜେନା, ବନମାଳୀ ସାମଲ, ବିଜୟ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ରାତି ପାହିଲେ ପବିତ୍ର ରାମନବମୀ

# ବାଲେଶ୍ୱରରେ ମୁତୟନ ହେବେ ୨୦ ପ୍ଲାଟୁନ୍ ଫୋର୍ସ

ବାଲେଶ୍ୱର, ୨୬ ।୩(ସମିସ)




ପବିତ୍ର ଶ୍ରୀରାମ ନବନୀ ପାଇଁ ଏବେ ବାଲେଶ୍ୱର ସହର ଚଳଞ୍ଚଳ ହୋଇଉଠିଥିବା ବେଳେ ପୂର୍ବାଞ୍ଚଳ ରେଞ୍ଜରେ ଥିବା ମୟୂରଭଞ୍ଜ ଏବଂ ଭଦ୍ରକ ଜିଲ୍ଲା ମଧ ଚଳଞ୍ଚଳ ହୋଇଉଠିଛି। ଏହାକୁ ଶାନ୍ତି ଶୃଙ୍ଖଳାର ସହ ପାଳନ ପାଇଁ ଆଜି ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର ନିବେଦନ କରିଛନ୍ତି।

ତାଙ୍କ ସୂଚନା ଅନୁସାରେ, ବାଲେଶ୍ୱର, ଭଦ୍ରକ ଏବଂ ମୟୂରଭଞ୍ଜ ଜିଲ୍ଲାରେ ବ୍ୟାପକ ପୁଲିସ ମୁତୟନ କରାଯାଇଛି। ବାଲେଶ୍ୱରରେ ୨୦ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିବା ବେଳେ ଭଦ୍ରକ ଜିଲ୍ଲାରେ ୪୦ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି ବୋଲି କହିଛନ୍ତି। ଏହାଛଡା ବିଏସଏଫ ଏବଂ ସେଂଟ୍ରାଲ ଆର୍ମ ଫୋର୍ସ ମଧ ମୁତୟନ ହୋଇଛନ୍ତି। ଏହାଛଡା ବାଲେଶ୍ୱରରେ ମୋଟରସାଇକେଲ ଶୋଭାଯାତ୍ରା ଓ ନଗର ପରିକ୍ରମା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ମଧ କରାଯାଇଛି ବୋଲି କହିଛନ୍ତି। ଏହାଛଡା ସେ କହିଛନ୍ତି ଯେ, ପବିତ୍ର ଶ୍ରୀ ରାମ ନବମୀ ଉତ୍ସବ ଅତି ହର୍ଷ ଉଲ୍ଲାସର ପାଳନ କରାଯାଇଥାଏ। ଏହି ରେଞ୍ଜର

### ଭଦ୍ରକ ଜିଲ୍ଲା ପାଇଁ ୪୦ ପ୍ଲାଟୁନ ଫୋର୍ସ; ବାର୍ତ୍ତାଦେଲେ ଡିଆଇଜି

ସମସ୍ତ ଜିଲ୍ଲାରେ ଏହା ପାଳନ କରାଯାଉଥିବା ବେଳେ ଶାନ୍ତି ବଜାୟ ରଖିବାକୁ ସେ ନିବେଦନ କରିଛନ୍ତି। ବିଶେଷ କରି ଭଦ୍ରକରେ ୪୦ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିବା ବେଳେ ବାଲେଶ୍ୱରରେ ୨୦ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଏହାକୁ ନେଇ ଫ୍ଲାଗ ମାର୍ଚ୍ଚ ମଧ କରାଯାଉଥିବା ବେଳେ ବାଲେଶ୍ୱରରେ ମୋଟରସାଇକେଲ ଶୋଭାଯାତ୍ରା ଓ ନଗର ପରିକ୍ରମା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଶୋଭାଯାତ୍ରାର ସମସ୍ତ ରୁଟରେ ସିସିଟିଭିର ବ୍ୟବସ୍ଥା କରାଯାଇଥିବା ବେଳେ ବରିଷ୍ଠ ଅଧିକାରୀମାନେ ସ୍ଥିତି ଅନୁଧ୍ୟାନ କରୁଛନ୍ତି। ସୁରକ୍ଷା ଦୃଷ୍ଟିରୁ ବିଭିନ୍ନ ସ୍ଥାନରେ ବ୍ୟାରିକେଡ କରାଯିବା ସହ ଅସ୍ଥାୟୀ କଂଟ୍ରୋଲରୁମ ମଧ ସ୍ଥାପନ କରାଯାଇଛି। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିୱାକରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି ବୋଲି କହିଛନ୍ତି। ଏହାଛଡା ଜିଲ୍ଲାବାସୀଙ୍କୁ ଶ୍ରୀରାମ ନବମୀର ଶୁଭେଚ୍ଛା ସହ ଶାନ୍ତି ବଜାୟ ରଖିବାକୁ ନିବେଦନ କରିଛନ୍ତି।

## ଶ୍ରୀରାମ ନବମୀ ପାଇଁ ବାଇକ୍ ରାଲି

ବାଲେଶ୍ୱର, ୨୬ ।୩(ସମିସ): ଶ୍ରୀ ରାମ ନବମୀ ପାଇଁ ଉତ୍ସବମୁଖର ହୋଇ ଉଠିଛି ବାଲେଶ୍ୱର ସହର। ଏହି ଅବସରରେ ଶ୍ରୀ ରାମ ଚେତନା ଜାଗରଣ ସଂଘ ପକ୍ଷରୁ ସହରରେ ତିନି ଦିନିଆ ରାମନବମୀ ଉତ୍ସବ ଆରମ୍ଭ ହୋଇଛି। ପ୍ରଥମ ଦିନ ମହିଳାଙ୍କ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିନ ରାମଭକ୍ତଙ୍କୁ ନେଇ ଏକ ବାଇକ୍ ରାଲି କରାଯାଇଛି। ଏହା ସହରର ପରମିଟ ପଡ଼ିଆରୁ ବାହାରିଥିଲା। ପ୍ରଥମେ ସାମୂହିକ ହନୁମାନ ଚାଳିଶା ପଠନ କରାଯିବା ପରେ ବାଇକ୍ ରାଲି ବାହାରିଥିଲା। ଏହା



ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିବା ପରେ ପୁଣି ସେହିଠାରେ ପହଞ୍ଚିଥିଲା। ଏହି ରାଲିରେ ପାଖାପାଖି ୪ ହଜାର ରାମଭକ୍ତ ସାମିଲ୍ ହୋଇଥିଲେ। ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ୍, ସଦର ବିଧାୟକ ମାନସ କୁମାର ଦତ୍ତଙ୍କ ସମେତ ବହୁ ବ୍ୟକ୍ତି ଏଥିରେ ଯୋଗ ଦେଇଥିଲେ। ଆସନ୍ତାକାଲି ଶ୍ରୀରାମଙ୍କ ଜନ୍ମଦିନ ପାଳନ ସହ ବିଶାଳ ପଦଯାତ୍ରା ଅନୁଷ୍ଠିତ ହେବ। ଏଥିରେ ୫୦ ହଜାର ଭକ୍ତଙ୍କ ସମାଗମ ହେବ ବୋଲି ଶ୍ରୀ ଜାଗରଣ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

## ବାରଘରିଆ ସାହିରେ ଅଷ୍ଟପ୍ରହରୀ ନାମଯଜ୍ଞ ସମାପନ

କାଳିପଦା, ୨୬।୩(ସମିସ): ବାଲିଆପାଳ ପଞ୍ଚାୟତ ଅନ୍ତର୍ଗତ ବାଲିଆପାଳ ବାରଘରିଆ ସାହିରେ ଗୁରୁବାର ଅଷ୍ଟପ୍ରହରୀ ନାମଯଜ୍ଞ ସମାପନ ସହିତ ୩ ହଜାରରୁ ଅଧିକ ଭକ୍ତ ପ୍ରସାଦ ସେବନ କରିଛନ୍ତି। ବୁଧବାର ଘଟ ଉତ୍ତୋଳନ କରାଯାଇ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ପୂଜାର୍ଚ୍ଚନା କରାଯାଇ ନାମ ଯଜ୍ଞ ଆରମ୍ଭ ହୋଇଥିଲା। ଗୁରୁବାର ମଧ୍ୟାହ୍ନରେ ୩ ହଜାରରୁ ଅଧିକ ଭକ୍ତ ପ୍ରସାଦ କରିଥିଲେ। ଅପରାହ୍ନ ୩ଟାରେ ନାମ ସଂକୀର୍ତ୍ତନ ପୂଜା କାର୍ଯ୍ୟ ସମାପନ ହୋଇଥିଲା। ସାହି ମୁଖିଆ ବଂଶୀଧର ପାତ୍ରଙ୍କ ପରିଚାଳନରେ ଅନୁଷ୍ଠିତ ଅଷ୍ଟପ୍ରହରୀ ନାମଯଜ୍ଞରେ ସମସ୍ତ ସାହିବାସିନ୍ଦା ଯୋଗଦେଇ ସୁଚାରୁ ରୂପେ ସମସ୍ତ କାର୍ଯ୍ୟ ତୁଲାଇଥିଲେ।

● ଅଲାଲପୁର-ନାମ୍ପୋ ରାସ୍ତା

## ପ୍ରଶସ୍ତୀକରଣ ବେଳେ ଜଳ ନିଷ୍କାସନକୁ ଉପେକ୍ଷା

ଜଳେଶ୍ୱର, ୨୬।୩(ସମିସ): ପଶ୍ଚିମବଙ୍ଗରୁ ଉଦ୍‌ବୃତ୍ତ ବର୍ଷାପାଣି ଓ ଜଳେଶ୍ୱର ସହର ତଥା ଆଖାପାଖ ଅଞ୍ଚଳରୁ ବର୍ଷାପାଣି ନାମ୍ପୋ ଖାଳଦେଇ ଯାଇ ଉଲୁଡାଠାରେ ଥିବା ମହାଖାଳରେ ପଡ଼ି ସୁବର୍ଣ୍ଣରେଖା ନଦୀକୁ ନିଷ୍କାସିତ ହୋଇଥାଏ। ତେଣୁ ବର୍ଷାଦିନରେ ବିସ୍ତୀର୍ଣ୍ଣ ଅଞ୍ଚଳରୁ ଆସୁଥିବା ପାଣି ଦ୍ୱାରା ତିଳାପଟା, ଦେଉଳବାଡ, ଜ୍ୟୋତିଜଂଗମ, ପାଣିଗ୍ରାହୀ, ନାମ୍ପୋ ମୌଜାର ପ୍ରାୟ ୫୦୦ ଏକରରୁ ଊର୍ଦ୍ଧ୍ୱ ଚାଷଜମି ଜଳମଗ୍ନ ହୋଇ ଚାଷ ଧୋଇଯାଇଥାଏ। ବର୍ଷା ଓ ବନ୍ୟାଜଳ ନିଷ୍କାସିତ ହେବାଲାଗି ବାଣିଦାରୁ-ନାମ୍ପୋ ରାସ୍ତାରେ ୫ଟି ହ୍ୟୁମ୍‌ପାଇପ ପୋଲ ଥିବାବେଳେ ଏବେ ୩ଟି ପ୍ରାୟ ବନ୍ଦ। ଏବେ ବାଣିଦା-ନାମ୍ପୋ ରାସ୍ତାଲାଗି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୪ କିମି ୫୦୦ମିଟର ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିଲାଗି ୫କୋଟି ୬୦ଲକ୍ଷ ୧୮ ହଜାର ୧୨୨ଟଙ୍କର ମଞ୍ଜୁର ମଧ ହୋଇଛି। ନିୟମ ଅନୁସାୟାରେ ଏହି ରାସ୍ତାରେ ୬ଟି ନୂଆ ନଳାପୋଲ ହେବାକଥା। ମାତ୍ର ଠିକାଦାର ଆଦୌ ପୋଲ ନ କରି କାର୍ଯ୍ୟ ଶେଷ କରିବାକୁ ବସିଥିବା ବେଳେ ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି। ରାସ୍ତାଟି ଉଚ୍ଚ ହେବାରୁ ବର୍ଷା କିମ୍ବା ବନ୍ୟାରେ ପାଣି ଆଦୌ ନିଷ୍କାସିତ ହୋଇ ନ ପାରି ଧନଜୀବନ ପ୍ରତି ବିପଦ ସୃଷ୍ଟି କରିବା ଓ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହେବାର ସମ୍ଭାବନ ଥିବା ଦର୍ଶାଇ ଗ୍ରାମର ପ୍ରଦୀପ ମହାପାତ୍ର, ଗୌରୀଶଙ୍କର ମହାନ୍ତି, ଜଗଦୀଶ ପ୍ରଧାନ, ଅରୁଣ ରାଉଳ, ବାବୁଲୁ ମାରାଣ୍ଡି, ପିଥ ଟୁଡୁ, ପାଟିଆ ମୁର୍ମୁ, ଅଶୋକ ଦାସ, ଭଗେନ୍ ମାରାଣ୍ଡି, ମାନସ ଭୂୟାଁ ପ୍ରମୁଖ ସାମ୍ବାଦିକମାନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷକୁ ଜଣାଇଥିଲେ ମଧ କେହି ଶୁଣୁନଥିବା ସେମାନେ ଅଭିଯୋଗ କରିଛନ୍ତି।

## ସିମୁଳିଆ ଚାଷୀଙ୍କ ଦୁଃଖ ବୁଝିବ କିଏ

ସିମୁଳିଆ, ୨୬।୩(ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ଚଣ୍ଡୀଘର ସୋସାଇଟିରେ ଚାଷୀଙ୍କୁ ଶୋଷଣ କରୁଛି ମିଲର। ମାର୍ଚ୍ଚ ୩୧ରେ ଧାନ କିଣା ଅବଧି ସରିବାକୁ ଥିବାବେଳେ ଏଯାଏ ବହୁ ଚାଷୀଙ୍କ ଧାନ ଉଠିନି। ଏଥିସହ ଚାଷୀଙ୍କଠାରୁ ୧୬ରୁ ୧୭କେଜି ଯାଏ କଟ୍‌ନୀ ଛଟ୍‌ନୀ କରାଯାଉଥିବା ଯୋଗାଣ ଅଧିକାରୀ ଓ ବିଡିଓ ସିମୁଳିଆଙ୍କ ନିକଟରେ ଚାଷୀ ଅଭିଯୋଗ କରିଛନ୍ତି। ଧାନ



କିଣାରେ ୮୦୦ଟଙ୍କା ବୋନସ୍ ଦେବେ ବୋଲି ଡବଲ ଇଞ୍ଜିନ ସରକାର କହି ସରକାରକୁ ଆସିଥିବାବେଳେ ଚାଷୀଙ୍କୁ ଯେପରି ଭାବେ ଲୁଟି ଚାଲିଛନ୍ତି ଓ ମଣ୍ଡିରେ ଅବ୍ୟବସ୍ଥା ନେଇ ଚାଷୀ ତ୍ରାହି ତ୍ରାହି ଡାକିଲେଣି। ଚଣ୍ଡୀଘର ସୋସାଇଟିରେ ଦଲାଲ ରାଜ୍ ଚାଲିଥିବାବେଳେ ୧୫ ପର୍ସେଣ୍ଟ ନଦେଲେ ଧାନ ନେଇ ପଳାଅ ବୋଲି କହୁଛନ୍ତି ଚାଷୀଙ୍କୁ। ଏପରି କରି କିଛି ଅସାଧୁ ସଦସ୍ୟ ମୋଟା ଅଙ୍କର ଟଙ୍କା ଟଙ୍କା କମେଇବାରେ ବ୍ୟସ୍ତ ଥିବାବେଳେ ବୁଧବାର କେତେକ ଚାଷୀ ପ୍ରତିବାଦ କରିଥିବା ଦେଖିବାକୁ ମିଳିଛି। ଖବର ପାଇ ବାଲେଶ୍ୱର ଜିଲ୍ଲାପାଳଙ୍କ ସ୍ୱତନ୍ତ୍ର ପ୍ରତିନିଧି ହସ୍ତକ୍ଷେପ କରିଥିଲେ ବି କିଛି ସୁଫଳ ମିଳିନଥିବା ସୂଚନାରୁ ପ୍ରକାଶ।

## ସ୍ୱତନ୍ତ୍ର ନିଯୁକ୍ତି ପରାମର୍ଶ ମେଳା



ଜଳେଶ୍ୱର, ୨୬ ।୩ (ସମିସ): ବାଲେଶ୍ୱର ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ କାର୍ଯ୍ୟାଳୟ ଓ ଜିଲ୍ଲା ପ୍ରଶାସନ ସହଯୋଗରେ ସ୍ୱତନ୍ତ୍ର ନିଯୁକ୍ତି ପରାମର୍ଶ ମେଳା-୨୦୨୫-୨୬ ଜଳେଶ୍ୱର ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଅଧିନସ୍ଥ ବାଲେଶ୍ୱରଠାରେ ଥିବା ସିପେଟ ସିଏସ୍‌ଟିଏସ୍, କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମିଳିତ ବିଭିନ୍ନ ପ୍ରତିଷ୍ଠାନ ଏବଂ ଓଡ଼ିଶା କୌଶଳ ବିକାଶ ଅଥରିଟି ଦ୍ୱାରା ପ୍ରାୟୋଜିତ ଦକ୍ଷତା ବିକାଶ ତାଲିମ ପାଇଁ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ଛାତ୍ରଛାତ୍ରୀ ଗ୍ରହଣ କରାଯାଇଛି। ଏଥିରେ ଛାତ୍ରଛାତ୍ରୀମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ସମ୍ପୂର୍ଣ୍ଣ ମାଗଣାରେ ଖାଇବା, ରହିବା ସହିତ ପୋଷାକ ଯୋଗାଇ ଦେଇ ତାଲିମ ଦିଆଯିବ। ଯାହାଦ୍ୱାରା ପରବର୍ତ୍ତୀ ସମୟରେ ଜଣେ ସ୍ୱରୋଜଗାର ସମ୍ପନ୍ନ ହେବା ବା କୌଣସୀ ପ୍ରତିଷ୍ଠାନରେ ଚାକିରି ସୁନିଶ୍ଚିତ କରିପାରିବ। ଏହି ମେଳାରେ ଜଳେଶ୍ୱର ବ୍ଲକର ବିଭିନ୍ନ ପଞ୍ଚାୟତରୁ ୧୮ ବର୍ଷରୁ ୩୫ବର୍ଷ ପର୍ଯ୍ୟନ୍ତ ବେକାର ଯୁବକ ଯୁବତୀ ଯୋଗଦେଇ ନିଜ ନିଜର ନିଯୁକ୍ତି ବିଷୟରେ ପରାମର୍ଶ ନେବା ସହିତ ସ୍କିଲ ଚୟନ କରିଥିଲେ। ଏହି ନିଯୁକ୍ତି ମେଳାରେ ୩ଟି ପ୍ରତିଷ୍ଠାନ ଯୋଗଦେଇ ୭୫ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନଙ୍କୁ ଚୟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବ୍ଲକ ଜୀବିକା ମିଶନର ପ୍ରକଳ୍ପ ଅଧିକାରୀ ନିରଞ୍ଜନ ନାୟକ ପରିଚାଳନା କରିଥିଲେ।

● ଉତ୍କଳ ପ୍ରଦେଶ ଗଠନର ୯୦ ତମ ପୂର୍ତ୍ତି

## ସୋରରେ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ




ସୋର, ୨୬।୩(ସମିସ): ଉତ୍କଳ ସମ୍ମିଳନୀ ସୋର ଶାଖାର କାର୍ଯ୍ୟକାରୀ କମିଟି ବୈଠକ ଶାଖାର ଉପ ସଭାପତି ମାୟାଧର ନାୟକଙ୍କ ଅଧକ୍ଷ୍ୟତାରେ ଅନୁଷ୍ଠିତ ହୋଇଯାଇଛି। ଶାଖାର ସମ୍ପାଦକ ଶିକ୍ଷାବିତ କୃତିବାସ ବେଜ ସମ୍ପାଦକୀୟ ବିବରଣୀ ଉପସ୍ଥାପନ ସହ, ଆସନ୍ତା ମାସ ଏପ୍ରିଲ ୧ ତାରିଖ ବୁଧବାର ଦିନ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ୯୦ ତମ ପୂର୍ତ୍ତି ସମାରୋହକୁ ସୋର ଶିକ୍ଷକ ଭବନ ଠାରେ ପାଳନ କରାଯିବାକୁ ଘୋଷଣା କରିଥିଲେ। ଏପ୍ରିଲ ୧ ସକାଳ ୮ ଟାରେ ଓଡ଼ିଆ ଭାଷା ସୁରକ୍ଷାର ଅନ୍ୟତମ ଜନକ ଓଡ଼ିଶାର ଅନ୍ୟତମ ବରପୁତ୍ର କବିବର ରାଧାନାଥ ରାୟଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ, ଏହାପରେ ସତ୍ୟାନନ୍ଦ ହାଇସ୍କୁଲ ପ୍ରାଙ୍ଗଣରେ ଗୋପବନ୍ଧୁ ତଥା ପଞ୍ଚସଖାଙ୍କ ପ୍ରତିମୂର୍ତ୍ତି, ସୋର କୋର୍ଟ ପରିସରରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଜନକ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ ପରେ, ଶିକ୍ଷକ ଭବନ ପ୍ରାଙ୍ଗଣରେ ଉତ୍କଳ ସମ୍ମିଳନୀର ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ଓ ସାମୂହିକ ଉତ୍କଳ ବନ୍ଦନା ବୋଲାଯିବ। ଉତ୍କଳୀୟ ପରମ୍ପରାର ଝୋଟି ଚିତା ପ୍ରଦର୍ଶନୀ ଓ ପ୍ରତିଯୋଗିତା, ୧୦ ଟା ରେ ସାଧାରଣ ସଭା ଆରମ୍ଭ। ବୈଠକରେ ବରିଷ୍ଠ ଉପଦେଷ୍ଟା ପଦ୍ମଲୋଚନ ଦ୍ୱିବେଦୀ, ନେତ୍ରାନନ୍ଦ ରାଉତ, ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ, ଗଙ୍ଗାଧର ପାଢ଼ୀ, ଦାମୋଦର ଦାଶ ମହାପାତ୍ର, ଭଗବାନ ମହାପାତ୍ର, ଶ୍ରୀକଣ୍ଠ ପଟ୍ଟନାୟକ, ଗୋଲକ ପ୍ରସାଦ ନାୟକ, ବଂଶୀଧର ପାଣିଗ୍ରାହୀ ପ୍ରଭୃତି ଆଲୋଚନରେ ଅଂଶ ଗ୍ରହଣ କରିଥିଲେ। ଶ୍ୟାମସୁନ୍ଦର ମହାନ୍ତି, ବିପିନ ବିହାରୀ ବାରିକ, ସୁରେନ୍ଦ୍ର ପ୍ରସାଦ ବେହେରା, ମହେଶ୍ୱର ପଣ୍ଡା ପ୍ରଭୃତି ଯୋଗ ଦେଇଥିଲେ, ଗୀତାଞ୍ଜଳି ଲେଙ୍କା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଘାଟିତ

କାଳିପଦା, ୨୬।୩(ସମିସ): ଜାମଶୂଳୀ ସ୍ଥିତ ଲକ୍ଷ୍ମୀନାରାୟଣ କଲେଜ ଜାତୀୟ ସେବା ଯୋଜନାର ପୁରୁଷ ଓ ମହିଳା ୟୁନିଟର ସ୍ୱତନ୍ତ୍ର ସେବା



ଶିବିର ବୁଧବାର କଲେଜ ପରିସରରେ ଉଦଘାଟିତ ହୋଇଯାଇଛି। ସାତ ଦିନିଆ ଏହି ଶିବିରରେ ବୃକ୍ଷ ରୋପଣ, ସ୍ୱଳ୍ପ ସଞ୍ଚୟ, ସାଇବର ଅପରାଧ, ସୂଚନା ଅଧିକାର, ରକ୍ତଦାନ, ଟୀକାକରଣ, ପରିମଳ, ସ୍ୱଚ୍ଛ ଭାରତ ଇତ୍ୟାଦି ସମ୍ପର୍କ ରେ ସଚେତନତା, ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉଦଘାଟନୀ ଉତ୍ସବରେ କଲେଜ ଅଧକ୍ଷ ପ୍ରାଧ୍ୟାପକ ଦିବ୍ୟେନ୍ଦୁ କୁମାର ଗିରି ପୌରୋହିତ୍ୟ କରିବା ସହିତ ଏନ୍‌ଏସଏସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାକ୍ତନ ଏନଏସଏସ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ସୁକାନ୍ତ କୁମାର ଗିରି ଏଥିରେ ଅତିଥି ଭାବରେ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କ ବ୍ୟକ୍ତିତ୍ୱ ବିକାଶ, ସାମାଜିକ ସମରସ ଓ ଗୋଷ୍ଠୀଗତ ଜୀବନ ସମ୍ପର୍କରେ କହିଥିଲେ। ପ୍ରୋଗ୍ରାମ ଅଫିସର ଅଧ୍ୟାପକ ନଗେନ୍ଦ୍ର ନାଥ ପାତ୍ର ସ୍ୱାଗତ ଭାଷଣ ପ୍ରାକ ସୂଚନା ପ୍ରଦାନ କରିଥିବା ବେଳେ ମହିଳା ୟୁନିଟର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ମିତା ରାଣୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ମହାଅଭିଯାନ ପ୍ରଶିକ୍ଷଣ ଶିବିର

କାଳିପଦା, ୨୬।୩(ସମିସ): ବସ୍ତା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ବାଲିଆପାଳ ବ୍ଲକର ଖପରାପଦା ମଣ୍ଡଳରେ ଦୁଇ ଦିନିଆ ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ ମହା ଅଭିଯାନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ରତିକାନ୍ତ ବାରିକଙ୍କ ପରିଚାଳନାରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରକୁ ବିଜେପି ନେତା ରବୀନ୍ଦ୍ର ଅଣ୍ଡିଆ




ଉଦ୍‌ଘାଟନ କରି ପ୍ରଶିକ୍ଷଣ ଶିବିରର ଉଦ୍ଦେଶ୍ୟ ବିଷୟରେ ବିଜେପି କର୍ମୀମାନଙ୍କୁ ଉଦବୋଧନ ଦେଇଥିଲେ। ପ୍ରଶିକ୍ଷକ ଭାବରେ ଅଜୟ କୁମାର ସାହୁ, ବସନ୍ତ ବାରିକ, ଖଗେନ୍ଦ୍ର ନାୟକ, ବାସୁଦେବ ପଣ୍ଡା, ମାଳତୀ ନାୟକ, ଫରନାଲ ବିଶ୍ୱାଳ ପ୍ରମୁଖ ଯୋଗଦେଇ ବିଜେପିର ଆଦର୍ଶ, ବିଚାର ଧାରା, କାର୍ଯ୍ୟ ପଦ୍ଧତି, କରଣୀୟ କାର୍ଯ୍ୟ, ସରକାରଙ୍କ ବିକାଶ ଧାରା, ଉନ୍ନତି ମୂଳକ ଯୋଜନା, ବିଜେପି ପକ୍ଷରୁ ପାଳନ କରାଯାଉଥିବା ମୁଖ୍ୟ କାର୍ଯ୍ୟକ୍ରମ ଆଦି ବିଷୟରେ କର୍ମୀ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ।

## ଗୋପଳଗାଁ ଶିରିଡ଼ି ସାଇ ମନ୍ଦିରରେ ରାମ ନବମୀ


ବାଲେଶ୍ୱର, ୨୬ ।୩(ସମିସ): ସମଗ୍ର ଦେଶରେ ଆଜି ଶିରିଡ଼ି ସାଇ ମନ୍ଦିରରେ ରାମନବମୀ ପାଳିତ ହେଉଛି। ଏହି କ୍ରମରେ ବାଲେଶ୍ୱର ସହରର ଗୋପାଳଗାଁ ସ୍ଥିତ ଶିରିଡ଼ି ସାଇ ମନ୍ଦିରରେ ମଧ ଦିବସବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଭୁ ସାଇବାବାଙ୍କ ଜୟନ୍ତୀ ଶ୍ରଦ୍ଧାର ସହ ପାଳିତ ହୋଇଛି। ସକାଳେ ବିଶେଷ ରୀତିନୀତିରେ ପୂଜାର୍ଚ୍ଚନା ସହ ଏକ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଥିଲା। ପ୍ରାତଃକାଳରେ ପ୍ରଥମେ ସାଇ ବାବାଙ୍କ




ସ୍ନାନ ପରେ ଆଳତୀ କରାଯାଇଥିଲା। ମନ୍ଦିରରେ ସାଇଭକ୍ତମାନେ ବାବାଙ୍କୁ ଆରାଧନା କରିଥିଲେ। ପରେ ମହାଯଜ୍ଞ ଶୁଭାରମ୍ଭ ହୋଇଥିଲା। ଘୃତାହୁତି ଯଜ୍ଞ ସମେତ ସାଇ ପାରାୟଣ, ୧୦୦୮ ନାମଯଜ୍ଞ ପ୍ରଭୃତି ଅନୁଷ୍ଠିତ ହୋଇଥିଲା। ଏହି ଯଜ୍ଞରେ ସଙ୍କଳ୍ପୀ ଭାବେ ଟ୍ରଷ୍ଟି ବିଜନ କୁମାର ପ୍ରଧାନ ଓ ତାଙ୍କ ପତ୍ନୀ ଲକ୍ଷ୍ମୀପଦା ପ୍ରଧାନ ଉପବିଷ୍ଟ ହୋଇଥିଲେ। ବ୍ରାହ୍ମଣ ଶାନ୍ତନୁ କୁମାର ଦାସ ଓ ନାରଣ ଶତପଥୀ ଯୋଗଦେଇ ପୂଜା କାର୍ଯ୍ୟ ସମ୍ପାଦାନ କରିଥିଲେ। ଏହି ଅବସରରେ ଭଜନ, କୀର୍ତ୍ତନ, ପ୍ରବଚନ କାର୍ଯ୍ୟକ୍ରମ ଆଦି ଆୟୋଜିତ ହୋଇଥିଲା। ଏଥିରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ବାବାଙ୍କ ଆରାଧନା କରିଥିଲେ। ସାଇ ମନ୍ଦିର ପରିଚାଳନା ସମିତି ପକ୍ଷରୁ ଆୟୋଜିତ ସାମୂହିକ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ବହୁ ଭକ୍ତ ଯୋଗ ଦେଇଥିଲେ। ନିରୋଧ ମହାନ୍ତି, ନିକୁଞ୍ଜ ମହାନ୍ତି, ବିପ୍ଳବ କୁମାର ମହାନ୍ତି, ଡ ବିରଞ୍ଚି ନାରାୟଣ ମହାନ୍ତି, ଅଭୟ ମହାପାତ୍ର, ଅମର ମହାନ୍ତି, ଡ ଶିରିଶ କୁମାର ଜେନା, ସଲୀଲ କୁମାର ଦାସ, ରମାକୃଷ୍ଣ ଧଳ, ପ୍ରଶାନ୍ତ ମହାନ୍ତି, ଶ୍ରୀକାନ୍ତ ବେହେରା, ପରିମଳ ମହାପାତ୍ର ପ୍ରମୁଖ ସାଇ ମନ୍ଦିରର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନିଖିଳ ଉତ୍କଳ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ସଂଘର ଦାବିପତ୍ର

ବାଲେଶ୍ୱର, ୨୬ ।୩(ସମିସ): ବାଲେଶ୍ୱର ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଏହି ଅବସରରେ କୁହାଯାଇଛି ଯେ, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ ଓ ଅନ୍ୟାନ୍ୟ



ସୁବିଧା ସୁଯୋଗକୁ ପ୍ରତ୍ୟାହାର କରିବାକୁ କେନ୍ଦ୍ର ସରକାରଙ୍କ ଅର୍ଥ ବିଭାଗ ପକ୍ଷରୁ ସଂସଦରେ ଏକ ଭ୍ୟାଲିଡେସନ ବିଲ ପାରିତ କରାଯାଇଛି। ଏହା କାର୍ଯ୍ୟକାରୀ ହେଲେ ସମସ୍ତ ଅବସରପ୍ରାପ୍ତ କର୍ମଚାରୀ ଅଷ୍ଟମ ବେତନ କମିଶନରେ ଅର୍ନ୍ତଭୁକ୍ତ ହେବାରୁ ବଞ୍ଚିତ ହେବେ। ଏହାଛଡା ସାମୂହିକ ଡିଏ (ମହଙ୍ଗା ଭତ୍ତା) ବୃଦ୍ଧି ଓ ଅନ୍ୟାନ୍ୟ ସୁବିଧାରୁ ମଧ ବଞ୍ଚିତ ହେବେ। ଏଭଳି ଅଗଣତାନ୍ତ୍ରିକ ଆଇନକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ସାରା ଦେଶରେ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ପକ୍ଷରୁ ପ୍ରତିବାଦ କରାଯାଇଛି। ସର୍ବୋଚ୍ଚ ନ୍ୟାୟାଳୟ ପେନସନକୁ ଏକ ସାମାଜିକ ଓ ଆର୍ଥିକ ନିରାପତ୍ତା ବୋଲି ଗ୍ରହଣ କରାଯାଇଛି ବୋଲି କୁହାଯାଇଛି। ଏହି ଦାବି ପ୍ରଦାନ ସମୟରେ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ପକ୍ଷରୁ ଇନ୍ଦୁମାଧବ ମହାନ୍ତି, ଦେବେନ୍ଦ୍ରନାଥ ଚୌଧୁରୀ, ମନୋରଞ୍ଜନ ଦାସ, ବାଦଲଚନ୍ଦ୍ର ପାତ୍ର, ସତ୍ୟଜିତ ଦାସ, ଅକ୍ଷୟ କୁମାର ପାତ୍ର, ରମେଶଚନ୍ଦ୍ର ନାୟକ, ଗିରିଶଚନ୍ଦ୍ର ସାହୁ ଏବଂ ବିଜୟ ନନ୍ଦ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ୩୫ ବର୍ଷରୁ ଊର୍ଦ୍ଧ୍ୱ ହେଲା ଏକାଠି ପୂଜା କରୁଛନ୍ତି ହିନ୍ଦୁ ଓ ମୁସ୍‌ଲିମ

ବାଲେଶ୍ୱର, ୨୬ ।୩(ସମିସ)

ବାଲେଶ୍ୱର ସହର ସମେତ ସମଗ୍ର ଜିଲ୍ଲାରେ ଶ୍ରଦ୍ଧା ଓ ଭକ୍ତି ସହ ଜଗତଜନନୀ ମା' ଦୁର୍ଗାଙ୍କର ବାସନ୍ତିକ ପୂଜା ଚାଲିଛି। ମା'ଙ୍କର ଆଗମନରେ ଉତ୍ସବ ମୁଖର ହୋଇ ପଡ଼ିଛି ସହର ସମେତ ପୁରପଲ୍ଲୀ। ବିଭିନ୍ନ ସ୍ଥାନରେ ଆଜି ଚାଲିଥିବା ମହା ଅଷ୍ଟମୀ ପୂଜାରେ ଭକ୍ତମାନେ ନିଷ୍ଠାର ସହ ମା'ଙ୍କୁ ଆରାଧନା କରୁଥିବା ଦେଖିବାକୁ ମିଳିଛି। ବିଭିନ୍ନ ଶକ୍ତିପୀଠ ସମେତ ସାର୍ବଜନୀନ ପୂଜା ମଣ୍ଡପରେ ଚାଲିଛି ମା'ଙ୍କ ଷୋଡଶ ଉପଚାର ପୂଜା। ମା'ଙ୍କ ମୃଣ୍ମୟ ମୂର୍ତ୍ତି ସାଙ୍ଗକୁ ସୁଦୃଶ୍ୟ ତୋରଣ ଏବଂ ରଙ୍ଗୀନ ଆଲୋକ ସଜ୍ଜାରେ ଝଲସି ଉଠୁଛି ପୂଜା ମଣ୍ଡପ। ତେବେ ଫାଣ୍ଡିଛକସ୍ଥିତ ନିୟୁ ମାର୍କେଟ କମ୍ପ୍ଲେକ୍ସ ସାର୍ବଜନୀନ ବାସନ୍ତୀ ପୂଜା କମିଟି ବାଲେଶ୍ୱର ପାଇଁ ଭାଇଚାରାର ପ୍ରତୀକ ହୋଇପାରିଥିବା ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି। ମାର୍କେଟ କମ୍ପ୍ଲେକ୍ସର ଉଭୟ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ବ୍ୟବସାୟୀମାନେ ନିଷ୍ଠାର ସହିତ ବିଗତ ୩୫ବର୍ଷରୁ ଅଧିକ ସମୟ ଧରି ଏହି ଉତ୍ସବ ପାଳନ



କରିଆସୁଛନ୍ତି। ସହରର ବିଭିନ୍ନ ଅଞ୍ଚଳର ଶ୍ରଦ୍ଧାଳୁମାନେ ମଧ ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ସେଠାରେ ମା'ଙ୍କୁ ଆରାଧନା କରିଥା'ନ୍ତି। ଶାସ୍ତ୍ରବିଧି ଅନୁସାରେ ମହାସପ୍ତମୀ ପୂଜାରେ ଆବାହନ ପରେ ମା'ଙ୍କର ମହାଷ୍ଟମୀ ତିଥିରେ ସ୍ୱତନ୍ତ୍ର ପୂଜାନୀତି ଅନୁଷ୍ଠିତ ହୋଇଥିଲା। ବହୁ ସଂଖ୍ୟାରେ ମାନସିକଧାରୀ ପୂଜାମଣ୍ଡପରେ ମା'ଙ୍କ ନିକଟରେ ଡାଲା ଭୋଗ ଅର୍ପଣ କରିଥିଲେ। ସମସ୍ତେ ମାନସିକ ବ୍ରତ ପାଳନ ସହ ମା'ଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରି ପରିବାରର ମଙ୍ଗଳ କାମନା କରିଥିଲେ। ଅନ୍ୟପଟେ ଏହିଠାରେ ଉଭୟ ହିନ୍ଦୁ ଓ ମୁସଲମାନ ଭାଇମାନେ ପରସ୍ପର ମଧ୍ୟରେ ଭାଇଚାରା ଭାବ ବଜାୟ ରଖି ବାସନ୍ତି ପୂଜା ଉତ୍ସବ ପାଳନ କରୁଛନ୍ତି ବୋଲି କମିଟି ପକ୍ଷରୁ କୁହାଯାଇଛି। ବାଲେଶ୍ୱର ସହରର ଫାଣ୍ଡିଛକ ବ୍ୟତିତ ଆଜିମାବାଦ,

● ବାସନ୍ତିକ ଦୁର୍ଗା ଉତ୍ସବର ମହାଷ୍ଟମୀ
● ଭାଇଚାରାର ନିଦର୍ଶନ ନିୟୁ ମାର୍କେଟ କମ୍ପ୍ଲେକ୍ସ

ନୂଆସାହି, ସହର ଉପକଣ୍ଠ ଈଶାଣୀ ପ୍ରଭୃତି ପ୍ରମୁଖ ମଣ୍ଡପମାନଙ୍କରେ ମା'ଦୁର୍ଗାଙ୍କର ଷୋଡ଼ଶ ଉପଚାର ପୂଜା ଅନୁଷ୍ଠିତ ହୋଇଛି। ବ୍ରାହ୍ମଣଙ୍କ ବେଦମନ୍ତ୍ର ଉଚ୍ଚାରଣ ସାଙ୍ଗକୁ ହୋମଯଜ୍ଞ ଏବଂ ଶ୍ରଦ୍ଧାଳୁଙ୍କ ପୂଜାର୍ଚ୍ଚନାରେ ସମଗ୍ର ସହରରେ ଏକ ଆଧାମ୍ମିକ ପରିବେଶ ସୃଷ୍ଟି ହୋଇଛି।

## ଆଜିର ରାଶିଫଳ

**ମେଷ:** ଅଫିସ୍ କାର୍ଯ୍ୟ ପ୍ରଭାବିତ ହେବ। ଆର୍ଥିକ ସମସ୍ୟା ଦେଖାଦେବ। ଖାଦ୍ୟପାନୀୟ ପ୍ରତି ଧ୍ୟାନ ରଖିବେ। ମହିଳାଙ୍କଠାରେ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ବ୍ୟବସାୟରେ ସମସ୍ୟାକୁ ସାମ୍ନା କରିବେ। ଆର୍ଥିକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ନୂଆ କାର୍ଯ୍ୟ ଆରମ୍ଭ କରିବେ। ବିଦେଶ ଯାତ୍ରା ଯୋଗ ରହିଛି। ପରିବାର ସହିତ ହସଖୁସିରେ ସମୟ ଅତିବାହିତ କରିବେ।

**କର୍କଟ:** ଶାନ୍ତ ଓ ଖୁସି ମନରେ ସମସ୍ତ କାମ ପୂରା କରିବେ। ନିବେଶରୁ ଲାଭ ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ଆଇଟି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

**ସିଂହ:** ବ୍ୟବସାୟରେ ବିରୋଧୀଙ୍କୁ ସାମ୍ନା କରିବେ। ନୂଆ କାମରେ ବନ୍ଧୁ ତଥା ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ବିବାହ ପ୍ରସ୍ତାବ ସ୍ଥିର ହେବ। କଳା କ୍ଷେତ୍ରରେ ରୁଚି ବଢ଼ିବ। ଦେବ କାର୍ଯ୍ୟରେ ମନୋଯୋଗ ଦେବେ।

**କନ୍ୟା:** ବ୍ୟବସାୟରୁ ଲାଭ ମିଳିବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ। ପାରିବାରିକ ବିବାଦ ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କାର୍ଯ୍ୟରେ ବାଧା ଆସିବ। ଅନଲାଇନ୍ ବ୍ୟବସାୟୀଙ୍କୁ ଲାଭ ମିଳିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। ଭାଇ-ଭଉଣୀଙ୍କ ସମ୍ପର୍କ ମଜଭୁତ ହେବ। ଦାମ୍ପତ୍ୟ ଜୀବନ ଅଶାନ୍ତି ଭିତରେ ଗତି କରିବ।

**ଧନୁ:** କର୍ମ ଚଞ୍ଚଳ ରହିବେ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ଅଫିସ୍ କାର୍ଯ୍ୟରେ ସମସ୍ୟା ଆସିବ। ସମୟ ପୂର୍ବରୁ କାମ ଶେଷ କରିବେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ। ଅଯଥା ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।


**କୁମ୍ଭ:** ଧାର କରଜରୁ ଦୂରେଇ ରହିବେ। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ। ପରିବାରରେ ହସଖୁସିର ପରିବେଶ ରହିବ। ଖେଳାଳୀଙ୍କ ପାଇଁ ଅନୁକୂଳ ସମୟ। ଧନଲାଭ ଯୋଗ ଅଛି। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ


- ୧୮୭୧- ପ୍ରଥମ ଅନ୍ତରାଷ୍ଟ୍ରୀୟ ରଗ୍‌ବି ମ୍ୟାଚ୍ ସ୍କଟ୍‌ଲ୍ୟାଣ୍ଡ ଓ ଇଂଲଣ୍ଡ ମଧ୍ୟରେ ଖେଳାଗଲା।
- ୧୯୩୩- ଜାପାନ ମିଳିତ ଜାତିସଂଘରୁ ଅଲଗା ହେଲା।
- ୧୯୬୧- ବିଶ୍ୱ ରଙ୍ଗମଞ୍ଚ ଦିବସ ପାଳନ ଆରମ୍ଭ ହେଲା।
- ୧୯୬୪- ଆଲାସ୍କାରେ ୮.୪ ତୀବ୍ରତାର ଭୂମିକମ୍ପ ଆସିବାରୁ ୧୧୮ ଲୋକଙ୍କ ପ୍ରାଣହାନି।
- ୧୯୭୭- ୟୁରୋପୀୟ ଫାଇଟର ଏୟାରକ୍ରାଫ୍ଟ 'ୟୁରୋଫାଇଟର' ପ୍ରଥମ ଥର ପାଇଁ ଉଡ଼ାଣ କଲା।

# ପୁରୁଷୋତ୍ତମ ଶ୍ରୀରାମ




ଚୈତ୍ର ମାସର ଶୁକ୍ଳ ପକ୍ଷ ନବମୀ ତିଥି ଓ ପୁନର୍ବସୁ ନକ୍ଷତ୍ରରେ ପ୍ରଭୁ ଶ୍ରୀରାମ ଧରାପୃଷ୍ଠରେ ଅବତରି ଥିଲେ। ତେଣୁ ଏହି ତିଥିକୁ ରାମ ନବମୀ ଭାବେ ପାଳନ କରାଯାଏ। ହିନ୍ଦୁ ଧର୍ମଶାସ୍ତ୍ର ଅନୁଯାୟୀ, ତ୍ରେତୟା ଯୁଗରେ ରଘୁକୂଳରେ ଜନ୍ମ ହୋଇଥିଲେ ପୁରୁଷୋତ୍ତମ ଶ୍ରୀରାମ। ଭଗବାନ ବିଷ୍ଣୁଙ୍କ ଅବତାର ଭାବେ ଶ୍ରୀରାମ ଅଯୋଧ୍ୟା ନରେଶ ଦଶରଥଙ୍କ ଘରେ ଜନ୍ମଗ୍ରହଣ କରିଥିଲେ। ଶ୍ରୀରାମଙ୍କ ଜନ୍ମ ଦୁଷ୍ଟ ରାବଣର ବଧ ନିମନ୍ତେ ହୋଇଥିଲା ବୋଲି କୁହାଯାଏ। ସେଥିପାଇଁ ରାମନବମୀ ଉତ୍ସବ ଧର୍ମ, ଶକ୍ତିର ମହିମା, ଭଲ ଓ ଖରାପ ମଧ୍ୟରେ ସଂଘର୍ଷକୁ ଦର୍ଶାଇଥାଏ। ରାମନବମୀ ଉପଲକ୍ଷେ ନବଦିନବ୍ୟାପି ଭଜନକୀର୍ତ୍ତନ, ଅଖଣ୍ଡପାଠ ଆଦି ଚାଲେ। ବିଶେଷକରି ରାମଚରିତମାନସ ପାଠ କରାଯାଏ। ଶ୍ରୀରାମଙ୍କ ଜନ୍ମଭୂମି ଅଯୋଧ୍ୟା ସମେତ ସାରା ଦେଶରେ ବଡ଼ ଧୂମ୍‌ଧାମ୍ ଜାକଜମକରେ ପାଳିତ ହୋଇଥାଏ ରାମନବମୀ। ଏହିଦିନ ବ୍ରତଧାରୀମାନେ ନିଜ ନିଜର ଘର ଅଗଣାକୁ ଧୋଇ ପରିଷ୍କାର କରି ପତ୍ର ପୁଷ୍ପରେ ସୁସଜ୍ଜିତ କରିଥାନ୍ତି ଓ ଶ୍ରୀରାମଙ୍କ ପୂଜା ସମାପ୍ତ ନ ହେବା ପର୍ଯ୍ୟନ୍ତ ଉପବାସ ବ୍ରତ ପାଳନ କରିଥାନ୍ତି। ଅଶୋକପୁଷ୍ପ, ତୁଳସୀ, କୁଶ, ଘୃତ ପକ୍ୱ ଦ୍ରବ୍ୟ ଓ ବିଭିନ୍ନ ସୁସ୍ୱାଦୁ ଫଳମୂଳ ଦ୍ୱାରା ଶ୍ରୀରାମ, ସୀତା, ଲକ୍ଷ୍ମଣ ଓ ହନୁମାନଙ୍କର ବିଶେଷ ପୂଜାର୍ଚ୍ଚନା କରାଯାଇଥାଏ। ଶ୍ରୀରାମଙ୍କ ବିଗ୍ରହ ପୂଜା ପାଉଥିବା ରଘୁନାଥ ମନ୍ଦିରମାନଙ୍କରେ ବିଶେଷ ଆଡ଼ମ୍ବର ସହିତ ଶ୍ରୀରାମଙ୍କର ଏହି ଜନ୍ମୋତ୍ସବ ପାଳିତ ହୋଇଥାଏ। ସ୍ଥାନେ ସ୍ଥାନେ ଶ୍ରୀରାମ ନବମୀରେ ରାମଜନ୍ମ ଲୀଳା ସମ୍ବଳିତ ଯାତ୍ରା, ପାଲା, ନୃତ୍ୟ, ସଙ୍ଗୀତ, ଅଭିନୟ ଆଦି ଅନୁଷ୍ଠିତ ହୋଇଥାଏ। ବିଭିନ୍ନ ବ୍ୟବସାୟ ସଂସ୍ଥା ଶ୍ରୀରାମ ନବମୀ ଦିନ ନୂତନ ଖାତା ପ୍ରଚଳନ କରିଥାନ୍ତି। ଏହିଦିନ ଶ୍ରୀମନ୍ଦିରରେ ଶ୍ରୀରାମ ଜନ୍ମ ଉତ୍ସବ ବିଧିପୂର୍ବକ ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହୋଇଥାଏ। ରାମ ନବମୀ ଦିନ ପ୍ରଭୁ ଶ୍ରୀରାମଙ୍କୁ ବିଧିପୂର୍ବକ ପୂଜାର୍ଚ୍ଚନା କଲେ ସମସ୍ତ ମନସ୍କାମନା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଭକ୍ତି, ଉପାସକ, ତପସ୍ୟା, ସତ୍ୟ, ବଳିଦାନ, ପ୍ରେମ ଏବଂ କର୍ତ୍ତବ୍ୟର ଏକ ଜୀବନ୍ତ ଉଦାହରଣ ଶ୍ରୀରାମ। ମହର୍ଷି ବାଲ୍ମିକୀ ହୁଅନ୍ତୁ ଅବା ଗୋସ୍ୱାମୀ ତୁଳସୀ ଦାସ, ଉଭୟ ଶ୍ରୀରାମଙ୍କ ଆଦର୍ଶ ଚରିତ୍ରକୁ ଅତି ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି। ସକଳ ଦୃଷ୍ଟିରୁ ମର୍ଯ୍ୟାଦାବନ୍ତ ଏବଂ ସକଳ ପରିସ୍ଥିତିରେ ନିଜ ମର୍ଯ୍ୟାଦା ଧାରଣ କରି ତାହାକୁ ପ୍ରତିଷ୍ଠିତ କରିଥିବାରୁ ସେ ଯଥାର୍ଥରେ ମର୍ଯ୍ୟାଦା ପୁରୁଷୋତ୍ତମ। ରାମ ଥିଲେ ସକଳ ଆଦର୍ଶର ଅକ୍ଷୟ ମାନଦଣ୍ଡ।

# ହରର୍ ଫିଲ୍ମରେ ଅଜୟ



ବଲିଉଡ୍ ଅଭିନେତା ଅଜୟ ଦେବଗନ୍ ଏବେ 'ଦୃଶ୍ୟମ୍ ୩' ଓ 'ଗୋଲମାଲ ୫' ଫିଲ୍ମକୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏବେ ତାଙ୍କର ଅନ୍ୟ ଏକ ଫିଲ୍ମକୁ ନେଇ ଖବର ଆସିଛି। ଅଜୟ ଏବେ ଏକ ହରର୍ ଫିଲ୍ମରେ ନଜର ଆସିବେ ବୋଲି ଜଣାପଡ଼ିଛି। ଏହି ଫିଲ୍ମ ପାଇଁ ସେ 'ସର୍ଦ୍ଦାରଜୀ' ଫେମ୍ ନିର୍ଦ୍ଦେଶକ ରୋହିତ୍ ଯୁଗରାଜଙ୍କ ସହ ହାତ ମିଳାଇଛନ୍ତି। ଏହାପୂର୍ବରୁ ଅଜୟଙ୍କ ଅଭିନୀତ ହରର୍ ଫିଲ୍ମ 'ଭୂତ୍'(୨୦୦୩), 'କାଲ୍'(୨୦୦୫) ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିଲା। ଫିଲ୍ମର ଟାଇଟଲ୍ 'ଗୃହ ପ୍ରବେଶ' କିମ୍ବା 'ବାସ୍ତୁ ଶାସ୍ତ୍ର' ରଖିବା ପାଇଁ ଏହାର ନିର୍ମାତା ଯୋଜନା କରୁଛନ୍ତି। ତେବେ ଫିଲ୍ମର କାହାଣୀକୁ ଆଖି ଆଗରେ ରଖି 'ଗୃହ ପ୍ରବେଶ' ରଖାଯାଇପାରେ ବୋଲି ଅନୁମାନ କରାଯାଉଛି। ଏହାର ସୁଟିଂ ବ୍ରିଟେନରେ ହେବ। ଏବେ ଏହାର ପ୍ରିପ୍ରଡକ୍ସନ କାମ ଚାଲିଛି। କୁମାର ମଙ୍ଗତ ଏହାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି। ତେବେ ଏହା ଚିରାଚରିତ ହରର୍ ଫିଲ୍ମଠାରୁ ଅଲଗା ହେବ ବୋଲି ଫିଲ୍ମ ନିର୍ମାତା କହିଛନ୍ତି। ଏବେ ଅଜୟଙ୍କ ବ୍ୟତୀତ ଅନ୍ୟ କଳାକାରମାନଙ୍କୁ ଫାଇନାଲ କରାଯାଉଛି। ଫିଲ୍ମର ସୁଟିଂ ଆସନ୍ତା ଜୁଲାଇ ମାସଠାରୁ ଆରମ୍ଭ ହୋଇପାରେ ବୋଲି କୁହାଯାଉଛି। ଏହା ଆସନ୍ତାବର୍ଷ ମୁକ୍ତିଲାଭ କରିବ।


# ବିଶ୍ୱ ରଙ୍ଗମଞ୍ଚ ଦିବସ



ଆଜି ବିଶ୍ୱ ରଙ୍ଗମଞ୍ଚ ଦିବସ। ରଙ୍ଗମଞ୍ଚ କଳାର ଗୁରୁତ୍ୱ ଉପରେ ସଚେତନତା ସୃଷ୍ଟି କରିବା ପାଇଁ ଆନ୍ତର୍ଜାତିକ ରଙ୍ଗମଞ୍ଚ ପ୍ରତିଷ୍ଠାନ ଦ୍ୱାରା ୧୯୬୧ରେ ଆରମ୍ଭ ହୋଇଥିଲା ବିଶ୍ୱ ରଙ୍ଗମଞ୍ଚ ଦିବସ। ନାଟକ ଓ ନାଟ୍ୟକଳାର ମୂଲ୍ୟବୋଧ, ମନୋରଞ୍ଜନ କ୍ଷେତ୍ରରେ ସେମାନଙ୍କର ଭୂମିକା ଓ ନାଟ୍ୟକଳାରେ ଆସିଥିବା ପରିବର୍ତ୍ତନକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ୧୯୬୧ ମସିହାରେ ଫିନ୍‌ଲାଣ୍ଡର ହେଲସିଙ୍କି ଠାରେ ଆୟୋଜିତ ଆନ୍ତର୍ଜାତିକ ଥିଏଟର ପ୍ରତିଷ୍ଠାନର ବିଶ୍ୱ ସମାବେଶରେ ବିଶ୍ୱ ରଙ୍ଗମଞ୍ଚ ଦିବସ ପାଳନର ପରିକଳ୍ପନା କରାଯାଇଥିଲା। ସେହିଦିନଠାରୁ ନିରନ୍ତର ଭାବେ ପ୍ରତିବର୍ଷ ଆଜିର ଦିନରେ ବିଭିନ୍ନ ଦେଶରେ ନାଟକ ମଞ୍ଚସ୍ଥ ପୂର୍ବକ ଏହି ଦିବସ ପାଳିତ ହୋଇ ଆସୁଛି। ଥିଏଟର (ରଙ୍ଗମଞ୍ଚ) ଏଭଳି ଏକ ସ୍ଥାନ, ଯେଉଁଠାରୁ ବ୍ୟକ୍ତି ଅନେକ ଘଟଣାକୁ ନିଜ କଳା ମାଧ୍ୟମରେ ଦୁନିଆ ସାମ୍ନାକୁ ଆଣିବାରେ ସକ୍ଷମ ହୋଇଥାଏ। ରଙ୍ଗମଞ୍ଚ କେବଳ ଲୋକଙ୍କ ମନୋରଞ୍ଜନ କରେ ନାହିଁ, ବରଂ ସେମାନଙ୍କୁ ସାମାଜିକ ସମସ୍ୟା ବିଷୟରେ ଅବଗତ କରାଏ।

ଯେତେବେଳେ ଲୋକେ ସିନେମା କ'ଣ ଜାଣିନଥିଲେ, ସେତେବେଳେ ରଙ୍ଗମଞ୍ଚ ଲୋକମାନଙ୍କର ମନୋରଞ୍ଜନର ମାଧ୍ୟମ ଥିଲା। ଆଜି ବି ଲୋକେ ଥିଏଟର ଦେଖିବାକୁ ପସନ୍ଦ କରନ୍ତି। କାରଣ ଥିଏଟରରେ ପ୍ରକୃତ ନାଟକର ସଂଜ୍ଞା ମିଳିଥାଏ। ତେବେ ନାଟକର ଏହି ଧାରାକୁ ଜୀବନ୍ତ ରଖିବା ଏବଂ ସାମାଜରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତି ବର୍ଷ ରଙ୍ଗମଞ୍ଚ ଦିବସ ପାଳନ କରାଯାଏ। ଏହାଦ୍ୱାରା ନାଟ୍ୟକଳାର ମହତ୍ତ୍ୱ, ମନୋରଞ୍ଜନରେ ତାହାର ଭୂମିକା ଏବଂ ଲୋକଙ୍କ ଜୀବନରେ ତାହା ଦ୍ୱାରା ଗ୍ରହଣ କରାଯାଉଥିବା ସମ୍ଭାବ୍ୟ ଉନ୍ନତି ବିଷୟରେ ଜନସଚେତନତା ସୃଷ୍ଟି ହୋଇପାରୁଛି। ଭାରତରେ ରଙ୍ଗମଞ୍ଚର ଇତିହାସ ଖୁବ୍ ପୁରୁଣା। ଭରତ ମୁନିଙ୍କ ରଚିତ ଆମ ଭାରତୀୟ ନାଟ୍ୟଶାସ୍ତ୍ର ହେଉଛି ବିଶ୍ୱର ସର୍ବପୁରାତନ ନାଟ୍ୟଶାସ୍ତ୍ର। ଯେଉଁଥିରେ ଭାବ ଆଉ ରସକୁ ପ୍ରମୁଖତାର ସହ ବାଖ୍ୟା କରାଯାଇଛି। ସେହିଭଳି 'ବାବାଜୀ'ରୁ ଆରମ୍ଭ ହୋଇଥିଲା ଓଡ଼ିଆ ନାଟକର ଅଭିଯାନ। ଦିନ ଥିଲା ଓଡ଼ିଶାରେ ମଞ୍ଚନାଟକର ଲୋକାଦୃତି ଥିଲା। ହେଲେ ଏବେ କାଁ ଭାଁ କେତେକ ସ୍ଥାନରେ ଯାହା ସାମାଜିକ ନାଟକ ପରିବେଷଣ ହେଉଛି। ଧୀରେ ଧୀରେ ନାଟକର ଚାହିଦା କମୁଥିବାରୁ ନାଟକ ଲେଖୁଥିବା ନାଟ୍ୟକାର, ମଞ୍ଚକାର ଏବଂ କଳାକାରଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳୁ ନାହିଁ। ଏହାକୁ ଦୃଷ୍ଟିରେ ରଖି ରଙ୍ଗମଞ୍ଚ ସହ ଜଡ଼ିତ କଳାକାରଙ୍କୁ ଏହିଦିନ ସମ୍ମାନିତ କରାଯାଏ। ଅନ୍ୟପଟେ ଆଜି ମନୋରଞ୍ଜନର ଏକାଧିକ ମାଧ୍ୟମ ଆସିବା ସତ୍ତ୍ୱେ ରଙ୍ଗମଞ୍ଚର ଆଦର ସମ୍ପୂର୍ଣ୍ଣ ହଜି ନାହିଁ।

## ସଞ୍ଜୀବନୀ




# ଡୋପାମାଇନ୍ ରିସେଟ୍

ବର୍ତ୍ତମାନର ବିଶୃଙ୍ଖଳିତ ଜୀବନଶୈଳୀ, ଅନିୟମିତ ଖାଦ୍ୟ ସେବନ ଆଦି ଅନେକ କାରଣରୁ ଲୋକେ ନାନା ରୋଗରେ ପୀଡ଼ିତ ହେଉଛନ୍ତି। ତନ୍ମଧ୍ୟରୁ ଯୁବପିଢ଼ିଙ୍କ ମଧ୍ୟରେ ଏକାକୀପଣ ଅଧିକ ଦେଖାଯାଉଛି। ସାଧାରଣତଃ କୌଣସି କାରଣ ନଥାଇ ସେମାନେ ଉଦାସ, ଅବସାଦ ଏବଂ ଏକାକୀ ଅନୁଭବ କରିଥାନ୍ତି। ଏହାକୁ 'ଡୋପାମାଇନ୍ ଡିସେନ୍‌ସିଟାଇଜେସନ' କୁହାଯାଏ। ଶରୀରରେ ଖୁସି ହରମୋନ୍ ଡୋପାମାଇନ୍ କମ୍‌ରୁ ଏହା ହୋଇଥାଏ। ଡୋପାମାଇନ୍ ଡିସେନ୍‌ସିଟାଇଜେସନ ସ୍ଥିତିରେ ମସ୍ତିଷ୍କ ଠିକ୍ ଭାବେ ପ୍ରତିକ୍ରିୟା ଦେଇପାରେ ନାହିଁ। ଏହାଦ୍ୱାରା ଜଣେ ଖୁସି ହେବା ବଦଳରେ ଚିନ୍ତାଗ୍ରସ୍ତ ରହିଥାନ୍ତି। କୌଣସି କାର୍ଯ୍ୟକୁ ଠିକ୍ ଢଙ୍ଗରେ କରିପାରନ୍ତିନି। ସେହିପରି ବର୍ତ୍ତମାନ ମୋବାଇଲ୍ ଏବଂ ସ୍କ୍ରିନ୍ ଟାଇମ୍ ଦ୍ୱାରା ଲୋକଙ୍କ ଉଦାସୀନତା ଅଧିକ ବଢ଼ୁଛି। ଲୋକେ ୨୪ ଘଣ୍ଟା ହ୍ୱାଟସଅପ୍, ଇମେଲ୍ ଆଦି ଉପରେ ନଜର ରଖୁଥିବାରୁ ଡୋପାମାଇନ୍ (Dopamine) ପ୍ରଭାବିତ ହୋଇଥାଏ। ମସ୍ତିଷ୍କରେ ଏହି ରାସାୟନିକ ପଦାର୍ଥ କମ୍ ହେବାକୁ ଲାଗେ। ଏହି କାରଣରୁ ଲୋକ ଉଦାସ, ଦୁଃଖ ଅନୁଭବ କରନ୍ତି। ତେଣୁ ଡୋପାମାଇନ୍‌କୁ ରିସେଟ୍ କରିବାକୁ ଜଣେ ବ୍ୟକ୍ତିଙ୍କୁ କିଛି ଗୁରୁତ୍ୱପୂର୍ଣ୍ଣ କଥାକୁ ଗ୍ରହଣ କରିବାକୁ ପଡ଼ିବ। ପ୍ରଥମତଃ ୨୪ ଘଣ୍ଟା ସ୍କ୍ରିନ୍‌ଠାରୁ ଦୂରେଇ ରହିବାକୁ ଚେଷ୍ଟା କରିବା। ଟିଭି, ମୋବାଇଲ ଦେଖି ଖାଇବା ଅଭ୍ୟାସକୁ ପରିତ୍ୟାଗ କରିବା, ଶୋଇବା ସମୟେ ସ୍କ୍ରିନ୍ ବ୍ୟବହାର ନ କରିବା ଏବଂ ବିନା ଚିନ୍ତାରେ ଶୋଇବା, ଶୌଚାଳୟରେ ମୋବାଇଲ୍ ବ୍ୟବହାର ନ କରିବା ଆବଶ୍ୟକ। ତା ସହିତ କିଛି କୁ-ଅଭ୍ୟାସ ଛାଡ଼ି ପ୍ରକୃତି ସହିତ ସମୟ ବିତାଇବା, ସୂର୍ଯ୍ୟକିରଣ ଏବଂ ଖୋଲା ବାୟୁଚଳାଚଳରେ ସମୟ ଅତିବାହିତ କରିବା, ନିଜକୁ ଖୁସି ଦେଉଥିବା ପରି କାମ କରିବା, ଚାଲିବା, ପଢ଼ିବା, ବ୍ୟାୟାମ, ପ୍ରାଣାୟମ, ଶାନ୍ତଭାବେ ବସିବା ଆଦି ଦ୍ୱାରା ଡୋପାମାଇନ୍ ରିସେଟ ହୋଇପାରେ।

## 'ସକାଳ'ର ସ୍ୱାସ୍ଥ୍ୟ

# ମଧୁମେହ ଓ ଗ୍ୟାଙ୍ଗ୍ରିନ୍



ବିଶୃଙ୍ଖଳିତ ଜୀବନଶୈଳୀ, ପରିବର୍ତ୍ତିତ ଖାଦ୍ୟଶୈଳୀ, ଚିନ୍ତା, ବଂଶାନୁଗତ ରୋଗ, ଅନିଦ୍ରା ଆଦି କାରଣରୁ ମଧୁମେହ ରୋଗ ହୋଇଥାଏ। ଏହାଦ୍ୱାରା ଶରୀରରେ ଇନ୍‌ସୁଲିନ୍ ଓ ରକ୍ତ ଶର୍କରା ଉପଯୋଗ ହେବାକୁ ଅସମର୍ଥ ହୋଇଥାଏ। ମଧୁମେହରେ ଶରୀରରେ ବିଭିନ୍ନ ଲକ୍ଷଣ ଦେଖା ଯାଉଥିଲେ ମଧ୍ୟ କିଛି ଗୁରୁତ୍ୱପୂର୍ଣ୍ଣ ଲକ୍ଷଣକୁ ଅଣଦେଖା କଲେ ଏହା ଗମ୍ଭୀର ସ୍ଥିତି ଉପୁଜାଇ ପାରେ। ଏହି କ୍ରମରେ ଗ୍ୟାଙ୍ଗ୍ରିନ୍ (Gangrene) ଏକ ଗମ୍ଭୀର ସ୍ଥିତି। ଉଚ୍ଚ ରକ୍ତ ଶର୍କରା ସ୍ନାୟୁ ଓ ଧମନୀକୁ କ୍ଷତି ପହଞ୍ଚାଇ ଥାଏ। ଏହା ଦ୍ୱାରା ଅଙ୍ଗକୁ ରକ୍ତ ପ୍ରବାହ ହ୍ରାସ ପାଇଥାଏ। ଟିସୁ ନଷ୍ଟ ହୋଇଥାଏ। ତେଣୁ ଗ୍ୟାଙ୍ଗ୍ରିନ୍ ହେଉଛି ରକ୍ତ ଯୋଗାଣର ଅଭାବ ଯୋଗୁଁ ହେଉଥିବା ଏକ ପ୍ରକାରର ଟିସୁ ମୃତ୍ୟୁ। ଦୁର୍ବଳ ସ୍ନାୟୁ ପାଇଁ ଟିସୁ ନଷ୍ଟ ହୋଇ ଗ୍ୟାଙ୍ଗ୍ରିନ୍ ହେବା ଆରମ୍ଭ ହେଲେ ମଧ୍ୟ ରୋଗୀ ଜାଣିପାରେ ନାହିଁ। ସାମାନ୍ୟ ଆଘାତ ବି ଗ୍ୟାଙ୍ଗ୍ରିନ୍‌ର ରୂପ ନେଇଥାଏ। ପରବର୍ତ୍ତୀ ସମୟରେ ଜଟିଳ ପରିସ୍ଥିତି ସୃଷ୍ଟି ହେଉଥିବାରୁ ନଷ୍ଟ ହେଉଥିବା ଅଙ୍ଗ ମଧ୍ୟ କାଟିବାକୁ ପଡ଼େ।

**ଗ୍ୟାଙ୍ଗ୍ରିନ୍‌ର ଲକ୍ଷଣ:** ଲକ୍ଷଣଗୁଡ଼ିକ ମଧ୍ୟରେ ଶର୍କରା ନିୟନ୍ତ୍ରଣରେ ନ ରହିଲେ ଚର୍ମର ରଙ୍ଗରେ ପରିବର୍ତ୍ତନ। ଚର୍ମ ଲାଲ କିମ୍ବା କଳା ରଙ୍ଗ ହେବା। ଗୋଡ଼ ଝିମ୍ ଝିମ୍ ଲାଗିବା, ଶୂନ୍ୟତା, ଅସହନୀୟ ଯନ୍ତ୍ରଣା, ଫୁଲା, ପାଦର ସମ୍ବେଦନଶୀଳତା କମ୍ ହେବା, ଚର୍ମ ଭାଙ୍ଗିଯିବା, ପ୍ରଭାବିତ ସ୍ଥାନରୁ ଦୁର୍ଗନ୍ଧଯୁକ୍ତ ତରଳ ପଦାର୍ଥ ବାହାରିବା ଆଦି ଲକ୍ଷଣ ଦେଖାଯାଇଥାଏ। ଏହି ଲକ୍ଷଣ ଦେଖାଦେଲେ ଡାକ୍ତରଙ୍କୁ ଦେଖାଇବା ଦରକାର। ରକ୍ତ ସଞ୍ଚାଳନ ହେଉଛି କି ନାହିଁ ଓ ସ୍ନାୟୁ ସଠିକ୍ କାମ କରୁଛି କି ନାହିଁ ତାହାକୁ ନିୟମିତ ପରୀକ୍ଷା କରିବା ଦରକାର।

ସେହିପରି ମଧୁମେହର ନିମ୍ନ ଲକ୍ଷଣକୁ ଅଣଦେଖା କରିବା ଅନୁଚିତ। ପ୍ରଥମତଃ ଯଦି ପାଦରେ ଲାଗିଥିବା ଆଘାତ ଠିକ୍ ହେଉନି କିମ୍ବା ଘା' ଶୁଖିବାକୁ ବହୁତ ବିଳମ୍ବ ହେଉଥିଲେ ଏହା ଗ୍ୟାଙ୍ଗ୍ରିନ୍‌ର ପ୍ରାରମ୍ଭିକ ଲକ୍ଷଣ ହୋଇପାରିଥାଏ। ଥକ୍କା ଲାଗିବା କିମ୍ବା ଆଖିକୁ ଝାପ୍ସା ଦେଖାଯିବା ଶରୀରରେ ଶର୍କରା ସ୍ତର ଅସନ୍ତୁଳିତ ହେବାର ମୁଖ୍ୟ ଲକ୍ଷଣ। ଅତ୍ୟଧିକ ରକ୍ତ ଶର୍କରା ପାଇଁ ବାରମ୍ବାର ପରିସ୍ରା ମଧ୍ୟ ହୁଏ।

ଗ୍ୟାଙ୍ଗ୍ରିନ୍ ଅଙ୍ଗୁଠି, ପାଦ, ଅଙ୍ଗୁଠି ସନ୍ଧି, ହାତ ଆଦି ଅଙ୍ଗକୁ ପ୍ରଭାବିତ କରିପାରେ। ଏହା ଶୀଘ୍ର ବ୍ୟାପି ଶରୀରର ଅନ୍ୟ ଅଙ୍ଗକୁ କ୍ଷତି ପହଞ୍ଚାଇ ପାରେ। ଏହାଦ୍ୱାରା ଅଙ୍ଗକୁ କାଟିବାକୁ ପଡ଼ିପାରେ। ସେପ୍‌ସିସ କାରଣରୁ ଗମ୍ଭୀର ସ୍ଥିତି ସୃଷ୍ଟି ହୋଇପାରେ। ତେଣୁ ଅଙ୍ଗୁଠି ମଧ୍ୟରେ ଧଳା ଧଳା ରଙ୍ଗରେ ଫଙ୍ଗାଲ ସଂକ୍ରମଣ ହୋଇଥିଲେ ଡାକ୍ତର ଦେଖାଇ ଔଷଧ ଖାଆନ୍ତୁ। ଶର୍କରା ନିୟନ୍ତ୍ରଣ କରନ୍ତୁ।

### ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ ଦର୍ଶାଏ

# ପରିସ୍ରାରେ ରକ୍ତ ପଡ଼ିବାର କାରଣ



**ପରିସ୍ରାରୁ ରକ୍ତ ପଡ଼ିବାକୁ ଡାକ୍ତରୀ ଭାଷାରେ ହେମାଚୁରିଆ କୁହାଯାଏ। ପରିସ୍ରାରେ ରକ୍ତସ୍ରାବକୁ ଅଧିକାଂଶ ସାଧାରଣ ଭାବି ଅଣଦେଖା କରିଥାନ୍ତି। ଡାକ୍ତରଙ୍କ ମୁତାବକ, ପରିସ୍ରାରେ ରକ୍ତ ପଡ଼ିବାକୁ ଅଣଦେଖା କଲେ ଏହା ଭବିଷ୍ୟତରେ କର୍କଟ ରୋଗ ସୃଷ୍ଟି କରିପାରେ। ତେଣୁ ଡାକ୍ତରଙ୍କ ପରାମର୍ଶ ନେଇ ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ କରିବା ଜରୁରି।**

ବିନା ଯନ୍ତ୍ରଣାରେ ପରିସ୍ରାରେ ରକ୍ତ ପଡ଼ିବା ଚିନ୍ତାର କାରଣ। ବୃକ୍କ ପଥୁରୀ, ପରିସ୍ରା ସଂକ୍ରମଣ ଓ ମୂତ୍ରନଳୀରେ ଦୀର୍ଘକାଳୀନ ସଂକ୍ରମଣ ଆଦି ଯୋଗୁଁ ପରିସ୍ରାରେ ରକ୍ତସ୍ରାବ ହୋଇଥାଏ। ଏଥିପାଇଁ ପରିସ୍ରା ଜଳାପୋଡ଼ା ଏବଂ ପେଟ ବ୍ୟଥା ହୋଇପାରେ। ପରିସ୍ରାରେ ରକ୍ତ ଆସିବା ବ୍ଲାଡର କର୍କଟ ଆରମ୍ଭର ସଙ୍କେତ। ଅନେକ କ୍ଷେତ୍ରରେ ପ୍ରଥମେ ପରିସ୍ରା ରଙ୍ଗ ଗୋଲାପୀ, ନାରଙ୍ଗୀ କିମ୍ବା ଗାଢ଼ ଲାଲ ହୋଇପାରେ। ବୃକ୍କ କ୍ୟାନ୍‌ସର ଓ ପ୍ରୋଷ୍ଟେଟ କର୍କଟରେ ମଧ୍ୟ ଏହି ଲକ୍ଷଣ ଦେଖାଯାଇପାରେ। ଏହା ସହ ପିଠି ଯନ୍ତ୍ରଣା, ଓଜନ କମ୍ ହେବା, ଦୁର୍ବଳ ଲାଗିବା ଆଦି ଲକ୍ଷଣ ମଧ୍ୟ ଦେଖାଯାଏ। ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ଏହି ଲକ୍ଷଣ ଦେଖାଯିବା ମାତ୍ରେ ସଠିକ୍ ସମୟରେ ଯାଞ୍ଚ, ପରିସ୍ରା ପରୀକ୍ଷା ଜରୁରି। ପରିସ୍ରା ପରୀକ୍ଷା ସହ ଅଲଟ୍ରାସାଉଣ୍ଡ, ସିଟି ସ୍କାନ କିମ୍ବା ସିଷ୍ଟୋସ୍କୋପି ପରି ଯାଞ୍ଚ କରିବାକୁ ଡାକ୍ତର ପରାମର୍ଶ ଦିଅନ୍ତି। ଏହାଦ୍ୱାରା ପରିସ୍ରାରେ ରକ୍ତ ପଡ଼ିବାର ପ୍ରକୃତ କାରଣ ଜଣାପଡ଼େ। ବିନା ଯନ୍ତ୍ରଣାରେ ପରିସ୍ରାରେ ରକ୍ତ ଦେଖାଗଲେ, ତୁରନ୍ତ ୟୁରୋଲୋଜିଷ୍ଟଙ୍କ ପରାମର୍ଶ ନେବା ଜରୁରି।

## ଘରୋଇ ଉପଚାର



# ପେଟ ଫମ୍ପା

- ଦୁଇ ଚାମଚ ଲେମ୍ବୁରସରେ ଦୁଇ ଅଣି ଓଜନ ପାନମହୁରୀ ବଟା ମିଶାଇ ୩/୪ ରତି ବିଟ ଲବଣ ଦେଇ ଖାଇଲେ ପେଟଫମ୍ପା ଆରୋଗ୍ୟ ହୁଏ।
- ଆମିଳିତ ଶାଗ ରସରେ ଯବକ୍ଷାର ଗୋଳି ପେଟ ଉପରେ ପ୍ରଲେପ ଦେଇ ଅଥବା ଏହି ରସ ସହିତ ଖସା ଅଭାବେ ସୋରିଷ ତେଲ ଫେଣାଇ ପେଟରେ ମାଲିସ୍ କଲେ ପେଟଫମ୍ପା ଭଲ ହୁଏ।
- ହିଙ୍ଗୁଳ ମଞ୍ଜି ପାଣିରେ ବାଟି ପେଟରେ ଲେପ ଦେଲେ ପେଟଫମ୍ପା ଓ ଶୂଳ ଭଲ ହୁଏ। ବକ୍ଷରେ ଲେପ ଦେଲେ ବକ୍ଷ ବେଦନା ଭଲ ହୁଏ।
- କଦମ୍ବ ପତ୍ର ରସ ଏକ ତୋଳା ଖାଇଲେ ପେଟଫମ୍ପା ଭଲ ହୋଇ ଝାଡ଼ା ସଫା ହୁଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

ସକାଳ
THE SAKALA
www.sakalaepaper.com

■ ଆଇପିଏଲ୍-୧୯ର ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ଜାରି

# ୧୩ଟି ଭେନ୍ୟୁରେ ଖେଳାଯିବ ୭୦ ଲିଗ୍ ମ୍ୟାଚ୍

ମୁମ୍ବଇ, ୨୬ ।୩ (ଏଜେନ୍ସି): ଆଇପିଏଲ୍‌ର ଆଗାମୀ ୧୯ତମ ସଂସ୍କରଣ ଶନିବାରଠାରୁ ଆରମ୍ଭ ହେବାକୁଯାଉଛି । ଡିଫେଣ୍ଡିଂ ଚାମ୍ପିଅନ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ସନ୍‌ରାଇଜର୍ସ ହାଇଦରାବାଦ୍ ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବ । ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ପକ୍ଷରୁ ଆଇପିଏଲ୍‌ର ପ୍ରଥମ ପର୍ଯ୍ୟାୟରେ ମାର୍ଚ୍ଚ ୨୮ ରୁ ଏପ୍ରିଲ ୧୨ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ୨୦ଟି ମ୍ୟାଚର କାର୍ଯ୍ୟସୂଚୀ ଘୋଷଣା କରାଯାଇଥିଲା । ଗୁରୁବାର ଦ୍ୱିତୀୟ ଫେଜ୍‌ରେ ଏପ୍ରିଲ ୧୩ରୁ ମେ ୨୪ ପର୍ଯ୍ୟନ୍ତ ହେବାକୁ ଥିବା ଆଉ ୫୦ଟି ଲିଗ୍ ମ୍ୟାଚର କାର୍ଯ୍ୟସୂଚୀ ଘୋଷଣା ହୋଇଛି । ଏପ୍ରିଲରେ ହେବାକୁ ଥିବା ୪ଟି ରାଜ୍ୟର ନିର୍ବାଚନ ନେଇ ତାରିଖ ଘୋଷଣା ହେବାପରେ ବିସିସିଆଇ ଆଇପିଏଲ୍‌ର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟସୂଚୀ ଏବେ ଜାରି କରିଛି । ଫଳରେ ଆଇପିଏଲ୍-୧୯ର ଲିଗ୍ ପର୍ଯ୍ୟାୟର ସମସ୍ତ ୭୦ଟି ଯାକ ମ୍ୟାଚର ସୂଚୀ ସ୍ପଷ୍ଟ ହୋଇଯାଇଛି । ମୋଟ୍ ୧୩ଟି ଭେନ୍ୟୁରେ ଏହି ସମସ୍ତ ଲିଗ୍ ମ୍ୟାଚ୍ ଖେଳାଯିବ । ପାଞ୍ଚ ପାଞ୍ଚଥରର ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ ଓ ଚେନ୍ନାଇ ସୁପର୍ କିଙ୍ଗ୍‌ସ ପରସ୍ପର ସହ ଏପ୍ରିଲ ୨୩ ଓ ମେ ୨ରେ ଦୁଇଥର ସାମ୍ନାସାମ୍ନି ହେବେ । ଦ୍ୱିତୀୟ ଫେଜରେ ୮ଟି ଡବଲ୍ ହେଡର୍ ମ୍ୟାଚ୍ ରହିଛି । ଅପରାହ୍ଣ ମ୍ୟାଚଗୁଡ଼ିକ ୩ଟା ୩୦ରୁ ଏବଂ ରାତି ୭ଟା ୩୦ରୁ ଡବଲ୍ ହେଡର୍‌ର ଦ୍ୱିତୀୟ ମ୍ୟାଚ୍ ଆରମ୍ଭ ହେବ ।

ରାଜସ୍ଥାନ ରୟାଲ୍ସ, ପଞ୍ଜାବ କିଙ୍ଗ୍‌ସ ଓ ବେଙ୍ଗାଲୁରୁ ଦୁଇଟି ଲେଖାଏ ଘରୋଇ ଭେନ୍ୟୁ କରିଛନ୍ତି । ରାଜସ୍ଥାନ ଜୟପୁରର ସବାଇ ମାନସିଂ ବ୍ୟତୀତ ଗୌହାଟୀକୁ ଦ୍ୱିତୀୟ ଘରୋଇ ଭେନ୍ୟୁ କରିଛି । ଯେଉଁଠାରେ ଦଳ ୩ଟି ଲିଗ୍ ମ୍ୟାଚ୍ ଖେଳିବ । ସେହିଭଳି ପଞ୍ଜାବ ଧର୍ମଶାଳା ଓ ମୁଲାନପୁରକୁ ଘରୋଇ ଭେନ୍ୟୁ ଚୟନ କରିଛି । ବିରାଟ କୋହଲିଙ୍କ ବେଙ୍ଗାଲୁରୁ ମଧ୍ୟ ଏମ ଚିନ୍ନାସ୍ୱାମୀରେ ୫ଟି ଓ ଦ୍ୱିତୀୟ ଘରୋଇ ଗ୍ରାଉଣ୍ଡ ରାୟପୁରରେ ୨ଟି ମ୍ୟାଚ୍ ଖେଳିବ ବୋଲି ଜଣାପଡ଼ିଛି ।

# ହାଜ୍‌ଲେଉଡ୍ ପହଞ୍ଚିଲେ, ଆର୍‌ସିବି ଆଶ୍ୱସ୍ତ



ବେଙ୍ଗାଲୁରୁ, ୨୬ ।୩ (ଏଜେନ୍ସି): ଆରସିବି ପକ୍ଷରୁ ଆଇପିଏଲ୍ ଖେଳୁଥିବା ପ୍ରମୁଖ ଫାଷ୍ଟ ବୋଲର ଆହତ ସମସ୍ୟାରୁ ମୁକୁଳିବାକୁ ସଂଘର୍ଷ କରୁଥିବା ଜୋଶ ହାଜ୍‌ଲେଉଡ୍ ଆଜି ବେଙ୍ଗାଲୁରୁରେ ପହଞ୍ଚିଛନ୍ତି । ସେ ପହଞ୍ଚିବା ପରେ ଆର୍‌ସିବିର କର୍ମକର୍ତ୍ତା ଓ ସମର୍ଥକ ମାନେ ଆଶ୍ୱସ୍ତ ହୋଇଛନ୍ତି । ସେ ପହଞ୍ଚିବା ସତ୍ତ୍ୱେ ପ୍ରଥମ ଦୁଇଟି ମ୍ୟାଚ୍‌ରେ ଖେଳିବେ ନାହିଁ । କିମ୍ବା ସେ କେବେ ଖେଳିବେ ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ । ସୂଚନାରୁ ଜଣାଯାଇଛି, କ୍ରିକେଟ ଅଷ୍ଟ୍ରେଲିଆ ଫିଟ୍‌ନେସ୍ ସାର୍ଟିଫିକେଟ ନ ଦେଲାଯାଏ ହାଜ୍‌ଲେଉଡ୍ ଆଇପିଏଲ୍ ଖେଳିବେ ନାହିଁ ବୋଲି କୁହାଯାଉଛି । ଏଣୁ ଆର୍‌ସିବି ଏବେ ତାଙ୍କ ସ୍ଥାନରେ ନ୍ୟୁଜିଲାଣ୍ଡର ଜ୍ୟାକବ ଡଫିଙ୍କୁ ଖେଳାଇବ । ଚୂଡାନ୍ତ ଏକାଦେଶରେ ସ୍ଥାନ ପାଇବାକୁ ଆଶାୟୀ ଥିବା ନୁୱାନ୍ ଥୁସାରାଙ୍କୁ ଶ୍ରୀଲଙ୍କା କ୍ରିକେଟ ବୋଲି ଏନ୍‌ଓସି ଦେଇ ନାହିଁ । ବୋର୍ଡ ପକ୍ଷରୁ କରାଯାଇଥିବା ଫିଟ୍‌ନେସ ଟେଷ୍ଟରେ ସେ ପାସ କରିପାରି ନାହାନ୍ତି । ଏଣୁ ସେ କେବେ ଦଳ ସହ ଯୋଗଦେବେ ତାହା କହିବା ମୁସ୍କିଲ । ଦଳର ଅନ୍ୟତମ ପ୍ରମୁଖ ବୋଲର ଯଶ ଦୟାଲଙ୍କ ବିରୋଧରେ ଧର୍ଷଣ ଅଭିଯୋଗ ରହିଥିବାରୁ ସେ ଚଳିତ ସିଜନରେ ଆଇପିଏଲ୍ ଖେଳିବେ ନାହିଁ ବୋଲି ଆର୍‌ସିବି ସ୍ପଷ୍ଟ କରିଛି ।

■ ୨୦ ବର୍ଷରୁ କମ୍ ସାଫ୍ ଫୁଟବଲ୍

# ପାକିସ୍ତାନକୁ ହରାଇ ସେମିଫାଇନାଲରେ ଭାରତ

ନୂଆଦିଲ୍ଲୀ, ୨୬ ।୩ (ଏଜେନ୍ସି): ମାଳଦୀପରେ ଚାଲିଥିବା ୨୦ ବର୍ଷରୁ କମ୍ ସାଫ୍ ଚାମ୍ପିଅନସିପ୍‌ରେ ଭାରତୀୟ ଫୁଟବଲ୍ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି । ଗୁରୁବାର ଅନୁଷ୍ଠିତ ଗ୍ରୁପ୍-ବି'ର ଏକ ମ୍ୟାଚରେ ଭାରତୀୟ ଯୁବ ଦଳ ୩-୦ ଗୋଲରେ ପାକିସ୍ତାନକୁ ହରାଇଦେଇଛି । ମ୍ୟାଚର ଦ୍ୱିତୀୟ ମିନିଟରେ ଭାରତ ପକ୍ଷରୁ ବିଶାଳ ଯାଦବ ପ୍ରଥମ ଗୋଲ୍‌ସ୍କୋର କରିଥିଲେ । ଏହାପରେ ଦ୍ୱିତୀୟାର୍ଦ୍ଧରେ ଓମାଙ୍ଗ ଡୋଡୁମ ଦୁଇଟି ଗୋଲ୍ ଦେଇଥିଲେ । ସେ ୬୩ତମ ମିନିଟରେ ପ୍ରଥମ ଓ ୮୭ତମ ମିନିଟରେ ଅନ୍ୟ ଗୋଲଟି ସ୍କୋର କରିଥିଲେ । ବିଜୟ ସହ ଭାରତ ୩ ପଏଣ୍ଟ ପାଇ ଖାତା ଖୋଲିବା ସହ ସେମିଫାଇନାଲରେ ସ୍ଥାନ ପକ୍କା କରିଛି । ଅପରପକ୍ଷରେ ପୂର୍ବରୁ ବାଂଲାଦେଶ ନିକଟରୁ ହାରିଥିବା ପାକିସ୍ତାନ ଏଥିସହ ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଛି । ଭାରତ ଏହାର ଅନ୍ତିମ ତଥା ୨ୟ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚରେ ଶନିବାର ବାଂଲାଦେଶକୁ ଭେଟିବ ।

ବିସିସିଆଇର ୨୦୨୬-୨୭ ଘରୋଇ ଖେଳସୂଚୀ; ୧୭ ଭେନ୍ୟୁରେ ୨୨ ମ୍ୟାଚ୍

# କଟକରେ ଭାରତ-ଶ୍ରୀଲଙ୍କା ଟି-୨୦



ନୂଆଦିଲ୍ଲୀ,୨୬।୩(ଏଜେନ୍ସି)

ବିସିସିଆଇ (ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ) ପକ୍ଷରୁ ୨୦୨୬-୨୦୨୭ର ଘରୋଇ ସିଜନ ଲାଗି ଟିମ୍ ଇଣ୍ଡିଆର ଖେଳସୂଚୀ ଚୂଡାନ୍ତ କରାଯାଇଛି । ଏହି ସିଜନରେ ଟିମ୍ ଇଣ୍ଡିଆ ୧୭ଟି ଭେନ୍ୟୁରେ ୨୨ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି । ଏହି ୨୨ଟି ମ୍ୟାଚ୍ ମଧ୍ୟରେ ୯ଟି ଦିନିକିଆ, ୮ଟି ଟି-୨୦ ଓ ୫ଟି ଟେଷ୍ଟ ମ୍ୟାଚ୍ ଅନ୍ତର୍ଭୁକ୍ତ । ସେପ୍ଟମ୍ବର ୨୭ରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇ ୨୦୨୭ ସେପ୍ଟେମ୍ବର ୨୭ରେ ଶେଷ ହେବ । ଏହି ସମୟ ମଧ୍ୟରେ ୪ଟି ଦେଶ ଯଥା ୱେଷ୍ଟଇଣ୍ଡିଜ୍, ଶ୍ରୀଲଙ୍କା, ଜିମ୍ବାୱେ ଭାରତ ଗସ୍ତରେ ଆସିବେ । ଚଳିତ ସିଜନରେ ବା ଆଇପିଏଲ୍ ଶେଷ ହେବା ପରେ ପରେ ଆଫଗାନିସ୍ତାନ ଭାରତ ଗସ୍ତରେ ଆସି ଗୋଟିଏ ଟେଷ୍ଟ ଓ ୩ଟି ଦିନିକିଆ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି । ଏହି ଗସ୍ତସୂଚୀ ୨୦୨୫-୨୬ ସିଜନରେ ଅନ୍ତର୍ଭୁକ୍ତ । ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ପଞ୍ଜାବର ନୂଆ ଷ୍ଟାଡିୟମ ମୋହାଲିସ୍ଥିତ ମୁଲାନପୁରରେ, ଦିନିକିଆ ମ୍ୟାଚ୍ ଗୁଡ଼ିକ ଧର୍ମଶାଳା, ଲକ୍ଷ୍ନୌ ଓ ଚେନ୍ନଇରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି । ଏହାକୁ ମିଶାଇରେ ଆଇପିଏଲ୍ ପରେ ଓ ୨୦୨୬-୨୭ ସିଜନ ଶେଷ ସୁଦ୍ଧା ଘରୋଇ ମାଟିରେ ଟିମ୍ ଇଣ୍ଡିଆ ୧୨ ଦିନିକିଆ, ୮ ଟି-୨୦ ଓ ୬ ଟେଷ୍ଟ ଖେଳିବାର କାର୍ଯ୍ୟକ୍ରମ ରହିଛି ।

**ୱେଷ୍ଟଇଣ୍ଡିଜ୍ ଟୁର୍** : ୨୦୨୬-୨୭ ଘରୋଇ ମାଟିରେ ୱେଷ୍ଟଇଣ୍ଡିଜ୍ ପ୍ରଥମ ଟୁର୍‌ରେ ଆସିବ । ସେପ୍ଟେମ୍ବର ୨୭ରୁ ଆରମ୍ଭ ହେବାକୁ ଥିବା ଏହି ଟୁର୍‌ରେ ୩ଟି ଦିନିକିଆ ଓ ୫ଟି ଟି-୨୦ ମ୍ୟାଚ୍ ଖେଳାଯିବ । ଦିନିକିଆ ମ୍ୟାଚ୍ ଗୁଡିକ ଯଥାକ୍ରମେ ତ୍ରିଭାନ୍ଦ୍ରମ, ଗୌହାଟୀ ଓ ନ୍ୟୁ ଚଣ୍ଡିଗଡ଼ ବା ମୁଲାନପୁରରେ ଖେଳାଯିବ । ଟି-୨୦ ମ୍ୟାଚ୍ ଗୁଡିକ ଲକ୍ଷ୍ନୌ, ରାଞ୍ଚି, ଇନ୍ଦୋର, ହାଇଦରାବାଦ୍ ଓ ବେଙ୍ଗାଲୁରୁରେ ଆୟୋଜିତ ହେବ ।

**ଡିସେମ୍ବରରେ ଶ୍ରୀଲଙ୍କା ସିରିଜ୍** : ୨୦୨୬ ବର୍ଷ ଶେଷରେ ଶ୍ରୀଲଙ୍କା ଦଳ ଏକ ସୀମିତ ଓଭର ସିରିଜ୍ ଖେଳିବାକୁ ଭାରତ ଗସ୍ତରେ ଆସିବ । ଏହି ସିରିଜ୍‌ରେ ୩ଟି ଦିନିକିଆ ଓ ୩ଯି ଟି-୨୦ ମ୍ୟାଚ୍ ଖେଳାଯିବ । ଦିନିକିଆ ମ୍ୟାଚ୍ ଗୁଡିକ ଦିଲ୍ଲୀ, ବେଙ୍ଗାଲୁରୁ ଓ ଅହମ୍ମଦାବାଦ୍‌ରେ ଓ ଟି-୨୦ ମ୍ୟାଚ୍ ଗୁଡ଼ିକ ରାଜକୋଟ, କଟକ ଓ ପୁଣେରେ ଖେଳାଯିବ ।

**ନୂଆ ବର୍ଷରେ ଜିମ୍ବାୱେ** : ନୂଆବର୍ଷ ବା ୨୦୨୭ରେ ଜିମ୍ବାୱେ ପ୍ରଥମ ଦଳ ଭାବେ ଭାରତ ଗସ୍ତରେ ଆସିବ । ଏହି ଗସ୍ତରେ ଦଳ ୩ଟି ଦିନିକିଆ ମ୍ୟାଚ୍ କୋଲକାତା, ହାଇଦରାବାଦ୍ ଓ ମୁମ୍ବଇରେ ଖେଳିବ । ଟିମ୍ ଇଣ୍ଡିଆର ନୂଆବର୍ଷ ଏହି ଗସ୍ତରୁ ଆରମ୍ଭ ହେବ ।

**ଅଷ୍ଟ୍ରେଲିଆ ଖେଳିବ ଟେଷ୍ଟ ସିରିଜ୍** : ଟିମ୍ ଇଣ୍ଡିଆର ଘରୋଇ ସିଜନ ବର୍ଡର-ଗାଭାସ୍କର ଟ୍ରଫି ସହ ଶେଷ ହେବ । ଜାନୁଆରୀ ୨୧ରୁ ଆରମ୍ଭ ହେବାକୁ ଥିବା ଏହି ସିରିଜ୍‌ରେ ୫ଟି ଟେଷ୍ଟ ଖେଳାଯିବ । ଟେଷ୍ଟ ମ୍ୟାଚ୍ ଗୁଡିକ ନାଗପୁର, ଚେନ୍ନଇ, ଗୌହାଟୀ, ରାଞ୍ଚି ଓ ଅହମ୍ମଦାବାଦ୍‌ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି ।

## ଡିସେମ୍ବର ୨୪ରେ ବାରବାଟୀ ମୁକାବିଲା

ଏହି ସିଜନରେ କଟକର ବାରବାଟୀ ଷ୍ଟାଡିୟମ୍‌ରେ ଗୋଟିଏ ଟି-୨୦ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି । ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯିବାକୁ ଥିବା ଏହି ମୁକାବିଲା ଡିସେମ୍ବର ୨୪ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି । ୨୦୨୫ରେ ବାରବାଟୀ ୨ଟି ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନର ଅଧିକାର ପାଇଥିଲା । ଫେବୃଆରୀ ୯ରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଏକ ଟି-୨୦ ମ୍ୟାଚ୍ ଆୟୋଜିତ ହୋଇଥିଲା । ଏହା ପରେ ଡିସେମ୍ବର ୯ ତାରିଖ ଦିନ ଭାରତ ଓ ଇଂଲଣ୍ଡ ମଧ୍ୟରେ ଏକ ଦିନିକିଆ ମ୍ୟାଚ୍ ଖେଳାଯାଇଥିଲା । ଏହାର ବର୍ଷକ ପରେ ପୁଣିଥରେ ବାରବାଟୀକୁ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନର ସୁଯୋଗ ମିଳିଛି ।

## ଭାରତର ଘରୋଇ ଖେଳସୂଚୀ

**ଆଫଗାନିସ୍ତାନ (୧ଟେଷ୍ଟ, ୩ଦିନିକିଆ)**

| ତାରିଖ | ଫର୍ମାଟ | ଭେନ୍ୟୁ |
|---|---|---|
| ଜୁନ୍ ୬ରୁ୧୦ | ଟେଷ୍ଟ | ମୁଲାନପୁର |
| ଜୁନ୍ ୧୪ | ପ୍ରଥମ ଦିନିକିଆ | ଧର୍ମଶାଳା |
| ଜୁନ୍ ୧୭ | ଦ୍ୱିତୀୟ ଦିନିକିଆ | ଲକ୍ଷ୍ନୌ |
| ଜୁନ୍ ୨୦ | ତୃତୀୟ ଦିନିକିଆ | ଚେନ୍ନଇ |

**୨୦୨୬-୨୭ ସିଜନ**

**ୱେଷ୍ଟଇଣ୍ଡିଜ୍ ଟୁର୍ (୩ଦିନିକିଆ, ୫ଟି-୨୦)**

| ତାରିଖ | ଫର୍ମାଟ | ଭେନ୍ୟୁ |
|---|---|---|
| ସେପ୍ଟେମ୍ବର ୨୭ | ପ୍ରଥମ ଦିନିକିଆ | ତ୍ରିଭାନ୍ଦ୍ରମ୍ |
| ସେପ୍ଟେମ୍ବର ୩୦ | ଦ୍ୱିତୀୟ ଦିନିକିଆ | ଗୌହାଟୀ |
| ଅକ୍ଟୋବର ୦୩ | ତୃତୀୟ ଦିନିକିଆ | ମୁଲାନପୁର |
| ଅକ୍ଟୋବର ୦୬ | ପ୍ରଥମ ଟି-୨୦ | ଲକ୍ଷ୍ନୌ |
| ଅକ୍ଟୋବର ୦୯ | ଦ୍ୱିତୀୟ ଟି-୨୦ | ରାଞ୍ଚି |
| ଅକ୍ଟୋବର ୧୧ | ତୃତୀୟ ଟି-୨୦ | ଇନ୍ଦୋର |
| ଅକ୍ଟୋବର ୧୪ | ଚତୁର୍ଥ ଟି-୨୦ | ହାଇଦରାବାଦ୍ |
| ଅକ୍ଟୋବର ୧୭ | ପଞ୍ଚମ ଟି-୨୦ | ବେଙ୍ଗାଲୁରୁ |

**ଶ୍ରୀଲଙ୍କା ଟୁର୍ (୩ ଦିନିକିଆ, ୩ ଟି-୨୦)**

| ତାରିଖ | ଫର୍ମାଟ | ଭେନ୍ୟୁ |
|---|---|---|
| ଡିସେମ୍ବର ୧୩ | ପ୍ରଥମ ଦିନିକିଆ | ଦିଲ୍ଲୀ |
| ଡିସେମ୍ବର ୧୬ | ଦ୍ୱିତୀୟ ଦିନିକିଆ | ବେଙ୍ଗାଲୁରୁ |
| ଡିସେମ୍ବର ୧୯ | ତୃତୀୟ ଦିନିକିଆ | ଅହମ୍ମଦାବାଦ୍ |
| ଡିସେମ୍ବର ୨୨ | ପ୍ରଥମ ଟି-୨୦ | ରାଜକୋଟ |
| ଡିସେମ୍ବର ୨୪ | ଦ୍ୱିତୀୟ ଟି-୨୦ | କଟକ |
| ଡିସେମ୍ବର ୨୭ | ତୃତୀୟ ଟି-୨୦ | ପୁଣେ |

**ଜିମ୍ବାୱେ ଟୁର୍ (୩ ଦିନିକିଆ)**

| ତାରିଖ | ଫର୍ମାଟ | ଭେନ୍ୟୁ |
|---|---|---|
| ଜାନୁଆରୀ ୦୩ | ପ୍ରଥମ ଦିନିକିଆ | କୋଲକାତା |
| ଜାନୁଆରୀ ୦୬ | ଦ୍ୱିତୀୟ ଦିନିକିଆ | ହାଇଦରାବାଦ୍ |
| ଜାନୁଆରୀ ୦୯ | ତୃତୀୟ ଦିନିକିଆ | ମୁମ୍ବଇ |

**ଅଷ୍ଟ୍ରେଲିଆ ଟୁର୍ (୫ ଟେଷ୍ଟ)**

| ତାରିଖ | ଫର୍ମାଟ | ଭେନ୍ୟୁ |
|---|---|---|
| ୨୧ରୁ ୨୫।୧ | ପ୍ରଥମ ଟେଷ୍ଟ | ନାଗପୁର |
| ୨୯।୧ରୁ ୨।୨ | ଦ୍ୱିତୀୟ ଟେଷ୍ଟ | ଚେନ୍ନଇ |
| ୧୧।୨ରୁ ୧୫।୨ | ତୃତୀୟ ଟେଷ୍ଟ | ଗୌହାଟୀ |
| ୧୯।୨ରୁ ୨୩।୨ | ଚତୁର୍ଥ ଟେଷ୍ଟ | ରାଞ୍ଚି |
| ୨୭।୨ରୁ ୩।୩ | ପଞ୍ଚମ ଟେଷ୍ଟ | ଅହମ୍ମଦାବାଦ୍ |

# ଜାତୀୟ ସିନିଅର ମହିଳା ହ୍ୟାଣ୍ଡବଲ୍‌ରେ ଭାଗନେବ ୧୮ ଜଣିଆ ଓଡ଼ିଶା ଦଳ

ଭୁବନେଶ୍ୱର, ୨୬ ।୩ (ସମିସ): ଜାତୀୟ ସିନିଅର ମହିଳା ହ୍ୟାଣ୍ଡବଲ୍ ଚାମ୍ପିଅନସିପ୍‌ର ୫୪ତମ ସଂସ୍କରଣ ଉତ୍ତରପ୍ରଦେଶର ବରେଲୀଠାରେ ମାର୍ଚ୍ଚ ୩୦ରୁ ୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏଥିରେ ଜ୍ୟୋତି ପାତ୍ରଙ୍କ ନେତୃତ୍ୱରେ ଓଡ଼ିଶାର ୧୮ ଜଣିଆ ଦଳ ଅଂଶଗ୍ରହଣ କରିବ । ଓଡ଼ିଶା ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ଅଧିନାୟିକା ଜ୍ୟୋତି ପାତ୍ର, ଅଙ୍କିତା ବାରିକ, ସନ୍ଧ୍ୟାରାଣୀ ଦାସ, କସ୍ତୁରୀ ପ୍ରଧାନ, ସୋନମ ପ୍ରତିହାରୀ, ସ୍ୱପ୍ନେଶ୍ୱରୀ ଦାସ, ବର୍ଷା ସେଠୀ, ସଞ୍ଜନା ସ୍ୱାଇଁ, ଅଙ୍କିତା ପଟ୍ଟନାୟକ, ପୂଜା ସ୍ୱାଇଁ, ଆଦ୍ୟାଶା ଦାସ, ସୁନିତା ମହନ୍ତ, ରାଜଲକ୍ଷ୍ମୀ ନାୟକ, ଅଙ୍କିତା ସାହୁ, ବିଜୟଲକ୍ଷ୍ମୀ ପ୍ରଧାନ, ସମୀକ୍ଷା ମଣ୍ଡଳ, ରଣିକାର୍ଣ୍ଣ ରାଉତ, ମାନସୀ ପ୍ରଧାନ, କୋଚ ବିଶ୍ୱରଞ୍ଜନ ପାତ୍ର, ମ୍ୟାନେଜର ଗୀତାଞ୍ଜଳି ଦାସ ଓ ବର୍ଷା ପ୍ରିୟଦର୍ଶିନୀ ବାରିକ ଦଳ ସହ ବରେଲି ଯାତ୍ରା କରିଛନ୍ତି । ଏହି ଅବସରରେ ଓଡ଼ିଶା ହ୍ୟାଣ୍ଡବଲ ସଂଘର ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ଇଂ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ, କୋଚ୍ ଗୌରୀ ଶଙ୍କର ମିଶ୍ର, ଗୋପାଳଚନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ।

ଖେଲୋ ଇଣ୍ଡିଆ ଆଦିବାସୀ କ୍ରୀଡ଼ା

# ଝିଲ୍ଲୀଙ୍କୁ ସ୍ୱର୍ଣ୍ଣ; ଭାରୋତ୍ତୋଳନରୁ ୩ ପଦକ

ଭୁବନେଶ୍ୱର, ୨୬ ।୩ (ସମିସ): ଛତିଶଗଡ଼ର ରାୟପୁରରେ ଚାଲିଥିବା ପ୍ରଥମ ଖେଲୋ ଇଣ୍ଡିଆ ଆଦିବାସୀ କ୍ରୀଡ଼ାରେ ଓଡ଼ିଶାର ପ୍ରତିଯୋଗୀଙ୍କ ପଦକ ବିଜୟଧାରା ଜାରି ରହିଛି । ଦ୍ୱିତୀୟ ଦିବସରେ ଗୁରୁବାର ଅଞ୍ଜଳି ମୁଣ୍ଡା ସନ୍ତରଣରେ ୩ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ସେହିଭଳି ଓଡ଼ିଶାକୁ ଭାରୋତ୍ତୋଳନ କ୍ରୀଡ଼ାରୁ ୩ଟି ପଦକ ମିଳିଛି । ଯେଉଁଥିରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ରହିଛି । ଝିଲ୍ଲୀ ଦଳବେହେରା ରାଜ୍ୟ ପାଇଁ ସ୍ୱର୍ଣ୍ଣିମ ସଫଳତା ଆଣିଛନ୍ତି । ଝିଲ୍ଲୀ ମହିଳା ୫୩ କିଗ୍ରା ବର୍ଗରେ ପ୍ରଥମ ସ୍ଥାନରେ ରହିଥିଲେ । ସେହିଭଳି ମହିଳା ୪୮ କିଗ୍ରା ଓଜନବର୍ଗରେ ଦୀପାରାଣୀ ମଲ୍ଲିକ ପୋଡିୟମର ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ବିଜୟୀ ହୋଇଛନ୍ତି । ତୃତୀୟ ତଥା କାଂସ୍ୟ ପଦକଟି ସୁବ୍ରତ କୁମାର ନାୟକ ଜିତିଛନ୍ତି । ପୁରୁଷ ୬୦ କିଗ୍ରା ବର୍ଗରେ ୩ୟ ସ୍ଥାନରେ ରହି ସୁବ୍ରତ ଏହି ସଫଳତା ପାଇଛନ୍ତି । ଏଥିପୂର୍ବରୁ ଦିବସରେ ବୁଧବାର ଓଡ଼ିଶା ସନ୍ତରଣରେ ୪ଟି ପଦକ ଜିତିଥିଲା ।



ଅଞ୍ଜଳି ମୁଣ୍ଡା



ଝିଲ୍ଲୀ ଦଳବେହେରା



ଦୀପାରାଣୀ ମଲ୍ଲିକ

ଓସିଏ କ୍ଲବ୍ କ୍ରିକେଟ

# ଶ୍ରେୟାଂସ, ଆୟୁଷଙ୍କ ଶତକ ବେକାର; ଓଜିପି ପରାସ୍ତ




ଭୁବନେଶ୍ୱର, ୨୬ ।୩ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା କ୍ଲବ ଟୁର୍ଣ୍ଣାମେଣ୍ଟର ଫେଜ୍-୨ ପର୍ଯ୍ୟାୟ ୪ଟି ମ୍ୟାଚ୍ ଗୁରୁବାର ଖେଳାଯାଇଥିଲା । ଏଥିରେ କିଶୋର କ୍ଲବ, ବାରବାଟୀ କଲଚୁରାଲ ୟୁନିୟନ, ମଙ୍ଗଳା କ୍ଲବ ଓ ରୟାଲ କ୍ଲବ ବିଜୟୀ ହୋଇଛି । ସନ୍‌ସାଇନ ଗ୍ରାଉଣ୍ଡରେ ଅନୁଷ୍ଠିତ ଏକ ମ୍ୟାଚରେ ଶ୍ରେୟାଂସ ଭରଦ୍ୱାଜ (୧୪୬) ଓ ଆୟୁଷ ବାରିକ (୧୧୨) ଶତକୀୟ ପାଳି ଖେଳିଥିଲେ । କିନ୍ତୁ ତାଙ୍କ ଦଳ ଓଜିପି କ୍ଲବ ୧ ୱିକେଟରେ ବାରବାଟୀ ନିକଟରୁ ପରାସ୍ତ ହୋଇଥିଲା । ୩୧୩ ରନର ଟାର୍ଗେଟକୁ ବାରବାଟୀ ଦଳ ୪୯.୩ ଓଭରରେ ୯ ୱିକେଟ୍ ହରାଇ ହାସଲ କରିନେଇଥିଲା । ବିଜୟୀ ଦଳର ଅନିରୁଦ୍ଧ ଶ୍ରୀବାସ୍ତବ (୬୫ ରନ) ଶ୍ରେଷ୍ଠ ଖେଳାଳି ହୋଇଥିଲେ । ସେହିଭଳି ଡ୍ରିମ୍ସ ଗ୍ରାଉଣ୍ଡରେ କିଶୋର କ୍ଲବ ୬ ୱିକେଟରେ ଟାଉନ କ୍ଲବକୁ, ବାରବାଟୀ ଷ୍ଟାଡିୟମରେ ମଙ୍ଗଳା କ୍ଲବ ୪୫ ରନରେ ରାଇଜିଂ ଷ୍ଟାରକୁ ଏବଂ ରେଭେନସା ଗ୍ରାଉଣ୍ଡ-୧ରେ ରୟାଲ୍ କ୍ଲବ ୪ ୱିକେଟରେ ଜୟଦୁର୍ଗା କ୍ଲବକୁ ପରାସ୍ତ କରିଛି । ରୟାଲ୍ କ୍ଲବର ଅଙ୍କିତ ଚୌଧୁରୀ (୫ ୱିକେଟ), ମଙ୍ଗଳା କ୍ଲବର ନୌତମ ଭଞ୍ଜ (୨ ୱିକେଟ ଓ ୪୦ ରନ) ଏବଂ କିଶୋର କ୍ଲବର ନୟନ ଗୁପ୍ତା (୫ ୱିକେଟ) ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ।

# ସରେ ପାଇଁ ୮ଟି କାଉଣ୍ଟି ମ୍ୟାଚ୍ ଖେଳିବେ ଚହର

ନୂଆଦିଲ୍ଲୀ, ୨୬ ।୩ (ଏଜେନ୍ସି): ଭାରତୀୟ ସ୍ପିନର ରାହୁଲ ଚହର କାଉଣ୍ଟି କ୍ରିକେଟ୍ କ୍ଲବ ସରେ ପକ୍ଷରୁ ପୁଣିଥରେ ମ୍ୟାଚ୍ ଖେଳିବେ । ଆଗାମୀ କାଉଣ୍ଟି ସିଜନରେ ସେ ୮ଟି ମ୍ୟାଚ୍ ସରେ ପକ୍ଷରୁ ଖେଳିବେ । ଜୁନ ୭ରେ ହାମ୍ପଶାୟର ବିପକ୍ଷରେ ଖେଳି ରାହୁଲ କାଉଣ୍ଟିରେ ତାଙ୍କ ଅଭିଯାନ ଆରମ୍ଭ କରିବେ । ରାହୁଲ ସରେ ପାଇଁ ଗତବର୍ଷ ସେପ୍ଟେମ୍ବରରେ ପଦାର୍ପଣ କରି ମାତ୍ର ଗୋଟିଏ ମ୍ୟାଚ୍ ଖେଳିବାରେ ସମର୍ଥ ହୋଇଥିଲେ । ପଦାର୍ପଣ ମ୍ୟାଚର ଦ୍ୱିତୀୟ ପାଳିରେ ସେ ୫୧ ରନ ବ୍ୟୟରେ ୮ଟି ୱିକେଟ୍ ସଫଳତା ପାଇଥିଲେ । ଯାହାକି ସରେ ପାଇଁ ପଦାର୍ପଣରେ ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ ରହିଥିଲା । ରାହୁଲ ଏବେ ଆଇପିଏଲ୍‌ରେ ବ୍ୟସ୍ତ ରହିବେ । ସେ ଚେନ୍ନାଇ ସୁପର୍ କିଙ୍ଗ୍‌ସ ପକ୍ଷରୁ ଆଗାମୀ ୧୯ତମ ସିଜନରେ ଖେଳିବେ ।

ଜାତୀୟ ପାରା ଅସିଚାଳନା

# ୨ ଦିନରେ ଓଡ଼ିଶାକୁ ୬ ସ୍ୱର୍ଣ୍ଣ




ଭୁବନେଶ୍ୱର,୨୬।୩(ସମିସ)

ରାଜସ୍ଥାନର ଜୟପୁରଠାରେ ଚାଲିଥିବା ଜାତୀୟ ପାରା ଅସିଚାଳନା ପ୍ରତିଯୋଗିତାରେ ଓଡ଼ିଶା ଦଳର ସଫଳତା ହାସଲ ଅବ୍ୟାହତ ରହିଛି । ଏହି ପ୍ରତିଯୋଗିତାର ୨ ଦିନ ଶେଷରେ ଓଡ଼ିଶାକୁ ୬ ସ୍ୱର୍ଣ୍ଣ ଓ ୬ଟି କାଂସ୍ୟ ପଦକ ମିଳିଛି । ଆଜି ଅନୁଷ୍ଠିତ ଇଭେଣ୍ଟ ମଧ୍ୟରୁ ଓଡ଼ିଶା ଦଳ କାଂସ୍ୟରୁ ପଦକ ଅଭିଯାନ ଆରମ୍ଭ କରିଥିଲା । ମହିଳା ଫଏଲ କାଟେଗୋରୀରେ ବି ନର୍ମଦା ସିଂ ସେମିଫାଇନାଲରେ ପରାଜିତ ହୋଇ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲା । କିନ୍ତୁ ଏହି କାଟାଗୋରୀର ମହିଳା ଦଳଗତ ଇଭେଣ୍ଟରେ ଓଡ଼ିଶା ସ୍ୱର୍ଣ୍ଣ ପଦକ ଜିତିଥିଲା । ଆଶା ସିଂ, କୁମାରୀ ମାଳତୀ ପାନୁରେ, ଶିଳା ମନ୍ତ୍ରୀ ଓ ମଧୁସ୍ମିତା ସାହୁ ସ୍ୱର୍ଣ୍ଣ ବିଜୟୀ ଦଳର ସଦସ୍ୟ ରହିଥିଲେ । ମହିଳା ସହ ପୁରୁଷ ଦଳ ମଧ୍ୟ ସ୍ୱର୍ଣ୍ଣପଦକ କବ୍‌ଜା କରିଥିଲା । ଏହି ଦଳରେ ଓମ୍‌ପ୍ରକାଶ ବେହେରା, ପୂର୍ଣ୍ଣଚନ୍ଦ୍ର ସେଠୀ, ରାଖାଲ କୁମାର ସେଠୀ ଓ ଭି ରମେଶ ରାଓ ସଦସ୍ୟ ରହିଥିଲେ । ରାଖାଲ କୁମାର ସେଠୀ ମଧ୍ୟ ଏହି ଇଭେଣ୍ଟର ବ୍ୟକ୍ତିଗତ ବିଭାଗରେ ସ୍ୱର୍ଣ୍ଣ ପଦକ କବ୍‌ଜା କରିଥିଲେ । ଭି. ରମେଶ ରାଓଙ୍କୁ କାଂସ୍ୟ ପଦକ ମିଳିଥିଲା । ପୁରୁଷ ଫଏଲ କାଟାଗୋରୀ-ବି'ରେ ଓମ୍‌ପ୍ରକାଶ ବେହେରା ସ୍ୱର୍ଣ୍ଣ ଓ ଓମ୍‌ଙ୍କଠାରୁ ସେମିଫାଇନାଲରେ ପରାଜିତ ରାହୁଲ ମଲିକ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ । ଏହା ଫଳରେ ୬ଟି ସ୍ୱର୍ଣ୍ଣ ସହ ଓଡ଼ିଶା ଦଳର ପାରା ଅସିଚାଳକମାନେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଯାଉଛନ୍ତି । ଆସନ୍ତାକାଲି ଏହି ପ୍ରତିଯୋଗିତା ଉଦ୍‌ଯାପିତ ହେବ ।

# ମିଆମି ଓପନ୍ ସେମିରେ ରିବାକିନା

ଫ୍ଲୋରିଡା, ୨୬ ।୩ (ଏଜେନ୍ସି): କାଜାଖସ୍ତାନର ଟେନିସ ତାରକା ଏଲିନା ରିବାକିନା ଏଠାରେ ଚାଲିଥିବା ମିଆମି ଓପନ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି । ଗୁରୁବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ମୁକାବିଲାରେ ରିବାକିନା ୨-୬, ୬-୩, ୬-୪ ସେଟରେ ଘରୋଇ ଆମେରିକାର ଜେସିକା ପେଗୁଲାଙ୍କୁ ପରାସ୍ତ କରିଥିଲେ । ଏଥିସହ ଅଷ୍ଟ୍ରେଲିଆନ୍ ଓପନ୍ ଚାମ୍ପିଅନ ରିବାକିନା କ୍ରମାଗତ ୫ମଥର ଲାଗି ଏହି ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପହଞ୍ଚିଛନ୍ତି । ଆରିନା ସାବାଲେଙ୍କା ଓ ରିବାକିନାଙ୍କ ମଧ୍ୟରେ ସେମିଫାଇନାଲ ଲଢ଼େଇ ହେବ । ସେହିଭଳି ଅନ୍ୟ ଏକ କ୍ୱାର୍ଟରରେ ଆମେରିକାର କୋକୋ ଗଫ୍ ୬-୩, ୧-୬, ୬-୩ ସେଟରେ ବେଲିଣ୍ଡା ବେନିକଙ୍କୁ ହରାଇ ଅଗ୍ରଗତି କରିଛନ୍ତି ।

ଏଲ୍‌ଏଲ୍‌ସିସି କପ୍ କ୍ରିକେଟ

# ପାରାମାଉଣ୍ଟ-ରେଡ୍ ଷ୍ଟାର ସେମିଫାଇନାଲ



ଭୁବନେଶ୍ୱର,୨୬।୩(ସମିସ): ଭୁବନେଶ୍ୱରର ଦୁଇ ଦଳ ପାରାମାଉଣ୍ଟ ସ୍ପୋର୍ଟିଂ ଓ ୟୁନିଟ୍-୬'ର ରେଡ୍‌ଷ୍ଟାର ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମୁକାବିଲା ଶନିବାର ଖେଳାଯିବ । ଆଜି ଖେଳାଯାଇଥିବା ଏଲ୍‌ଏଲ୍‌ସିସି କପ୍ ୧୪ ବର୍ଷରୁ କମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ତଥା ଶେଷ କ୍ୱାର୍ଟରଫାଇନାଲରେ ଏମ୍‌ସିଏକୁ ୯ ୱିକେଟରେ ପରାସ୍ତ କରି ପାରାମାଉଣ୍ଟ ସ୍ପୋର୍ଟିଂ ଚତୁର୍ଥ ତଥା ଶେଷ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି । ଆସନ୍ତାକାଲି ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ସହିଦ୍ ସ୍ପୋର୍ଟିଂ ସହ ଆୟୋଜକ ଏଲ୍‌ଏଲ୍‌ସିସି-ଏ'ର ମୁକାବିଲା ହେବ । ଆଜିର ମ୍ୟାଚ୍‌ରେ ୫୫ ବଲ୍‌ରୁ ଅପରାଜିତ ୬୫ ରନ୍ କରିବା ସହ ୨ଟି ୱିକେଟ ନେଇଥିବା ଆୟୁଷ୍ମାନ୍ ପାତ୍ରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । ଆର୍ଣ୍ଣସ କନ୍‌ଷ୍ଟ୍ରକସନର ଏମ୍‌ଡି ରିଷି ନାୟକ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ ।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଏମ୍‌ସିଏ ୩୫ ଓଭରରେ ୧୨୭ ରନ୍ କରି ଅଲଆଉଟ ହୋଇଯାଇଥିଲା । ଦଳ ପକ୍ଷରୁ ଅଖିଳ ପ୍ରଧାନ ୪୪ ରନ କରିଥିଲେ । ଜବାବରେ ପାରାମାଉଣ୍ଟ ଗୋଟିଏ ୱିକେଟ ହରାଇ ବିଜୟୀ ହୋଇଥିଲା । ଆୟୁଷ୍ମାନଙ୍କ ସହ ସୁସଙ୍କେତ ରାଉତ ୫୬ ରନ୍‌ରେ ଅପରାଜିତ ରହିଥିଲେ ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS